- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-14 ◆TUESDAY ◆8 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪ ◆ମଙ୍ଗଳବାର ◆୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ରଥରେ ଲାଗିହେଲା ଅଧରପଣା

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



## ତିନିରଥରେ ଭଙ୍ଗାହେଲା ୯ ଅଧର ପଣା ହାଣ୍ଡି

■ **ପୁରୀ, ୭।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ମଙ୍ଗଳବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ସୋମବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ଧାର୍ଯ୍ୟ ସମୟ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ୧ଘଣ୍ଟା ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୧୦ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭଙ୍ଗା ଯାଇଥିଲା।

ସୋମବାର ଆଷାଢ଼ଶୁକ୍ଳ ଦ୍ୱାଦଶୀ। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୂର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏଁ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

### ବର୍ଷକରେ କଞ୍ଚା ତେଲ କମିଛି ୨୦ ଡଲାର: କମୁନି ପେଟ୍ରୋଲ-ଡିଜେଲ

# ୪୦ ଟଙ୍କାର ତେଲ ୧୦୧ରେ ବିକ୍ରି




**ତେଲ କମ୍ପାନୀ ଲାଭ ଲିଟର ପିଛା ୧୫ ଟଙ୍କା**

**୪୨ ଟଙ୍କା ଟିକସ ନେଉଛି କେନ୍ଦ୍ର ଓ ରାଜ୍ୟ**

**ପେଟ୍ରୋଲ ପମ୍ପ ମାଲିକଙ୍କ ଭାଗ ୩ରୁ ୪ ଟଙ୍କା**

■ **ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଅର୍ଥାତ୍ କ୍ରୁଡ୍ ଅଏଲ ମୂଲ୍ୟ ତଳମୁହାଁ। କ୍ରୁଡ୍ ଅଏଲର ମୂଲ୍ୟ ବ୍ୟାରେଲ ପିଛା ୬୬ ଡଲାରରେ ପହଞ୍ଚିଛି। ଆଗକୁ ଏହାର ମୂଲ୍ୟ ୬୦ ଡଲାର ତଳକୁ ଖସିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ଆନ୍ତର୍ଜାତୀୟସ୍ତରରେ ତୈଳ ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଉପଭୋକ୍ତା ଏଥିରୁ କୌଣସି ଲାଭ ପାଉ ନାହାନ୍ତି।

ବର୍ତ୍ତମାନର ମହଙ୍ଗା ବଜାର ଦରରେ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଠାରୁ ବଳିଯାଉଛି ଖାଉଟିଙ୍କ ତେଲ କଷ୍ଟ। ବିଡ଼ମ୍ବନା ହେଉଛି ପେଟ୍ରୋଲିୟମ ଉତ୍ପାଦ ଡିଜେଲ ଓ ପେଟ୍ରୋଲ ମୂଲ୍ୟର ଅଧାରୁ ଅଧିକ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ପେଟ୍ରୋଲିୟମ କମ୍ପାନୀର ଲାଭ ନେଇଯାଉଛି। ପ୍ରକ୍ରିୟାକରଣ ପରେ ଅଶୋଧିତ ତୈଳର ମୂଲ୍ୟ ପାଖାପାଖି ୫୦ ଟଙ୍କା ଥିବାବେଳେ ଖାଉଟି ଏହାକୁ ୧୦୧ ଟଙ୍କା ଦରରେ କ୍ରୟ କରୁଛି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲରେ ହାରାହାରି ଲିଟର ପିଛା ୧୫ ଟଙ୍କା ଲାଭ କରୁଛନ୍ତି। ଓଡ଼ିଶାରେ ଟିକସ ବାବଦରେ ୨୮% ଆଦାୟ କରାଯାଉଛି ଓ ଅନ୍ୟ ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ଟିକସ ହାର ଲାଗୁ ହୋଇଛି। ସେହିପରି କେନ୍ଦ୍ର ସରକାର ମଧ୍ୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ଟିକସ ଆଦାୟ କରୁଛନ୍ତି। ବିଡ଼ମ୍ବନା ହେଉଛି ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଖାଉଟି ପେଟ୍ରୋଲିୟମ ଟିକସ ▶ପୃଷ୍ଠା-୭

# ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ନବୀନ



**ଡାକ୍ତରୀ ଦଳ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଲେ ନବୀନ**

**କୃତଜ୍ଞତା ସହ ଦ୍ରୁତ ଆରୋଗ୍ୟ କାମନା କଲେ ହସ୍ପିଟାଲ କର୍ତ୍ତୃପକ୍ଷ**

■ **ଭୁବନେଶ୍ୱର, ୭।୭ (ସମିସ):** ସର୍ଭିକାଲ ଆଥ୍ରାଇଟିସ୍ ଅପରେସନ୍ ପରେ ଆଜି କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ସମୟରେ ସେଠାରେ ଉପସ୍ଥିତ ଥିବା ଡାକ୍ତର, ପାରା ମେଡିକାଲ ଷ୍ଟାଫ୍ ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହ ହାତ ମିଳାଇ ସେମାନଙ୍କ ଚିକିତ୍ସା ଓ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ଡାକ୍ତରଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ନବୀନଙ୍କ ସହ ଚାଲି ଚାଲି ଆସି ତାଙ୍କୁ ବାଟୋଇ ଦେଇଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ତେବେ ▶ପୃଷ୍ଠା-୭

### ବିଜେପି ରାଜ୍ୟ ସଭାପତି ପାଇଁ ଏକମାତ୍ର ନାମାଙ୍କନ ଦାଖଲ

# ମୁଖିଆ ହେବେ ମନମୋହନ



■ **ଭୁବନେଶ୍ୱର, ୭।୭ (ସମିସ):** ବିଗତ କିଛି ମାସ ଧରି ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ମନମୋହନ ସାମଲ ପୁନର୍ବାର ରାଜ୍ୟ ବିଜେପିର ସଭାପତି ହେବା ପଥ ପରିଷ୍କାର ହୋଇଛି। ରାଜ୍ୟ ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ଚତୁର୍ଥ ଥର ପାଇଁ ଶ୍ରୀ ସାମଲ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ଆପାତତଃ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ଆସନ୍ତାକାଲି ବିଧିବଦ୍ଧ ଭାବରେ ଦଳର ସଭାପତି ଭାବରେ ତାଙ୍କ ନାମ ଘୋଷଣା ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କ ସୂଚନା ଅନୁସାରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିଲା। ନିର୍ଦ୍ଧାରିତ ଅବଧି ▶ପୃଷ୍ଠା-୭

■ **ଅସୁରକ୍ଷିତ ଗଞ୍ଜାମ**

# ଘରୁ ଘୋଷାଡ଼ି ନେଇ ହତ୍ୟା



■ **ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୭।୭ (ସମିସ):** ଘରୁ ଘୋଷାଡ଼ି ନେଇ ହାଣିଦେଲେ। ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡ଼ିରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ସେହି ଗ୍ରାମର ଦିଲ୍ଲୀପ କୁମାର ପାତ୍ର(୪୭)। ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟାଣି ନେଇ ହତ୍ୟା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ୪ରୁ ୫ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ୍ ସନ୍ଦେହ ▶ପୃଷ୍ଠା-୭

# ୩ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ

■ **ଫୁଲବାଣୀ, ୭।୭(ସମିସ):** ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ବଡ଼ ସଫଳତା। ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ଦୁଇ ମହିଳା କ୍ୟାଡର ସମେତ ତିନିଜଣ ହାର୍ଡକୋର ମାଓବାଦୀ। ଏନେଇ ଆଜି କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଆତ୍ମସମର୍ପଣ ▶ପୃଷ୍ଠା-୭

## କ୍ୟାଡର୍ କର୍ମୀଙ୍କୁ ଦେହସୁଖ ନ ଦେଲେ ଶାରୀରିକ ଦଣ୍ଡ



■ **ଭୁବନେଶ୍ୱର, ୭।୭(ସମିସ):** ନବାଗତ ମହିଳା ମାଓବାଦୀଙ୍କଠାରୁ କ୍ୟାଡ଼ର ମାଓବାଦୀ ଲୋଡୁଥିଲେ ଦେହସୁଖ। ଯେଉଁମାନେ ସେମାନଙ୍କ କଥାରେ ରାଜି ହେଉ ନ ଥିଲେ ସେମାନଙ୍କୁ ଭୀଷଣ ଶାରୀରିକ ଦଣ୍ଡ ମିଳୁଥିଲା। କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଦୁଇ ମହିଳା ମାଓବାଦୀ ବଖାଣିଛନ୍ତି ଜଙ୍ଗଲ ଯନ୍ତ୍ରଣାର କରୁଣ କାହାଣୀ। ▶ପୃଷ୍ଠା-୭

**ଗଞ୍ଜାମରେ ଝାଡ଼ାବାନ୍ତି**

# ୨ ମୃତ, ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ


■ **ବ୍ରହ୍ମପୁର/ଦିଗପହଣ୍ଡି, ୭।୭(ସମିସ):** ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ଝାଡ଼ାବାନ୍ତି ଧୀରେଧୀରେ ବ୍ୟାପିବାରେ ଲାଗିଛି। ପ୍ରଥମେ ଦିଗହପଣ୍ଡି ବ୍ଲକରୁ ଏହା ଆରମ୍ଭ ହୋଇଥିବା ବେଳେ ସମ୍ପ୍ରତି ପାତ୍ରପୁର ବ୍ଲକରେ ମଧ୍ୟ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, ଜିଲ୍ଲାର ବିଭିନ୍ନ ମେଡ଼ିକାଲରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ସମୟରେ ଲୋକେ ଚିକିତ୍ସିତ ହେଉଥିବା ମଧ୍ୟ ଜଣାଯାଇଛି। ଏଭଳି ସ୍ଥଳେ ଦିଗପହଣ୍ଡି ବ୍ଲକ ଏସ୍.ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତକାଲି ରାତିରେ ଝାଡ଼ାବାନ୍ତିରେ ଆଉ ଜଣଙ୍କର ଜୀବନ ଚାଲିଯାଇଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତିନି ଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲ୍ ପଠାଇଥିବା ଜଣାଯାଇଛି। ପାଟପୁର ପୁଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ପ୍ରକାଶ ରଇତ(୩୩)। ଗୁରୁତରମାନେ ହେଲେ, କାଳିଆ ବିଷୋୟୀ(୬୦), ନନ୍ଦିନୀ ଶବର(୩) ଓ ସୁକାନ୍ତ ଶବର (୨୫) ବୋଲି ଜଣାପଡ଼ିଛି। ସେହଭଳି ଗତ ଚାରିଦିନ ତଳେ ଗ୍ରାମର ଦାସ ଶବର (୬୦) ଏହି ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଫଳରେ ମୃତକଙ୍କ ସଂଖ୍ୟା ସମ୍ପ୍ରତି ଦୁଇରେ ପହଞ୍ଚିଛି।

ମୃତ ପ୍ରକାଶ ରଇତ ଗତକାଲି ମଧ୍ୟାହ୍ନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଭୀଷ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ନିଆଯାଇଥିଲା। ହେଲେ ବିଳମ୍ବିତ ରାତିରେ ସେ ଅସୁସ୍ଥ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗ୍ରାମରେ ହଇଜା ବ୍ୟାପିଥିବାରୁ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ ଧ୍ରୁବ ଦସ୍ତାଗିର, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍(ଏଡିଏମ୍) ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ଗଞ୍ଜାମ ଜିଲ୍ଲା ଡିପିଏମ୍ ବୁଲୁନାଥ ସାହୋଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ସିଡିପିଓ ପ୍ରମୁଖ ଅଧିକାରୀମାନେ ଉସ୍ତପଲ୍ଲୀ ଗ୍ରାମରେ ପହଞ୍ଚି ସ୍ଥିତି ▶ପୃଷ୍ଠା-୭





## ବିହାରରେ ଡାହାଣୀ ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା



ପୂର୍ଣ୍ଣିୟା, ୭ ।୭ (ଏଜେନ୍ସି): ବିହାରର ପୂର୍ଣ୍ଣିୟାରେ ଗୋଟିଏ ପରିବାରର ୫ ଜଣଙ୍କୁ ଅତି ନର୍ମମ ଭାବେ ହତ୍ୟା କରାଯାଇଛି । ରବିବାର ରାତିରୁ ସମସ୍ତେ ନିଖୋଜ ଥିଲେ । ସୋମବାର ସନ୍ଧ୍ୟାରେ ସମସ୍ତଙ୍କ ମୃତଦେହ ଠାବ କରାଯାଇଛି । ଘରଠାରୁ ଦେଢ କିମି ଦୂରରେ ଥିବା ଏକ ଗଡ଼ିଆରେ ମୃତଦେହଗୁଡିକ ମିଳିଛି । ମୃତଦେହଗୁଡିକ ଜଳାଇବାକୁ ଚେଷ୍ଟା କରାଯାଇଥିଲା ଓ ୮୦ ପ୍ରତିଶତ ଜଳିଯାଇଛି । ଏହି ପରିବାର ସଦସ୍ୟ ଗୁଣିଗାରେଡି ତଥା ଝଡ଼ାଫୁଙ୍କା କରୁଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି । ୩ ଦିନ ତଳେ ଗାଁରେ ଜଣେ ଛୋଟ ଝିଅ ମୃତ୍ୟୁବରଣ କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଗାଁ ଲୋକେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି । ରବିବାର ରାତି ୧୦ରେ ହଠାତ ୫୦ ଜଣ ଲୋକ ଆମ ଘରକୁ ଆସିଥିଲେ ଓ ମୋ ମାଙ୍କୁ ଡାହଣୀ କହି ବାଉଁଶରେ ପିଟିବାକୁ ଲାଗିଥିଲେ ବୋଲି ପରିବାରର ଛୋଟ ପୁଅ କହିଛି । ମାରପିଟ୍ କରିବା ପରେ ୫ ଜଣଙ୍କ ଉପରେ ଡିଜେଲ ପକାଇ ଜିଅନ୍ତା ଜଳାଇ ଦେଇଥିଲୁ ବୋଲି ଗିରଫ୍ ହୋଇଥିବା ନକୁଳ କହିଛନ୍ତି । ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ପୁତିନଙ୍କ ଦ୍ୱାରା ବହିଷ୍କୃତ ହେବା ପରେ ପରିବହନ ମନ୍ତ୍ରୀଙ୍କ ଆତ୍ମହତ୍ୟା



ମସ୍କୋ, ୭ ।୭ (ଏଜେନ୍ସି): ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କ ଦ୍ୱାରା ପଦରୁ ବହିଷ୍କୃତ ହେବା ପରେ ରୁଷିଆ ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଇଟ୍ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି । ପରିବହନ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୁର୍ନୀତି ଓ ଏ ନେଇ ଚାପକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୁତିନ ତାଙ୍କୁ ପଦରୁ ବହିଷ୍କାର କରିଥିଲେ । ସୋମବାର ମ୍ୟାକିନିନୋ ଗାଁ ନିକଟରେ ରୋମାନଙ୍କ ମୃତଦେହ ତାଙ୍କ କାର୍‌ରେ ଦେଖିବାକୁ ମିଳିଥିଲା । ଏବେ ତାଙ୍କ ଡେପୁଟି ଆନ୍ଦ୍ରେଇ ନିକିତିନଙ୍କୁ ନୂଆ ପରିବହନ ମନ୍ତ୍ରୀ ଭାବେ ପୁତିନ ନିଯୁକ୍ତି ଦେଇଛନ୍ତି । ରୋମାନଙ୍କୁ ୨୦୨୩ରେ ପୁରସ୍କାର ବାବଦରେ ଏହି ବନ୍ଧୁକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି ବନ୍ଧୁକରେ ହିଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଇଛି । ଏ ନେଇ ତଦନ୍ତ ଶେଷ ହୋଇ ନଥିଲେ ମଧ୍ୟ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତଦନ୍ତକାରୀ କମିଟି ତରଫରୁ କୁହାଯାଇଛି । ମସ୍କୋ ଓ ସେଣ୍ଟ ପିଟର୍ସବର୍ଗ ବିମାନବନ୍ଦରରେ ଶହଶହ ବିମାନ ଉଡାଣ ବାତିଲ ଓ ବିଳମ୍ବିତ ହେବା ଫଳରେ ରୋମାନଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା ଓ ସେ ସମାଲୋଚିତ ହୋଇଥିଲେ । ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ବିମାନ ସେବା ଓ ପରିବହନ କ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି ହୋଇଥିଲା । ଗତ ଶନିବାର ଓ ରବିବାର ପାଖାପାଖି ୪୮୫ ବିମାନ ଉଡାଣକୁ ରଦ୍ଦ କରାଯାଇଥିଲା । ୧, ୯୦୦ ଉଡାଣରେ ଅସମ୍ଭବ ପ୍ରକାର ବିଳମ୍ବ ହୋଇଥିଲା ।

## ଟ୍ରମ୍ପଙ୍କ କଟାକ୍ଷ; ଟ୍ରାକ୍‌ଚ୍ୟୁତ ହୋଇଗଲେଣି ମସ୍କ

ୱାଶିଂଟନ, ୭।୭ (ଏଜେନ୍ସି): ଶିଳ୍ପପତି ବନ୍ଧୁ ଏଲନ ମସ୍କ ନୂଆ 'ଆମେରିକା ପାର୍ଟି'କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟାକ୍ଷ କରିଛନ୍ତି । କହିଛନ୍ତି ଯେ ଟେସ୍‌ଲା ମାଲିକ ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ଚ୍ୟୁତ ହୋଇଯାଇଛନ୍ତି । ଗତ ୫ ସପ୍ତାହ ହେଲା ସେ ଏକ ଅନିୟନ୍ତ୍ରିତ ଟ୍ରେନ ଭଳି ହୋଇ ଯାଇଛନ୍ତି । ସେ ତୃତୀୟ ରାଜନୈତିକ ଦଳ ଆରମ୍ଭ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହା କେବେ ସଫଳ ହୋଇନାହିଁ ବୋଲି ଇତିହାସ ସାକ୍ଷୀ ଅଛି । ଆମେରିକୀୟ ବ୍ୟବସ୍ଥା ଏଭଳି ଦଳ ପାଇଁ ହୋଇନାହିଁ । ତୃତୀୟ ଦଳ କେବଳ ଅବ୍ୟବସ୍ଥା ଏବଂ ଅରାଜକତା ସୃଷ୍ଟି କରିଥାଏ । ଚରମପନ୍ଥୀ ଡେମୋକ୍ରାଟ୍ସ ସୃଷ୍ଟି କରିଥିବା ଅନେକ ଅରାଜକତା ଦେଶରେ ଅଛି ।ସମ୍ବିଧାନ ଅନୁଯାୟୀ ଦେଶର ଜନ୍ମିତ ନାଗରିକ ହିଁ ନିର୍ବାଚନ ଲଢ଼ିପାରିବେ । ତେଣୁ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିବାରୁ ମସ୍କ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ସେ ପ୍ରାର୍ଥୀ ଦେଇ କିଙ୍ଗମେକର ହେବାକୁ ଚାହୁଁଛନ୍ତି । ୨୦୨୬ ନଭେମ୍ବରରେ 'ହାଉସ୍ ଅଫ୍ ରିପ୍ରେଜନଟେଟିଭ୍'ର ସମସ୍ତ ୪୩୫ ଆସନ ଏବଂ ସିନେଟର ୧୦୦ରୁ ୩୪ ଆସନରେ ନିର୍ବାଚନ ହେବ । ଏଥିରୁ ଯଥାକ୍ରମେ ୮-୧୦ ଏବଂ ୩-୪ ଆସନ ଜିତି ଟ୍ରମ୍ପଙ୍କ ବିଲ୍‌କୁ ଅଟକାଇବାକୁ ମସ୍କ ଲକ୍ଷ୍ୟ ରଖିଛନ୍ତି ।

## ଭୋଟର ତାଲିକା ଯାଞ୍ଚକୁ ନେଇ ବିହାର ରାଜନୀତି ସରଗରମ

ପାଟନା, ୭।୭ (ଏଜେନ୍ସି): ବିହାର ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚକୁ ନେଇ ରାଜ୍ୟ ରାଜନୀତି ସରଗରମ । ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ଦଳଗୁଡିକ ଗୁରୁବାର ବିହାର ବନ୍ଦ ଡାକରା ଦେଇଛନ୍ତି । ଏଥିରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ 'ଭୋଟ ବନ୍ଦୀ' ନାମ ଦେଇଛନ୍ତି । ସେ ଏହାକୁ ନେଇ ସୋମବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । କହିଛନ୍ତି ଯେ ରବିବାର ଇସିଙ୍କୁ ଭେଟିଥିଲୁ, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଜବାବ ମିଳିନାହିଁ । ପାଟନାର ଇସି କୌଣସି କାମକୁ ନୁହଁନ୍ତି । ଏହା ପୋଷ୍ଟ ଅଫିସ ଭଳି । ସେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି । ଅନ୍ୟପକ୍ଷରେ ଆରଜେଡି ମୁଖ୍ୟ ଲାଲୁ ଯାଦବ କହିଛନ୍ତି ଯେ ୨ ଗୁଜରାଟୀ ମିଶି ୮ କୋଟି ବିହାରୀଙ୍କ ଭୋଟ ଅଧିକାର କ୍ଷୁର୍ଣ୍ଣ କରିବାକୁ ପ୍ରୟାସ କରୁଛନ୍ତି । ଉଭୟେ ବିହାର, ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଘୃଣା କରୁଛନ୍ତି । ସତର୍କ ହୋଇ ସ୍ୱର ଉଠାଇବାକୁ ଏବଂ ଗଣତନ୍ତ୍ର ବଞ୍ଚାଇବାକୁ ଲାଲୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ।

## ଶଯ୍ୟାଶାୟୀ ପତିଙ୍କୁ ହତ୍ୟା କଲେ ପତ୍ନୀ ଓ ପ୍ରେମିକ

ନାଗପୁର, ୭ ।୭ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଜଣେ ଶଯ୍ୟାଶାୟୀ ପତିଙ୍କ ମୁହଁରେ ତକିଆ ମାଡ଼ି ତାଙ୍କ ପତ୍ନୀ ଓ ପ୍ରେମିକ ହତ୍ୟା କରିଛନ୍ତି । ଦୁହେଁ ପୁଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି । ୧୩ ବର୍ଷ ତଳେ ଚନ୍ଦ୍ରସେନ ରାମଟେକ ଓ ଦିଶା ରାମଟେକ ବିବାହ କରିଥିଲେ । ଉଭୟଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପାଖାପାଖି ଦୁଇବର୍ଷ ପୂର୍ବେ ଚନ୍ଦ୍ରସେନ୍ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ହୋଇଥିଲେ । ଦୁଇମାସ ତଳେ ଦୀଶା ଜଣେ ମେକାନିକ୍ ଆସିଫ୍ ଇସଲାମ ଅନସାରୀ ଉଫ୍‌ର୍ ରାଜାବାବୁ ତିରେୱାଲାଙ୍କ ସହ ପରିଚିତ ହୋଇଥିଲା ଓ ପରେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ପତି ଦୀଶା ଓ ଆସିଫ୍‌ଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ଜାଣି ପାରିଥିଲେ । ଏ ନେଇ ପତି ଓ ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଦିଶା ଏଭଳି ଚରମ ପଦକ୍ଷେପ ନେଇଥିଲେ ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏତଲା ରୁଜୁ ହେବା ଆବଶ୍ୟକ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୭ ।୭ (ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରେ ମିଳିଥିବା ଅଧାଜଳା ନଗଦ ଟଙ୍କା ମାମଲାରେ ତୁରନ୍ତ ଏତଲା ରୁଜୁ କରିବା ଜରୁରୀ ବୋଲି କହିଛନ୍ତି । ଏହି ମାମଲା ନିହାତି ଚିନ୍ତାଜନକ । ଏହା ଆମ ନ୍ୟାୟିକ ବ୍ୟବସ୍ଥାକୁ ଦୋହାଲାଇ ଦେବା ଭଳି ସ୍ଥିତି ସୃଷ୍ଟି କରିଛି । ଏହି ମାମଲାର ମୂଳକୁ ଯିବା ଆବଶ୍ୟକ । ନଗଦ ଟଙ୍କା କେଉଁଠୁ ଆସିଲା ତାହା ଜାଣିବା ନିହାତି ଜରୁରୀ । କିନ୍ତୁ ଏହି ମାମଲାରେ କେନ୍ଦ୍ର ସରକାର ନାଚାର । ୯୦ ଦଶକରେ ସୁପ୍ରିମକୋର୍ଟଙ୍କ ଆଦେଶ କାରଣରୁ କୌଣସି ବିଚାରପତି ଉପରେ ଏତଲା ଦାଏର କରାଯାଇପାରିବ ନାହିଁ ବୋଲି ନ୍ୟାସନାଲ ଆଡଭାନ୍ସ ଲିଗାଲ ଷ୍ଟଡିଜ୍ (ଏନ୍‌ୟୁଏଲ୍‌ଏସ୍) ବିଶ୍ୱବିଦ୍ୟାଳୟର ସେମିନାରେ ଯୋଗ ଦେଇ ଧନଖଡ଼ ଏହା କହିଛନ୍ତି ।

# ବ୍ରିକ୍ସ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ଘୋଷଣା

## ଆମେରିକା-ବିରୋଧୀ ନୀତି ପାଇଁ ଅତିରିକ୍ତ ୧୦ % ଶୁଳ୍କ ଧାର୍ଯ୍ୟ ଧମକ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ସଂପ୍ରତି ବିଶ୍ୱରେ ପ୍ରଚଳିତ ବାଣିଜ୍ୟ ବିଶୃଙ୍ଖଳାକୁ ନେଇ ବ୍ରିକ୍ସ ଚିନ୍ତା ପ୍ରକଟ କରିଥିବା ବେଳେ ଏହି ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଧମକ ଦେଇଛନ୍ତି ଯେ ଯେଉଁ ଦେଶ ବ୍ରିକ୍ସର ଆମେରିକା-ବିରୋଧୀ ନୀତିକୁ ସମର୍ଥନ କରିବ ତା ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରାଯିବ । ଏଥିରେ ଚୀନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ବାଣିଜ୍ୟ କ୍ଷେତ୍ରରେ ଏଭଳି ଧମକ କାମ ଦେବନାହିଁ ।

### ପହଲ୍‌ଗାମ୍ ଓ ଇରାନ ଆକ୍ରମଣକୁ ବ୍ରିକ୍ସ ଦେଶଙ୍କ ନିନ୍ଦା


ଭାରତ ସମେତ ୧୧ଟି ଦେଶକୁ ନେଇ ଗଠିତ ବ୍ରିକ୍ସ ସମ୍ମିଳନୀରେ ଟ୍ରମ୍ପଙ୍କ ବାଣିଜ୍ୟନୀତିର ତୀବ୍ର ସମାଲୋଚନା କରାଯାଇଛି । ବ୍ରିକ୍ସ ପକ୍ଷରୁ କୁହାଯାଇଛି ଯେ ଆମେରିକା ଯେଉଁଭଳି ଶୁଳ୍କ ନୀତି ଆପଣାଇଛି, ତାହା ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରିପକାଇବ । କେବଳ ଏତିକି ନୁହେଁ ଆମେରିକାର ଆଖିବୁଜା ଶୁଳ୍କ ବୃଦ୍ଧି ବାଣିଜ୍ୟ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବ । ତେବେ ବ୍ରିକ୍ସ ଘୋଷଣାନାମାରେ ଆମେରିକା କିମ୍ବା ଟ୍ରମ୍ପଙ୍କ ନାମ ନିଆଯାଇନାହିଁ । ଆମେରିକା ଓ ଟ୍ରମ୍ପଙ୍କୁ ପରୋକ୍ଷ ସମାଲୋଚନା କରି ଘୋଷଣାନାମାରେ କୁହାଯାଇଛି ଯେ ଏଭଳି ଶୁଳ୍କ ନୀତି ଆନ୍ତର୍ଜାତିକ ଅର୍ଥନୈତିକ ଓ ବାଣିଜ୍ୟ କାରବାର କ୍ଷେତ୍ରରେ ଏବେ ଠାରୁ ଅନିଶ୍ଚିତତା ସୃଷ୍ଟି କରିବା ଆରମ୍ଭ କଲାଣି । ବିଶ୍ୱ ବାଣିଜ୍ୟ ସଂଗଠନ ତତ୍ତ୍ୱାବଧାନରେ ଆପୋସ ବୁଝାମଣା ଓ ସହମତି ଜରିଆରେ ଏକ ଖୋଲା ଓ ସ୍ୱଚ୍ଛ ବାଣିଜ୍ୟ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଘୋଷଣାନାମାରେ ଆହ୍ୱାନ କରାଯାଇଛି । ଏହି ଘୋଷଣାନାମା ପ୍ରକାଶ ପାଇବା ପରେ ଟ୍ରମ୍ପ ପ୍ରତିକ୍ରିୟାଶୀଳ ହୋଇ ବ୍ରିକ୍ସ ରାଷ୍ଟ୍ରଙ୍କୁ ଶୁଳ୍କ ଧମକ ଦେଇଛନ୍ତି । କହିଛନ୍ତି ଯେ ଏଥିରେ କାହାରିକୁ ରିହାତି ମିଳିବାର ପ୍ରଶ୍ନ ଉଠୁନାହିଁ ।

ସୂଚନାଯୋଗ୍ୟ ଯେ ୨୦୦୯ରେ ଭାରତ, ବ୍ରାଜିଲ, ରୁଷ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ହୋଇଥିବା ବ୍ରିକ୍ସରେ ଏବେ ୧୧ ଦେଶ ସଭ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଇଣ୍ଡୋନେସିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ ଏବଂ ଯୁଥୋପିଆ ।

ବ୍ରାଜିଲର ରିଓ ଡି ଜାନେରିଓରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀର ଯେଉଁ ମିଳିତ ଘୋଷଣାନାମା ଜାରି କରାଯାଇଛି ସେଥିରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଇରାନ ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରାଯାଇଛି । ତେବେ ପାକିସ୍ତାନର ନାମ ନିଆଯାଇ ନାହିଁ । ଏହା ପୂର୍ବରୁ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସଦସ୍ୟ ଥିବା କ୍ୱାଡ ରାଷ୍ଟ୍ରଙ୍କ ବିଦେଶମନ୍ତ୍ରୀ ସମ୍ମିଳନୀରେ ପହଲଗାମ ଆକ୍ରମଣକୁ



ନିନ୍ଦା କରାଯାଇଥିଲା । ବ୍ରିକ୍ସ ସମ୍ମିଳନୀରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ପହଲଗାମ ଆକ୍ରମଣ କେବଳ ଭାରତ ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ । ଆତଙ୍କବାଦକୁ ନିନ୍ଦା କରିବା ଆମର ସିଦ୍ଧାନ୍ତ ହେବା ଉଚିତ, କିନ୍ତୁ ଏହା ସୁବିଧା ହେବା ଅନୁଚିତ । ଏହା ସହିତ ମୋଦୀ ଏକ ନୂଆ ବିଶ୍ୱ ବ୍ୟବସ୍ଥା ପାଇଁ ଦାବି କରିଥିଲେ । ସମ୍ମିଳନୀରେ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଶବ୍ଦରେ ନିନ୍ଦା କରାଯାଇ କୁହାଯାଉଛି ଯେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବା ଉଚିତ ନୁହେଁ ।



### ଏନ୍‌ଆଇଏ ଜେରାରେ ସତ ମାନିଲା ତହବୁର

## ୨୬/୧୧ ଆକ୍ରମଣ ସମୟରେ ମୁମ୍ବାଇରେ ଥିଲା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ୨୦୦୮ରୁ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ଆତଙ୍କବାଦୀ ତହବୁର ରାଣା ମୁମ୍ବାଇରେ ଥିଲା । ସେ ପାକିସ୍ତାନ ସେନାର ଏଜେଣ୍ଟ ଭାବେ ମଧ୍ୟ କାମ କରୁଥିଲା । ଆତଙ୍କବାଦୀ ଡେଭିଡ କୋଲମାନ ହେଡଲି ସହ ସେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଶିବିରରେ ପ୍ରଶିକ୍ଷଣ ନେଇଥିଲା । ଏହି ଲସ୍କର ଏକ ଆତଙ୍କବାଦୀ ନେଟୱର୍କ ଭଳି କାମ କରୁଥିଲା । ଏନ୍‌ଆଇଏ ଜେରା ସମୟରେ ଆତଙ୍କବାଦୀ ତହବୁର ରାଣା ଏହା ସ୍ୱୀକାର କରିଛି । ଏହି ଜେରାରେ ସାମିଲ ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ଏବେ ରାଣାକୁ ଗିରଫ କରି ରିମାଣ୍ଡରେ ନେବାକୁ ପ୍ରସ୍ତୁତି କରୁଛି । ଏବେ ସେ ନ୍ୟାୟିକ ହେପାଜତରେ ରହିଛି । ଦିଲ୍ଲୀର ଅଦାଲତ ଏହି ସମୟସୀମାକୁ ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି । ୨୦୦୯ ଅକ୍ଟୋବରରେ ଆମେରିକା ଏଜେନ୍ସି ଏଫ୍‌ବିଆଇ ରାଣାକୁ ଚିକାଗୋରୁ ଗିରଫ କରିଥିଲା । ତାକୁ ଗତ ଏପ୍ରିଲ ୧୦ ତାରିଖରେ ପ୍ରତ୍ୟର୍ପଣ କରି ଆମେରିକାରୁ ଭାରତ ଅଣା ଯାଇଥିଲା ।

### ପାକିସ୍ତାନର ଏଜେଣ୍ଟ ଥିଲା; ହେଡଲି ସହ ନେଇଥିଲା ପ୍ରଶିକ୍ଷଣ

ଜେରା ସମୟରେ ରାଣା କହିଥିଲା ଯେ ସେ ଯୋଜନା କରି ମୁମ୍ବାଇରେ ନିଜ କମ୍ପାନୀ ନାମରେ ଇମିଗ୍ରେସନ୍ ସେଣ୍ଟର ଖୋଲିଥିଲେ । ଆକ୍ରମଣର ପ୍ରସ୍ତୁତି ପାଇଁ ସ୍ଥାନ ଏବଂ ସୁବିଧା ଉପଲବ୍ଧ କରିବାକୁ ସେ ଏପରି କରିଥିଲା । ସେଠାରେ ହୋଇଥିବା କାରବାରକୁ ବ୍ୟବସାୟିକ ଖର୍ଚ୍ଚରେ ଦର୍ଶା ଯାଇଥିଲା । ସେ ହେଡଲିକୁ ମୁମ୍ବାଇରେ ଫାଷ୍ଟ ୱାର୍ଲ୍ଡ ନାମରେ ଅଫିସ ଖୋଲିବା ପାଇଁ ମଧ୍ୟ ସହଯୋଗ କରିଥିଲା । ନିଜ ଆତଙ୍କବାଦୀ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ହେଡଲି ଏହାକୁ ବ୍ୟବହାର କରିଥିଲା । ରାଣା ନିଜେ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ସ୍ଥାନଗୁଡ଼ିକର ରେକି କରିଥିଲେ ବୋଲି ସ୍ୱୀକାର କରିଛି । ରିପୋର୍ଟ ଅନୁଯାୟୀ ରାଣା କହିଛି ଯେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ମିଶି ୨୬/୧୧ ଆକ୍ରମଣ କରିଥିଲା । ଉପସାଗରୀୟ ଦେଶରେ ଯୁଦ୍ଧ ସମୟରେ ତାକୁ ପାକ୍ ସେନା ସାଉଦି ଆରବ ପଠାଇ ଥିଲା ବୋଲି ସେ ସ୍ୱୀକାର କରିଛି ।



## ବିବାଦରେ ୟୁଟ୍ୟୁବର ଜ୍ୟୋତିଙ୍କ କେରଳ ଗସ୍ତ

ହିସାର, ୭ ।୭ (ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହିସାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୁଣି ଜେଲ୍‌କୁ ପଠାଇ ଦିଆଯାଇଛି । ସୋମବାର ଷଷ୍ଠଥର ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । କିନ୍ତୁ କୋର୍ଟ ତାଙ୍କୁ ପୁଣିଥରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇନ୍ତି । ଉଲ୍ଲେଖଥାଉ କି, ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହି ଅବସରରେ ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରି ସେନା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନକୁ ସେୟାର କରିବା ଅଭିଯୋଗରେ ଗିରଫ ହୋଇଥିଲେ ।

ସେପଟେ ଜ୍ୟୋତିଙ୍କୁ ନେଇ ନୂଆ ଖୁଲାସା ହୋଇଛି । ଆରଟିଆଇ ଦ୍ୱାରା ଦାଏର କରାଯାଇଥିବା ଏକ ଆବେଦନର ଜବାବ ଦେବା ଅବସରରେ ଜ୍ୟୋତି କେରଳ ଗସ୍ତ କରିଥିଲେ ବୋଲି କୁହାଯାଇଛି ଓ ଏ ନେଇ ବିବାଦ ସୃଷ୍ଟି ହୋଇଛି । କେରଳ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଯାଇଥିଲେ । ଜ୍ୟୋତିଙ୍କ ସମେତ ଏକାଧିକ ବ୍ଲଗର୍ସଙ୍କୁ କେରଳ ଡକାଯାଇଥିଲା ବୋଲି କେରଳ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ମହମ୍ମଦ ରିୟାଜ୍ କହିଛନ୍ତି । କେରଳ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି । ଏହି ଗସ୍ତରେ ଜ୍ୟୋତି କୋଚି, କୁନ୍ନୁର, କୋଝିକୋଡ, ଅଲପୁଝା, ମୁନ୍ନାର ଓ ତିରୁଅନନ୍ତପୁରମ ଯାତ୍ରା କରିଥିଲେ । ଏହି ଅବସରରେ ସେ ଭିଡିଓ ବନାଇ ୨୦୨୫ ଜାନୁୟାରୀ ୩୧ରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଅପଲୋଡ କରିଥିଲେ । ତାଙ୍କ ସବୁ ଖର୍ଚ୍ଚ କେରଳ ସରକାର ବହନ କରିଥିଲେ । ଏ ନେଇ ବିଜେପି କେରଳ ସରକାରଙ୍କୁ ସମାଲୋଚନା କରିଛନ୍ତି । ଜ୍ୟୋତି ମହଙ୍ଗା ହୋଟେଲ ଓ ହାଉସ୍ ବୋଟ୍‌ରେ ରହିଥିଲେ ବୋଲି ଅଭିଯୋଗ ହୋଇଛି ।

# ସହିପାରୁ ନାହାନ୍ତି ଚୀନ୍, ପାକିସ୍ତାନ

### ଜାଲିଆତି କରି ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି

ପ୍ୟାରିସ, ୭।୭ (ଏଜେନ୍ସି): କ୍ରମାଗତ ଭାବେ ପାକିସ୍ତାନ ଏବଂ ଚୀନ୍ ଭାରତ ବିରୋଧୀ ଚକ୍ରାନ୍ତ କରି ଚାଲିଛନ୍ତି । 'ଅପରେସନ ସିନ୍ଦୂର' ଅଧିନରେ ଘମାଘୋଟ ଆକ୍ରମଣକୁ ଦେଖି ଅସ୍ତ୍ରବିରତି ପାଇଁ ଆମେରିକାର ଶରଣ ପଶି ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ଚୀନ୍ ସହି ମିଶି ଭାରତ ବିରୋଧରେ ଅପପ୍ରଚାର ଚଳାଇଛି । ଚୀନ ଏବଂ ତୁର୍କୀର ସହାୟତା ନେଇ ବି ଭାରତ ସହ ୪ ଦିନିଆ ସଂଘର୍ଷରେ ହାର ମାନିଥିବା ଇସ୍‌ଲାମାବାଦ ଜମାରୁ ସୁଧୁରିବାର ନା ଧରୁନି । ଏହି ଯୁଦ୍ଧରେ ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ବଡ଼ ଝଟ୍‌କା ଲାଗିଥିଲା । ଯୁଦ୍ଧରେ ଚୀନ୍ ସମସ୍ତ ସହାୟତା ଦେଇଥିବା ସତ୍ତ୍ୱେ ପାକିସ୍ତାନ ମୁହଁ ମାଡ଼ି ପଡ଼ିଥିଲା । ଏହି ଝଟ୍‌କାକୁ ଚୀନ୍ ଏବଂ ପାକିସ୍ତାନ ସହି ପାରୁନାହାନ୍ତି । ତେଣୁ ଜାଲିଆତି କରି ରାଫେଲ ଲଢୁଆ ବିମାନକୁ ନେଇ ଭାରତ ଏବଂ ଫ୍ରାନ୍ସ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରୁଛନ୍ତି । ରାଫେଲର କ୍ଷମତା ଉପରେ ପ୍ରଶ୍ନ ଉଠାଉଛନ୍ତି । ପାକିସ୍ତାନ ସାମାଜିକ ଗଣମାଧ୍ୟମରେ ଏବଂ ବିଭିନ୍ନ ଦେଶରେ ଥିବା ନିଜ ଦୂତାବାସଙ୍କୁ ଚୀନ୍ ବ୍ୟବହାର କରି ଏପରି କରୁଛି । ଏହି ଷଡ଼ଯନ୍ତ୍ର ପାଇଁ ଅପରେସନ ସିନ୍ଦୂରର ଏଆଇ ଫଟୋକୁ ବ୍ୟବହାର କରାଯାଉଛି । ପାକିସ୍ତାନର ଗୁମରକୁ ଭାରତ ଏବଂ ଫ୍ରାନ୍ସର ମିଲିଟାରୀ ଓ ସିକ୍ରେଟ ଅଧିକାରୀମାନେ ଚୀନ୍‌ର ମୁଖା ଖୋଲି ଦେଇଛନ୍ତି ।

ଅନେକ ପାକିସ୍ତାନୀ ସାମାଜିକ ଗଣମାଧ୍ୟମ ସାଇଟରେ ଭାରତର ତିନୋଟି ରାଫେଲ ସହିତ ୫ଟି ଯୁଦ୍ଧ ବିମାନ ଉଡ଼ାଇଥିବା ଦାବି କରାଯାଇଥିଲା । ଏଥିରେ ଭାରତୀୟ ବାୟୁସେନାର ୪ ପାଇଲଟ ପ୍ରାଣ ହରାଇଥିବା କୁହାଯାଇଥିଲା । ଏମାନଙ୍କ ମଧ୍ୟରେ ରାଫେଲର ତିନି ପାଇଲଟ ଥିବା ଭାରତ ସରକାର ସ୍ୱୀକାର କରିଛନ୍ତି ବୋଲି କୁହାଯାଇଥିଲା । ତେବେ ଭାରତ ସରକାର ଏହାକୁ ଖଣ୍ଡନ କରିଦେଇଛନ୍ତି । ଏହି ଦାବିର କୌଣସି ସତ୍ୟତା ନାହିଁ ବୋଲି ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ ଚେକ୍ ୟୁନିଟ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସମ୍ପୂର୍ଣ୍ଣ ମିଥ୍ୟା ଦାବି କରୁଛି । ଏଭଳି ଖବରକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ କୁହାଯାଇଛି । ସରକାରଙ୍କ ପକ୍ଷରୁ ଏଭଳି କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।

## ପାକିସ୍ତାନରେ ସାମରିକ ବିଦ୍ରୋହକୁ ନେଇ ଚର୍ଚ୍ଚା

### ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରିବେ ଜେନେରାଲ ମୁନୀର!

ଇସଲାମାବାଦ, ୭।୭: ପାକିସ୍ତାନରେ ଯେକୌଣସି ମୁହୂର୍ତ୍ତରେ ହୋଇପାରେ ସାମରିକ ବିଦ୍ରୋହ । ରାଷ୍ଟ୍ରପତି ଆସିଫ ଅଲୀ ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରାଯିବ । ତାଙ୍କ ସ୍ଥାନରେ ରାଷ୍ଟ୍ରପତି ହେବେ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର । ପାକିସ୍ତାନ ଗଣମାଧ୍ୟମରେ ଆଜି ଦିନ ତମାମ ଏଭଳି ଜୋରଦାର ଚର୍ଚ୍ଚା ଚାଲିଛି । ରାଜନୈତିକ ବାତାବରଣ ମଧ୍ୟ ବେଶ ସରଗରମ ରହିଛି । କିନ୍ତୁ ସେନା କିମ୍ବା ସରକାର ଏସଂପର୍କରେ ମୁହଁ ଖୋଲୁନଥିବାରୁ ସାମରିକ ବିଦ୍ରୋହ ପାଇଁ ପରଦା ପଛରେ ପ୍ରସ୍ତୁତି ଚାଲିଥିବା କୁହାଯାଉଛି ।

ପାକିସ୍ତାନ ।।ରେ ସେନା ଅଧ୍ୟକ୍ଷ ଜେନେରାଲ ମୁନୀରଙ୍କ ଦବ୍‌ଦବା ଗତ କିଛି ମାସ ହେଲା ବଢ଼ି ବଢ଼ି ଚାଲିଛି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତରବରିଆ ଭାବେ ଯେଭଳି ମୁନୀରଙ୍କୁ ଫିଲ୍ଡ ମାର୍ଶାଲ ଘୋଷଣା କଲେ, ସେଥିରୁ ସ୍ପଷ୍ଟ ସୂଚନା ମିଳୁଥିଲା ଯେ ସରିଫ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନିଜର ପଦବୀ ବଞ୍ଚାଇବା ଲାଗି ମୁନୀରଙ୍କୁ ପଦୋନ୍ନତି ଦେଇଥିଲେ । ପାକିସ୍ତାନ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ସାମରିକ ବିଦ୍ରୋହ ହେଲେ ସରିଫ ବି ବଳିପଡ଼ିବେ ।

ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କ ସହିତ ଜେନେରାଲ ମୁନୀରଙ୍କ ସଂପର୍କ ଗତ କିଛି ଦିନ ଧରି ତିକ୍ତ ହେବାରେ ଲାଗିଛି । ଏହାର କାରଣ କଣ ତାହା ଜଣାପଡ଼ି ନଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ପୁଅ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ଏକ ବିବାଦୀୟ ବୟାନ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ ଦେଇ ଜେନେରାଲ ମୁନୀରଙ୍କର କଡ଼ା ସମାଲୋଚନା କରିଥିଲେ ଭୁଟ୍ଟୋ । କେବଳ ଏତିକି ନୁହେଁ ମୁନୀରଙ୍କ ଛତ୍ରଛାୟାରେ ରହିଥିବା ଦୁଇ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ହାଫିଜ ସୟୀଦ ଏବଂ ମସୁଦ ଆଝାରଙ୍କୁ ଭାରତକୁ ହସ୍ତାନର କରିବା ସପକ୍ଷରେ ସେ ଯୁକ୍ତି କରିଥିଲେ । ତାଙ୍କର ଏହି ବୟାନ ପାକିସ୍ତାନ ମୌଳବାଦୀଙ୍କ ଭିତରେ ନିଆଁ ଲଗାଇଦେଇଛି । ମୁନୀର ବି କ୍ଷୁବ୍ଧ । ଭୁଟ୍ଟୋ ମୁନୀରଙ୍କୁ ଯେଭଳି ପ୍ରହାର କରିଛନ୍ତି, ସେଥିରୁ ସାମରିକ ବିଦ୍ରୋହର ଆଭାସ ମିଳୁଥିବା କୁହାଯାଉଛି ।

## ମହାରାଷ୍ଟ୍ରରେ ଉଗ୍ର ହେଉଛି ଭାଷା ବିବାଦ

ମୁମ୍ବାଇ, ୭।୭ (ଏଜେନ୍ସି): ମୁମ୍ବାଇର ସ୍ଥାନୀୟ ପୌର ନିର୍ବାଚନ ପୂର୍ବରୁ ମରାଠୀକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟି ଗଲାଣି । ଏମଏନଏସ ନେତା ହିନ୍ଦୀ ଭାଷଭାଷୀ ଲୋକଙ୍କ ସହ ମାର୍‌ପିଟ୍ କରୁଛନ୍ତି । ଏହା ମଧ୍ୟରେ ଏମଏନଏସ ଉପାଧ୍ୟକ୍ଷ ଜାଭେଦ ଶେଖ୍‌ଙ୍କ ପୁଅ ରାହିଲ ଅର୍ଦ୍ଧନଗ୍ନ ଅବସ୍ଥାରେ ଗାଡ଼ି ଚଲାଇ ନେଲ୍ ଆର୍ଟିଷ୍ଟ ରାଜଶ୍ରୀ ମୋରଙ୍କ କାର୍‌କୁ ଧକ୍କା ଦେବା ସହିତ ଧମକ ଦେଇଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ମନ୍ତ୍ରୀ ଆଶୀଷ ସେଲାର ମୁମ୍ବାଇରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ତୁଳନା କରିଛନ୍ତି । କିଛି ନେତା ହିନ୍ଦୁଙ୍କ ସହ ହେଉଥିବା ମାର୍‌ପିଟର ଆନନ୍ଦ ନେଉଛନ୍ତି । ମରାଠୀ ନ କହିବାରୁ ମିଠା ଦୋକାନ ମାଲିକଙ୍କୁ ଏମଏନଏସ କର୍ମୀ ମାଡ଼ ଏବଂ ନିବେଶକ ସୁଶୀଲ କେଡିଆଙ୍କ ଘର ଭଙ୍ଗାଯିବା ପରେ ମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ କିଛି ଦିନ ତଳେ ରାଜ୍ ଠାକରେ ଦେଇଥିବା ଟିପ୍ପଣୀକୁ ସମାଲୋଚନା କରି ଏହା ଦାଦାଗିରିକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି । ଉତ୍ତର ପ୍ରଦେଶର ଜଣେ ପୂର୍ବତନ କମାଣ୍ଡୋ ପ୍ରବୀଣ କୁମାର ତେଓତିଆ କହିଛନ୍ତି ଯେ ୨୬/୧୧ ଆକ୍ରମଣ ବେଳେ ମୁଁ ଲୋକଙ୍କ ଜୀବନ ବଞ୍ଚାଇ ଥିଲି । ସେତେବେଳେ ଏମଏନଏସ କର୍ମୀ କୁଆଡେ ଚାଲି ଯାଇଥିଲେ?

### ଠାକରେଙ୍କୁ ନିଶିକାନ୍ତ ଦୁବେଙ୍କ ଧମକ

ଏବେ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାଜ ଠାକେରଙ୍କୁ ଧମକ ଦେଇ କହିଛନ୍ତି ଯେ ଯଦି ନିଜ ରାଜ୍ୟରେ ତୁମେ ନିଜକୁ ବହୁତ ବଡ଼ ବସ୍ ଭାବୁଚ ତେବେ ବିହାର, ଉତ୍ତର ପ୍ରଦେଶ, ତାମିଲନାଡୁ ଆସ । ସେଠାରେ ତୁମକୁ ବୁଲାଇ ବୁଲାଇ ମାଡ଼ ମାରିବୁ ।

# ଆଜି ଦାରୁଦିଅଁଙ୍କ ରତ୍ନବେଦୀ ବିଜେ



## ଅପରାହ୍ଣ ୪ଟାରୁ ପହଣ୍ଡି ଆରମ୍ଭ

ପୁରୀ,୭।୭(ସମିସ): ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁର ସୁନାବେଶରେ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ସୋମବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ମଙ୍ଗଳବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏହାସହ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବୁଧବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳିଚହଳି। ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ୍ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ଣ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

## ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

ପୁରୀ,୭।୭(ସମିସ): ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି,

**ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ**

ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥା'ନ୍ତି। ପରେ ଗୋଟିପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥା'ନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥା'ନ୍ତି।

ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାର ଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥା'ନ୍ତି। ପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ।

## ଡ୍ରାଇଭର୍‌ଙ୍କ ଷ୍ଟିୟରିଂ ଛାଡ଼ ଆଜି

### ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବେ ଗାଡ଼ି ଚାଳକ

ଭୁବନେଶ୍ୱର, ୭।୭ (ସମିସ): ୭ ଦଫା ଦାବି ନେଇ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଙ୍ଘ। ଦାବି ପୂରଣ ନହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମାସେ

**୭ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଡକରା**

ତଳେ ମହାସଂଘ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ଉକ୍ତ ଦାବି ପୂରଣ ହୋଇନଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଗାଡ଼ି ଚାଳକମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଆନ୍ଦୋଳନ ଡାକରାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଛି। ତେଣୁ ସାରା ରାଜ୍ୟରେ ଏହି ଆନ୍ଦୋଳନର ଜୋରଦାର୍ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭର୍‌ମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର୍ ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉ କି ମହାସଂଘର ଦାବିଗୁଡ଼ିକ ହେଲା, ଡ୍ରାଇଭର୍ ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂସ୍ଥଳ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଇତ୍ୟାଦି।

## ଲଘୁଚାପ ବର୍ଷା ଜାରି

# ଆଜି ମୁଣ୍ଡଳୀରୁ ବନ୍ୟା ଜଳ

ଭୁବନେଶ୍ୱର,୭।୭(ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ଲଘୁଚାପ କ୍ଷେତ୍ରଟି ଆଗାମୀ ୨ ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ସମେତ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗିରହିଥିବା ବର୍ଷା ସ୍ଥିତି ଯୋଗୁଁ ବର୍ତ୍ତମାନ ଅଧିକାଂଶ ନଦୀର ଜଳସ୍ତର ଅଧିକ ରହିଛି। ବିଶେଷକରି ଉତ୍ତର ଓଡ଼ିଶା ମଧ୍ୟ ଦେଇ ଯାଇଥିବା ନଦୀଗୁଡ଼ିକର ଜଳସ୍ତର ଅଧିକ ରହିଥିବା ବେଳେ ମଙ୍ଗଳବାର ମହାନଦୀରେ ମୁଣ୍ଡଳୀଠାରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବାକୁ ଯାଉଛି।

ତେବେ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୌଣସି ନଦୀର ଜଳସ୍ତର ବର୍ତ୍ତମାନ ବିପଦ ସଙ୍କେତ ଉପରେ ନାହିଁ। ଅତ୍ୟଧିକ ବର୍ଷା ଯୋଗୁଁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ କିଛି କ୍ଷୟକ୍ଷତି ହୋଇଛି। ରିପୋର୍ଟ ଆସିଲେ କ୍ଷତିପୂରଣ ପ୍ରଦାନ କରାଯିବ। ତଳି ଅଞ୍ଚଳରେ ବର୍ଷା ପାଣି ରହିଛି, କିନ୍ତୁ କେଉଁଠି ବି ବନ୍ୟା ପାଣି ପଶିନାହିଁ। ଏହାସତ୍ତ୍ୱେ ଜିଲ୍ଲାପାଳମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରହିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ଯଦି ବନ୍ୟା ସ୍ଥିତି ଉପୁଜେ ତେବେ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ହୀରାକୁଦରେ ଏବେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳୀରେ ଏହି ବନ୍ୟାଜଳ ପହଁଚିବ। ମୁଣ୍ଡଳୀଠାରେ ୪.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ। ଆଗାମୀ ଦିନରେ ବର୍ଷା ଅଧିକ ହେଲେ ଅଧିକ ଗେଟ୍ ଖୋଲା ହେବାର ଆଶଙ୍କା ରହିଛି।

# ବଜ୍ରପାତରେ ଟଳିପଡ଼ିଲେ ୩ ଚାଷୀ

ଭଦ୍ରକ/ତିହିଡ଼ି/ଖଇରା/ସିମୁଳିଆ, ୭।୭ (ସମିସ): ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆଜି ବଜ୍ରପାତରେ ୨ଭାଇଙ୍କ ସମେତ ୩ଚାଷୀଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ତିହିଡ଼ି ବ୍ଲକ୍ ଅନ୍ତର୍ଗତ ହରସିଂପୁର ପଞ୍ଚାୟତର ଚଣ୍ଡୀସାହି ଗାଁର ମଦନ ମହାରଣା (୬୦) ଓ ହୃଦାନନ୍ଦ ମହାରଣା (୫୫) ଏବଂ ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବ ଚାଷୀ ଚନ୍ଦ୍ରକାନ୍ତ ପଣ୍ଡା (୨୫)। ସେହିପରି ଅନ୍ୟ ଜଣେ ଚାଷୀ ଗିରିଧାରୀ ମହାଳିକ ଗୁରୁତର ଆହତ ହୋଇଛନ୍ତି।



ସୂଚନାନୁଯାୟୀ, ମଦନ ଓ ହୃଦାନନ୍ଦ ଦୁଇଭାଇ। ସେମାନେ ଆଜି ମଧ୍ୟାହ୍ନରେ ଗିରିଧାରୀଙ୍କ ସହ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେମାନେ ନିକଟରେ ଥିବା କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ତେବେ ସୌଭାଗ୍ୟକୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ୨ ଜଣ ବ୍ୟକ୍ତି ମେଘୁଆ ମହାଳିକ, ଜୟଦେବ ମହାରଣା ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତରମାନଙ୍କୁ ତୁରନ୍ତ ତିହିଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପ୍ରଦେଶ ସେବା ସଙ୍ଗଠନର କର୍ମକର୍ତ୍ତା ମୃତାହତଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବଚାଷୀ ଚନ୍ଦ୍ରକାନ୍ତ ଆଜି ଅପରାହ୍ଣରେ ବିଲରେ ହଳ କରାଉଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ପରିବାରଲୋକ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରକାନ୍ତଙ୍କ ଆକସ୍ମିକ ମୃତ୍ୟୁରେ ସମଗ୍ର କୁରୁଣ୍ଟା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୭।୭(ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ଦଳ। ସୋମବାର ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ; ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଏହା ପୂର୍ବରୁ ଡଃ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜିକୃତ ହୋଇଛି।



- ବିଧାୟକଙ୍କ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
- ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ, ରାଜ୍ୟ ସରକାର ଆଦୌ ତତ୍ପର ନୁହନ୍ତି
- ଏକ ବର୍ଷ ହେଲା ଖାଲି ପଡ଼ିଛି ରାଜ୍ୟ ମହିଳା କମିସନ ପଦବୀ

ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ ଅଫିସକୁ ଯାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏ ନେଇ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଶ୍ରୀମତୀ ସାହୁ କହିଥିଲେ ଯେ ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧିକ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପୂରଣ ହୋଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଅଛନ୍ତି। କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି। ଗତ ଏକ ବର୍ଷ ହେଲାଣି ରାଜ୍ୟ ମହିଳା କମିସନ ପଦ ଖାଲି ପଡିଛି। ମହିଳା କମିସନ କାର୍ଯ୍ୟାଳୟରେ ସମ୍ପାଦକ ମଧ୍ୟ ନାହାନ୍ତି। ତେଣୁ ଆଜି ଭାରପ୍ରାପ୍ତ ସମ୍ପାଦକଙ୍କୁ ସ୍ମାରକପତ୍ର ଦିଆଯାଇଛି। ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶା ରହିଛି। ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ, ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ।

ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଇଲା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ।

## ଏଟିଏମ୍ କାଟି ଲୁଟିନେଲେ ୧୭ ଲକ୍ଷ

ସୋର, ୭।୭ (ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତର ଯୋଡ଼ାମ୍ବ ଛକରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି। ଖବର ପାଇ ଆଜି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତମାନେ କଳା ରଙ୍ଗ ସ୍ପ୍ରେ' କରିଦେଇଥିବାରୁ ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଧରିବା ପୁଲିସ୍ ପାଇଁ ଆହ୍ୱାନ ହୋଇଛି। ସୂଚନାନୁଯାୟୀ, ଏହି ଏସ୍‌ବିଆଇ ଏଟିଏମ୍‌ଟି ଏକ ଭଡ଼ା ଘରେ ଚାଲିଛି। ଗତ ବିଳମ୍ବିତ ରାତିରେ ୫ରୁ ୬ଜଣ ଦୁର୍ବୃତ୍ତ ଏଟିଏମ୍‌ରୁ ଟଙ୍କା ଲୁଟ୍ ପାଇଁ ଆସିଥିଲେ। ପ୍ରଥମେ ସେମାନେ ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ କଳାରଙ୍ଗ ସ୍ପ୍ରେ' କରି ଦେଇଥିଲେ। ପରେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ଟଙ୍କା ଲୁଟ୍ କରିଥିଲେ।

## ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର,୭।୭(ସମିସ): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଫେସର ଡା. ସୁଚିତ୍ର ଦାସଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା.ଦୁର୍ଗା ମାଧବ ଶତପଥୀଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଅଧୀକ୍ଷକ, ପ୍ରଫେସର ଡା. ହରେକ୍ରୀଷ୍ଣ ଦଳେଇଙ୍କୁ ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍, କୋରାପୁଟ୍ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ଗୀତା ସାହୁଙ୍କୁ ଜିଏମ୍‌ସି ସୁନ୍ଦରଗଡ଼ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ବି. ଦାସଙ୍କୁ ବିବି ଏମ୍‌ସିଏଚ୍, ବଲାଙ୍ଗିରର ଅଧୀକ୍ଷକ ଏବଂ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହାଣୀଙ୍କୁ ଜିଏମ୍‌ସିଏଚ୍, ସୁନ୍ଦରଗଡ଼ର ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ସୁଭ୍ରା ଘୋଷଙ୍କ ବଦଳିକୁ ରଦ୍ଦ କରାଯାଇ ଓଆଣ୍ଡଜି, ଏସ୍‌ସିବି ଏମ୍‌ସିଏଚ୍‌ର କଟକରେ ପ୍ରଫେସର ଭାବେ ନିଯୁକ୍ତ ଦିଆଯାଇଛି। ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ମଧ୍ୟ ପ୍ରଫେସର ସାଇକ୍‌ଆଟ୍ରିକ୍ ଭାବେ ଅବସ୍ଥାପିତ ରହିବେ। ପ୍ରଫେସର ଡା. ବ୍ରଜ କିଶୋର ଦାସଙ୍କୁ ପିଆର୍‌ଏମ୍ ଏମ୍‌ସିଏଚ୍, ବାରିପଦାରେ ପ୍ରଫେସର ଏଫ୍‌ଏମ୍‌ଟି, ଭାବେ ନିଯୁକ୍ତି ଦିଆଯାଇଛି।

# ଆସୁଛନ୍ତି ରାହୁଲ ଗାନ୍ଧୀ

### ଗସ୍ତ ସଫଳ ପାଇଁ ପୁରୀ କଂଗ୍ରେସର ପ୍ରସ୍ତୁତି

ପୁରୀ,୭।୭(ସମିସ): ଆସନ୍ତା ୧୧ ତାରିଖରେ କେନ୍ଦ୍ର ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଓ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୋମବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ପରିସରରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଓଡ଼ିଶାର ମହିଳା, ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ସେହିପରି ରଥଯାତ୍ରାରେ ଘଟିଥିବା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭାରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶମୂଳକ ବ୍ୟବହାର ସମ୍ପର୍କରେ କହିଥିଲେ। ଦଳର ସମସ୍ତ କର୍ମୀଙ୍କୁ କଂଗ୍ରେସ କରିଥିବା ଉନ୍ନତିକରଣ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର, ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ବିଧାୟକ ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଉତ୍ତମ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନୀଳମଣି ପ୍ରଧାନ, ବିଶ୍ୱଭୂଷଣ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବିରୋଧୀ ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

# ସନ୍ତୋଷଙ୍କୁ ନେଇ ବିଜେପିରେ ଅସନ୍ତୋଷ

ଭୁବନେଶ୍ୱର,୭।୭(ସମିସ): ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ନାକେଦମ୍ ବିଜେପିକୁ ଏବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅକଳରେ ପକାଇଛନ୍ତି। ଶାସକ ବିଜେପିର ଶ୍ରୀ ଖଟୁଆଙ୍କ ରୁଚିହୀନ ଓ ଅଶାଳୀନ ମନ୍ତବ୍ୟ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି । ରାଜ୍ୟରେ ମୋହନ ସରକାର ଏଥିପାଇଁ ଅପଦସ୍ତ ହୋଇଛନ୍ତି ଓ କେନ୍ଦ୍ରରେ ବିଜେପି ସରକାରକୁ ବିରୋଧୀ ଅକଳରେ ପକାଇଛନ୍ତି । ଏପରିକି ଆଗାମୀ ମୌସୁମୀ ଅଧିବେଶନ ପ୍ରସଙ୍ଗରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସହଯୋଗୀମାନେ ଏହାକୁ ପ୍ରସଙ୍ଗ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବିଜେପିର ନିଦ ଭାଙ୍ଗୁ ନାହିଁ । କେବଳ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହିପରି ମନ୍ତବ୍ୟକୁ ଅତ୍ୟନ୍ତ କଠୋର ଶବ୍ଦରେ ନିନ୍ଦା କରିବା ଭିନ୍ନ ଦଳର ଅନ୍ୟ ଜଣେ ବି ନେତା ଏହାକୁ ନେଇ ତୁଣ୍ଡ ଖୋଲୁ ନାହାନ୍ତି । ଯଦିଓ ଦଳ ଭିତରେ ସନ୍ତୋଷକୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲେହେଁ ଏ ସମ୍ପର୍କରେ ନେତାମାନେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି।

ସନ୍ତୋଷ ଖଟୁଆ ଏବେ ଦଳ ପାଇଁ ଗଳଗ୍ରହ ହୋଇଛନ୍ତି ବୋଲି କିଛି ବିଜେପି ନେତା କହୁଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ଶାସକ ବିଜେପିକୁ ଷଣ୍ଢୁଆସୀ ଆକ୍ରମଣ ଜାରି ରଖିଛନ୍ତି।

- ଦଳର ନିରବତାକୁ ନେଇ ସାଧାରଣରେ ସମାଲୋଚନା
- ମୌସୁମୀ ଅଧିବେଶନରେ ସଂସଦରେ ଉଠାଇବ କଂଗ୍ରେସ

ସାମାଜିକ ଅନୁଷ୍ଠାନଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ନୀଳଗିରି ବିଧାୟକଙ୍କ ଔଦ୍ଧତ୍ୟକୁ ସମାଲୋଚନା କରାଯାଉଛି ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ମାତ୍ର ବିଧାୟକ ଶ୍ରୀ ଖଟୁଆଙ୍କ ମୁହଁ ଟାଣ ଭାଙ୍ଗୁନି। ଘଟଣାକୁ ନେଇ ଦୁଃଖ କି ଅନୁଶୋଚନା କରିବା ପରିବର୍ତ୍ତେ ଗଣମାଧ୍ୟମ ନିଜକୁ ଠିକ୍ ବୋଲି ଯୁକ୍ତି ବାଢ଼ୁଛନ୍ତି। ଏବଂ ଏପରି ଘଟଣାକୁ ନେଇ ସେ ଅନୁଶୋଚିତ ନୁହନ୍ତି ବୋଲି ଗଣମାଧ୍ୟମ ଆଗରେ ବୟାନ ରଖିଛନ୍ତି। ଯାହାକୁ ନେଇ ଦଳ ଅଧିକ ଅଡୁଆରେ ପଡ଼ିଛି। ଶୃଙ୍ଖଳାର ଅଭାବ ଯୋଗୁଁ ଦଳର ନେତାମାନଙ୍କର ଔଧତ୍ୟ ବଢ଼ି ଚାଲିଛି ବୋଲି କର୍ମୀମାନେ କହୁଛନ୍ତି । ଯେତେ ଅନ୍ୟାୟ କଲେ ମଧ୍ୟ ସରକାରୀ କଳ ଏବଂ ପ୍ରଶାସନ ମଧ୍ୟ ବାଛ ବିଚାର କରି ଶାସକ ଦଳ ନେତାଙ୍କ ଦେହରେ ହାତ ମାରିବାକୁ ଭୟ କରୁଛନ୍ତି। ଏପରି ଦୁର୍ବଳତାର ସୁଯୋଗ ନେଇ ବିଧାୟକ ଖଟୁଆଙ୍କ ପରି ନେତା ଶାଳୀନତାର ସବୁ ସୀମା ଲଂଘନ କରିବାକୁ ସାହସ ପାଉଛନ୍ତି ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ନେଇ ବୁଦ୍ଧିଜୀବୀ ଓ ରାଜନୈତି ସମୀକ୍ଷକମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି । ଏପରି ଲଜ୍ଜାଜନକ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ନିରବତା ପ୍ରଦର୍ଶନ କରିବା ଯୋଗୁଁ ଖଟୁଆଙ୍କ ମନୋବଳ ବୃଦ୍ଧି କରିଛି। ଏପରି ତତ୍ତ୍ୱଙ୍କୁ ସରକାର ଘଣ୍ଟ ଘୋଡ଼ାଇ ନିଜର ହିଁ କ୍ଷତି କରୁଛନ୍ତି। ରାଜ୍ୟ ବିଜେପି ମହିଳା ବିରୋଧୀ ବୋଲି ଏକ ବାର୍ତ୍ତା ସାଧାରଣରେ ପ୍ରଚାର ହେଲାଣି। ତେଣୁ ତୁରନ୍ତ ସନ୍ତୋଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେଲେ ତାହା ବିଜେପି ପାଇଁ ଘାତକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷେ ନୂଆ ସଭାପତି ଚୟନ ପରେ ଦଳର ଶୃଙ୍ଖଳା କମିଟି ବୈଠକ ବସିବା ନେଇ ମଧ୍ୟ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପରୋକ୍ଷରେ ସୂଚନା ପ୍ରଦାନ କରିଛନ୍ତି। ତେବେ ବିଜେପି ନେତାଙ୍କ ଆଭିମୁଖ୍ୟ ଓ ଗତିବିଧିକୁ ଦେଖିଲେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା କ୍ଷୀଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସକାଳ
THE SAKALA



www.sakalaepaper.com

# ଆଜି ଭକ୍ତ ଦେଖିବେ ରଘୁନାଥ ବେଶ

କେନ୍ଦ୍ରାପଡ଼ା,୭।୭(ସମିସ)



ଚନ୍ଦନପୋଖରୀ ନିକଟରେ ଅଟକି ଥିବା ବ୍ରହ୍ମତାଳଧ୍ୱଜ ରଥ ସୋମବାର ଦେଉଳ ନିକଟ ଦୋଳବେଦି ପାଖରେ ଲାଗିଛି। ଆସନ୍ତାକାଲି ତୁଳସୀ କ୍ଷେତ୍ରାଧୀପତି ବଳଦେବଜୀଉ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଆଜି ରଥ ଚକଡ଼ା ଲାଗିବା ପରେ ରଥାରୁଢ ଠାକୁରଙ୍କ ଦର୍ଶନ ପାଇଁ ସୋମବାର ହଜାର ହଜାର ଭକ୍ତଙ୍କ ସମାଗମ ରଥଦାଣ୍ଡରେ ହୋଇଥିଲା। ସକାଳୁ ଝିପି ଝିପି ବର୍ଷା ଲାଗି ରହିଥିବା ସତ୍ତ୍ୱେ ହଜାର ହଜାର ଭକ୍ତ ଚନ୍ଦନପୋଖରୀ ନିକଟରୁ ରଥକୁ ଟାଣି ଦୋଳବେଦି ନିକଟରେ ପହଞ୍ଚାଇ ଥିଲେ। ରଥ ସଳଖ ହେବା ପରେ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ବେଳେ ରଥ ଟଣା ଆରମ୍ଭ ହୋଇଥିଲା। ରଥ ପ୍ରଥମେ ସଠିକ ଭାବେ ଗଡ଼ିଥିଲା। ତେବେ ଶ୍ୟାମାକାଳୀ ମଣ୍ଡପ ପାଖରେ ରଥ ଚକ ମରାମତିର ଆବଶ୍ୟକତା ପଡିଥିଲା। ତେଣୁ ରଥଟଣା ବନ୍ଦ ରହିଥିଲା। ରଥ ଚକ ମରାମତି କରାଯିବା ପରେ ପୁଣି ରଥ ଟଣା ଆରମ୍ଭ ହୋଇଥିଲା। କମାରଖଣ୍ଡି ଛକ ନିକଟରେ କୈବର୍ତ୍ତ ସମାଜ ପକ୍ଷରୁ ଚୁଡ଼ାଖଷା ଭୋଗ କରାଯାଇଥିଲା। ଏହାପରେ ପୁଣି ରଥଟଣା ହୋଇଥିଲା। ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ରଥ ରଖାଯାଇ କାର୍ଯ୍ୟାଳୟ ପକ୍ଷରୁ ଠାକୁରଙ୍କ ପଙ୍କ୍ତି ଭୋଗ କରାଯାଇଥିଲା। ବଡ଼ପଣ୍ଡା ସଞ୍ଜୟ ପତ୍ରୀ ଏହି ପୂଜା କରିଥିଲେ। ଏହାପରେ ରଥ ପାଖାପାଖି ୪ଟା ବେଳେ ମନ୍ଦିର ନିକଟ ଦୋଳବେଦି ପାଖରେ ଲାଗିଥିଲା। ଅପରାହ୍ନ ୪ଟାରୁ ରାତିରେ ପହୁଡ଼ ପଡିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ରଥାରୁଢ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରିଥିଲେ। ରାତି ୧୦ଟା ପରେ ସନ୍ଧ୍ୟା ଧୂପ, ଆଳତୀ, ରାତ୍ର ଧୂପ ଓ ପରେ ବଡ଼ସିଂହାର ଧୂପ କରାଯାଇ ପହଡ଼ ପଡିଥିଲା। ତୁଳସୀକ୍ଷେତ୍ରର ରଥଯାତ୍ରା ପରମ୍ପରା ଅନୁଯାୟୀ ମଙ୍ଗଳବାର ଶ୍ରୀଜୀଉଙ୍କ ରଘୁନାଥ ବେଶ ଅନୁଷ୍ଠିତ ହେବ। ଏହି ବେଶକୁ ଭକ୍ତ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦେଖିବାର ସୁଯୋଗ ପାଇବେ।

## ଦୋଳବେଦି ଚକଡ଼ା ଲାଗିଲା ବ୍ରହ୍ମତାଳଧ୍ୱଜ ରଥ

ଏହାପରେ ଲକ୍ଷ୍ମୀନାରାୟଣ ଭେଟ ହେବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତି ଶେଷ ହେବା ପରେ ତିନିଠାକୁରଙ୍କ ସହ ଶ୍ରୀସୁଦର୍ଶନଙ୍କୁ ପହଣ୍ଡି କରାଯାଇ ନିଳାଦ୍ରୀ ବିଜେ କରାଯିବ ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟ ଧୀରେନ୍ ସାହୁ କହିଛନ୍ତି।

# ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ



ଡେରାବିଶ, ୭।୭(ସମିସ): ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଶକ୍ତି ବିଭାଗ ଓ ବିଦ୍ୟାଳୟର ଏନର୍ଜି କ୍ଲବର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର' ଉପରେ ଆଲୋଚନା କରିବା ସହ ବିଦ୍ୟୁତ୍ ଶକ୍ତି ସଂରକ୍ଷଣ କରିବାର କୌଶଳ ଉପରେ ଆଲୋକପାତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଡଃ କାନନବାଳା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଦ୍ୟୁତ୍ ବିଭାଗର ନିରୀକ୍ଷକ ଯନ୍ତ୍ରୀ ଭବାନୀ ଶଙ୍କର ରାଉତ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିକାଶ ନାୟକ ଯୋଗଦେଇ ବିଦ୍ୟୁତ୍ ସୁରକ୍ଷା, ଜୀବନ ରକ୍ଷା ଓ ବିଦ୍ୟୁତ୍ ଶକ୍ତି ଅପଚୟ ବିଷୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ସଚେତନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସଂଜୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବାରଡାଙ୍ଗରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ

ମହାକାଳପଡ଼ା, ୭।୭(ସମିସ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ବାରଡାଙ୍ଗସ୍ଥ ଧାନଦାସ ମଠ ପରିସରରେ ରାଜନଗର ବନଖଣ୍ଡ ବନାଞ୍ଚଳ ପକ୍ଷରୁ ୭୬ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ସମ୍ମାନିତ ଅତିଥି ଭାବେ ଏସିଏଫ ଗଗନ ମଲ୍ଲିକ, କେନ୍ଦ୍ରାପଡା ସାଂସଦ ପ୍ରତିନିଧି ସରୋଜ ସାହୁ, ମହାକାଳପଡା ବିଧାୟକ ପ୍ରତିନିଧି ପ୍ରଶାନ୍ତ ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲା ଇକୋ କ୍ଲବ ସଂଯୋଜକ ଗୋପୀନାଥ ଦାଶ ପ୍ରମୁଖ ଯୋଗଦେଇ ସମାଜରେ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଅଞ୍ଚଳ ବନ୍ୟା ବାତ୍ୟା ଦୁର୍ବିପାକ ସବୁ ବର୍ଷ ଲାଗି ରହିଥିବାରୁ ବ୍ୟାପକ ପରିମାଣରେ ଧନଜୀବନ କ୍ଷତି ହୋଇଥାଏ। ଏବେ ବ୍ୟାପକ ପରିମାଣରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯାଉଛି ବୋଲି ଡିଏଫଓ ଶ୍ରୀ ଯାଦବ କହିଛନ୍ତି। ଏ ଅବସରରେ ୯ଜଣଙ୍କୁ ପ୍ରକୃତିମିତ୍ର ପୁରସ୍କାର ସହ ମାନପତ୍ର ଓ ଦଶ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜମ୍ବୁ ରେଞ୍ଜର ଶାନ୍ତନୁ ଦଳାଇ, ଫରେଷ୍ଟର ମହନ୍ତ ମଲ୍ଲିକ, ସୁରେଶ ପୃଷ୍ଟି, ରଞ୍ଜନ ପାଣି, ସଂଜୀବୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୨୩ ଅଭିଯୋଗର ଶୁଣାଣି କଲେ ପ୍ରଶାସନ

କେନ୍ଦ୍ରାପଡ଼ା,୭।୭(ସମିସ): କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ ହଲରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ୧୨୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୧୨ଟି ବ୍ୟକ୍ତିଗତ ହୋଇଥିବାବେଳେ ୧୧ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୭ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉକ୍ତ ଶିବିରରେ ମୁଖ୍ୟତଃ ଭତ୍ତା, ଜମିଜମା ବାବଦ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ସମ୍ବନ୍ଧୀୟ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗର ଶୁଣାଣି କରି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଏ ଅବସରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



● ମନମୋହନ ସାମଲ ପୁଣି ବିଜେପି ସଭାପତି


# ଖୁସି ମନାଇଲେ ପଟ୍ଟାମୁଣ୍ଡାଇ ବିଜେପି କର୍ମୀ



ପଟ୍ଟାମୁଣ୍ଡାଇ,୭।୭(ସମିସ): ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ତୃତୀୟ ଥର ପାଇଁ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ପରେ ପଟ୍ଟାମୁଣ୍ଡାଇ ବିଜେପି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ମେଡିକାଲ ଛକରେ ବରିଷ୍ଠ ବିଜେପି ନେତା କାଉନସିଲର ବିଦ୍ୟାଧର ସେଠୀ, ରବୀନ୍ଦ୍ର ବିଶ୍ୱାଳ, ମିଟୁ ମନୋଜ ନାୟକ, ଅନ୍ତର୍ଯ୍ୟାମୀ ମଲିକ, ପୀତାମ୍ବର କର, ପରେଶ ସାହୁ, ଦେବାଶିଷ ମଲିକ, ଉପେନ୍ଦ୍ର ନାୟକ ରାଜେନ୍ଦ୍ର ଗିରି,ଦୀପକ ମଲିକ, କ୍ଲବ୍ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଉତ୍ତମ ମଲିକ, ମାଗୁଣି ନାୟକ ପ୍ରମୁଖ ବହୁ ବିଜେପି ନେତା ଓ କର୍ମକର୍ତ୍ତା ନିଜ ନିଜ ମଧ୍ୟରେ ମିଠା ବାଣ୍ଟିବା ସହିତ ମେଡିକାଲ ଛକରେ ବାଣ ଫୁଟାଇ ଖୁସି ମନାଇଥିଲେ।

# ସରପଞ୍ଚଙ୍କ ପିତୃ ବିୟୋଗ

ରାଜନଗର,୭।୭(ସମିସ): ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡାଙ୍କ ବାପା ପର୍ଶୁରାମ ପଣ୍ଡା (୮୭ ବର୍ଷ)ଙ୍କ ବୟସରେ ସୋମବାର ସକାଳେ ହୃଦଘାତରେ ପରଲୋକ ଘଟିଛି।



ସ୍ୱର୍ଗତ ପଣ୍ଡା ଜଣେ ସମାଜସେବୀ, ପରୋଉପକାରୀ ବ୍ୟକ୍ତି ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ପରଲୋକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଚାନ୍ଦିବାଉଁଶମୂଳ ସମିତିସଭ୍ୟା ସସ୍ମିତା ସ୍ୱାଇଁ, ନିରଞ୍ଜନ ରାଉତ, ଦେବେନ୍ଦ୍ର ଜେନା, ମୋହନ ଦାସ, ପ୍ରମୋଦ ପ୍ରଧାନ, ସରୋଜ ରାଉତ, ଭୀମସେନ ଲେଙ୍କା, ସୁନୀଲ ରାଉଳ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

# ଡେରାବିଶର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା

ଡେରାବିଶ, ୭।୭(ସମିସ): ଡେରାବିଶ ବ୍ଲକ୍‌ର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଓଲକଣାସ୍ଥ ଓଁକାର କ୍ଷେତ୍ର ଭାବେ ପରିଚିତ ଓଲକଣା ମେଳଣ ପଡ଼ିଆରେ ରଥାରୁଢ଼ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ରଥ ଗୁଣ୍ଡିଚା ମନ୍ଦିରରୁ ବାହାରି ହାଟପଡ଼ିଆ ନିକଟରେ ପହଞ୍ଚିଥିଲା। ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ପବିତ୍ରପଡ଼ାସ୍ଥ ବଟମହାପୁରୁଷସ୍ଥିତ ମାଉସୀମା ମନ୍ଦିରରୁ ପତିତପାବନଜୀଉଙ୍କୁ ରଥାରୁଢ଼ କରାଯାଇ ଡାବଳସ୍ଥ କବିସୂର୍ଯ୍ୟ ବ୍ରହ୍ମାଙ୍କ ମଠ ପରିସରକୁ ନିଆଯାଇଥିବାବେଳେ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମ, ବନ୍ଧପଡ଼ାସ୍ଥ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି।




# ନବ ଉତ୍କଳ ସଂଗଠନ ପକ୍ଷରୁ ଚାରୁଅନ୍ନ ବଣ୍ଟନ

ଡେରାବିଶ, ୭।୭(ସମିସ): ନବ ଉତ୍କଳ ସଂଗଠନ ପକ୍ଷରୁ ମାହାଳସ୍ଥ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ଚାରୁଅନ୍ନ ବଣ୍ଟନ କରାଯାଇଛି। ଏହି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଉତ୍ସାହୀ ଯୁବକଯୁବତୀ ଭକ୍ତଙ୍କୁ ପ୍ରାଥମିକ ସେବା ପ୍ରଦାନ କରିବା ସହ ଚାରୁଅନ୍ନ, ଲେମ୍ବୁ ପାଣି, ଦହିପାଣି ବଣ୍ଟନ ସହ ଗୀତା ବହି ପ୍ରଦାନ କରିଥିଲେ।

# ଧୋୟାଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଉଠିଲା ଦାବି

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୭।୭(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ବ୍ଲକ ଓ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଅବହେଳିତ ଧୋୟାଞ୍ଚଳର ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ବଲୁରିଆ, ଅଣ୍ଡରା, ଅମୃତମଣୋହି ପ୍ରଭୃତି ୭ଟି ପଞ୍ଚାୟତ ସାମଗ୍ରିକ ବିକାଶର ବହୁ ପଛରେ ରହିଛି। ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡି ଏ ଅଞ୍ଚଳର ଅଧିବାସୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଧୋୟାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ ଓ କୃଷି କ୍ଷେତ୍ରରେ ବହୁ ପଛରେ ରହିଥିବାବେଳେ ଆଶାନୁରୂପ ଉନ୍ନତି ହୋଇପାରିନାହିଁ। ଧୋୟାଞ୍ଚଳର ଯୁବକ ସ୍ଥାନୀୟ ଅଞ୍ଚଳରେ କର୍ମ ସଂସ୍ଥାନ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟ ଓ ଦେଶକୁ ଚାଲିଯାଉଛନ୍ତି। ଧୋୟାଅଞ୍ଚଳର ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ କଟକ, ଭୁବନେଶ୍ୱର ଯାଇ ଚିକିତ୍ସା ନାମରେ ଦଲାଲଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅନୁପାତରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ପଞ୍ଚାୟତର ବିଭିନ୍ନ ପଡ଼ା ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଦୈନିକ ୨୦ରୁ ଅଧିକ ଥର ବିଦ୍ୟୁତ କାଟ ହେଉଛି। ପାଟପାରିରେ ୫ ଶହ ହେକ୍ଟର ଚାଷ ଜମିଥିଲେ ହେଁ ନାଳ ପାରି ହେବାକୁ ପୋଲ ନ ଥିବାରୁ ଜମି ଚାଷ ନହୋଇ ବେଣା ପଡ଼ିଆରେ ପରିଣତ ହେଲାଣି। ପେଣ୍ଠପାଳର ବାଘୁଆ ନାଳ ଓ ଅଣ୍ଡରାର ଗୁଡିଆଯୋର ଉପରେ ପୋଲ ନିର୍ମାଣ ହେବାର ବିଳମ୍ବ ଘଟୁଛି। ତରଡିପାଳ ପଞ୍ଚାୟତର ରାମ ନାୟକ ଡିଆଠାରେ ଥିବା ଝାଡ ବଣକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦାବି ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବିବିଧ ସମସ୍ୟାରେ ଉବୁଟୁବୁ ଧୋୟାଞ୍ଚଳର ସାମଗ୍ରିକ ବିକାଶ ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଧୋୟାଞ୍ଚଳର ସାମଗ୍ରିକ ବିକାଶ ପାଇଁ ସରକାର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ନିୟମ ଉଲ୍ଲଙ୍ଘନ କରି ଦେଶୀ ମଦଭାଟିରେ ମଦ ବିକ୍ରି

ରାଜକନିକା, ୭।୭(ସମିସ): ଓଲାଭର ବଜାରରେ ଥିବା ଦେଶୀ ମଦ ଭାଟି ନିୟମ ଉଲ୍ଲଙ୍ଘନ କରି ଭୋର ସମୟରୁ ଭାଟି ଖୋଲି ମଦ ବିକିବା, ବାଉଁସର ସହାୟତା ନେଇ ଦେଶୀ ବୋତଲ ଖୋଲି ପେଗ ବନେଇ ଖୋଲାରେ ମଦ ବିକିବା ଭଳି ବେନିୟମ କାର୍ଯ୍ୟ ଜାରି ରଖିଛନ୍ତି। ଆଳିର ଜଣେ ମଦ ମାଫିଆଙ୍କ ଦ୍ୱାରା ଖୋଲାଯାଇଥିବା ଏହି ଦେଶୀ ମଦ ଦୋକାନରେ ବହୁବାର ଅନିୟମିତତା ନେଇ ଖବର ପରେ ବି ସେ ଆଦୌ ନିଜର ବେପାର ନିୟମ ନ ବଦଳାଇ ପୂର୍ବବତ ସବୁ ବେଆଇନ କାମ ଜାରି ରଖିଛନ୍ତି। ଓଲାଭର ବଜାରରେ ଥିବା ଏହି ଦେଶୀ ମଦ ଦୋକାନ ଭୋର ୪ଟାରେ ଖୋଲିବା ସହ ବାଉଁସର ରଖି ସ୍ଥାନୀୟ ଲୋକଙ୍କୁ ଧମକାଇ ନେଇ ଗତବର୍ଷ ଅଭିଯୋଗ ପରେ ଦୋକାନୀ ଛୋଟିଆ ଫ୍ଲେକ୍ସ ମାରି ଦୋକାନ ଦିନ ଦଶଟାରୁ ଖୋଲିବା ନିୟମ ପାଳନ କରିବାର ଅଭିନୟ କରିଥିଲେ। ତେବେ ଆଜି ସକାଳ ୫ଟାରେ ଏହି ଦୋକାନରୁ ଦେଶୀ ମଦ ପିଇ ଗୋବିନ୍ଦପୁରର ଜଣେ ଓ ସାତଘରିଆ ଗ୍ରାମର ଆଉ ଜଣଙ୍କ ମଧ୍ୟରେ ମାରପିଟ ହୋଇ ରକ୍ତାକ୍ତ ହେବାର ଦେଖାଯାଇଛି। ଏହାର ଭିଡିଓ ଭାଇରଲ ହୋଇଛି। ଏହି ଦେଶୀ ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଏଠାରେ ଆଉ ଏକ ନମତରା ଘଟଣାର ପୁନରାବୃତ୍ତିକୁ ଏଡ଼ାଇ ହେବ ନାହିଁ। ଅବକାରୀ ବିଭାଗ ଜ୍ଞାତସାରରେ ଏସବୁ ଅନିୟମିତତା ହେଉଥିବାବେଳେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୁଲିସ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।



# ଭାଗବତ ମହାନ୍ତିଙ୍କ ଜୟନ୍ତୀ ପାଳିତ



ପଟ୍ଟାମୁଣ୍ଡାଇ,୭।୭(ସମିସ): ପୂର୍ବତନ ମନ୍ତ୍ରୀ, କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପ୍ରତିଷ୍ଠାତା ତଥା ଜନନାୟକ ଭାଗବତ ମହାନ୍ତିଙ୍କ ୯୭ତମ ଜୟନ୍ତୀ ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କଠାରେ ପାଳିତ ହୋଇଯାଇଛି। ଶାଖା ପରିଚାଳକ ଅଜିତ ପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବ୍ୟାଙ୍କ ନିର୍ଦ୍ଦେଶକ ଅମୂଲ୍ୟ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମହାନ୍ତିଙ୍କ କେନ୍ଦ୍ରାପଡା ଜିଲ୍ଲା ବିକାଶ ଓ ଅର୍ବାନ ବ୍ୟାଙ୍କ ପ୍ରତିଷ୍ଠା କରି ସାଧାରଣ ଜନତାଙ୍କ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମାଜସେବୀ ରମାକାନ୍ତ ଦାଶ, ଦଳିତ ନେତା ସର୍ବେଶ୍ୱର ସେଠୀ, ବ୍ୟବସାୟୀ ବରଦାକାନ୍ତ ଜେନା, ସମାଜସେବୀ ଧନେଶ୍ୱର ଦାସ, ଯୁବନେତା ତପନ ପାତ୍ର, ଅବିନାଶ ଲେଙ୍କା, ରଞ୍ଜିତ ଜେନା, ଶ୍ରୀକାନ୍ତ ଲେଙ୍କା, ମୁକୁନ୍ଦ ପ୍ରସାଦ ଓଝା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭାରେ ପଟ୍ଟାମୁଣ୍ଡାଇ ଶାଖା ସହପରିଚାଳକ ବିଶ୍ୱପ୍ରକାଶ ନାୟକ, ସୁଶାନ୍ତ ପ୍ରଧାନ, କାର୍ତ୍ତିକେଶ୍ୱର ବେହେରା, ସନ୍ତୋଷ ରାଉତ, ହୃଷିକେଶ ମଲ୍ଲିକ, ସରୋଜକାନ୍ତ ପାତ୍ର ପ୍ରମୁଖ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ବସନ୍ତ ମଲ୍ଲିକ, କାମଦେବ ପଣ୍ଡା, ଦେବାଶିଷ ବେହେରା ଓ ରମେଶ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ ବାଂଲାଦେଶୀଙ୍କୁ ଧରିଲା ପୁଲିସ

ପାରାଦୀପ, ୭।୭ (ସମିସ): ଆଜି ଜର୍ଦ୍ଦାରୀପଡ଼ାରୁ ଗୋଟିଏ ପରିବାରର ଚାରିଜଣ ବଂଲାଦେଶୀଙ୍କୁ ଲକ୍ ଥାନା ପୁଲିସ ଧରିଛି। ବାପ, ମାଆ, ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଲକ ଥାନା ପୁଲିସ ଜର୍ଦ୍ଦାରୀପଡାରେ ପହଞ୍ଚି ସେମାନଙ୍କୁ ସେଠାରୁ ଉଠାଇ ଆଣିଛି। ଅଧିକ ତଦନ୍ତ ନିମନ୍ତେ ଜଗତସିଂହପୁର ସବକଲେକ୍ଟର, ପାରାଦୀପ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଅଠରବାଙ୍କି ବିଜୁ ମେମୋରିଆଲ ହସ୍‌ପିଟାଲର ମେଡିକାଲ ଅଫିସର ବସନ୍ତ ରାଉତ ପହଞ୍ଚି ପଚରାଉଚରା କରିବା ପରେ ଜାଣିବାକୁ ପାଇଥିଲେ ଯେ ଉକ୍ତ ପରିବାର ବାଂଲାଦେଶୀ ହୋଇଥିବା ଜାଣିବାକୁ ପାଇଥିଲେ। ଉକ୍ତ ପରିବାର ପାରାଦୀପକୁ କିଭଳି ଆସିଲେ ପୁଲିସ ସେମାନଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି। ଉକ୍ତ ପରିବାର ୮ ଦିନ ହେବ ପାରାଦୀପକୁ ଆସିଥିବା ପୁଲିସ ଆଗରେ ମାନିଥିଲେ।



# କୁଜଙ୍ଗରେ ଶାନ୍ତିଶୃଙ୍ଖଳାର ସହ ବାହୁଡା ଯାତ୍ରା ସମ୍ପନ୍ନ

କୁଜଙ୍ଗ,୭।୭(ସମିସ): କୁଜଙ୍ଗର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। କୁଞ୍ଜବିହାରୀଙ୍କ ବାହୁଡା ଯାତ୍ରାରେ ହଜାର ଲୋକେ ସାମିଲ ହୋଇଥିବାବେଳେ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ରାହାମାରେ ମଧ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଠାକୁର ରାଜା ରୂପେ କୁଜଙ୍ଗ ବିଡିଓ ଦୀପକ ସ୍ୱାଇଁ ଛେରାପହଁରା କରିଥିଲେ। ସୁଭଦ୍ରାଙ୍କ ରଥକୁ ମହିଳା ଟାଣିଥିଲେ। ରଙ୍ଗିଆଗଡ ଗ୍ରାମରେ ଗୋପୀନାଥଙ୍କ ମନ୍ଦିର ପକ୍ଷରୁ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



# ଜୟ ଜଗନ୍ନାଥ ଫାଉଣ୍ଡେସନ ପକ୍ଷରୁ ସେବା କାର୍ଯ୍ୟ

ରାଜନଗର,୭।୭(ସମିସ): କେରେଡ଼ାଗଡ଼ ବାହୁଡ଼ା ଯାତ୍ରାରେ ଜୟ ଜଗନ୍ନାଥ ଫାଉଣ୍ଡେସନ ପକ୍ଷରୁ ସେବା କାର୍ଯ୍ୟ କରାଯାଇଛି। ଚାରା, ପାନୀୟ ଜଳ, ବିସ୍କୁଟ ଓ ପାନୀୟ ଜଳ ବଣ୍ଟନ ହୋଇଛି। ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟା ସମାଜକୁ ଗଛ ସମ୍ପର୍କରେ ବାର୍ତ୍ତା ଦେଇ ଲୋକଙ୍କୁ ବିଭିନ୍ନ ପ୍ରକାର ଚାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସରୋଜିନୀ ପ୍ରଧାନ, ଜ୍ୟୋସ୍ନାରାଣୀ ପ୍ରଧାନ, ସାବିତ୍ରୀ ରାଉତ, ବିକ୍ରମ ସାହାଣୀ, ଜ୍ଞାନରଞ୍ଜନ ଦାଶ, ପ୍ରତାପ ବେହେରା, ସମୀର ସ୍ୱାଇଁ, ଅଶୋକ ନାୟକ, ସ୍ୱପ୍ନାରାଣୀ ରାଉତ, ବିବେକ ପାଢ଼ୀ ପ୍ରମୁଖ ସାମିଲ ଥିଲେ।



# ଗୁଣ୍ଡିରେ ଶ୍ରୀଜୀଉଙ୍କ ସୁନାବେଶ

ପଟ୍ଟାମୁଣ୍ଡାଇ,୭।୭(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସଂସାରଫଳ ପଞ୍ଚାୟତ ଗୁଣ୍ଡି ଗ୍ରାମର ଆଧ୍ୟାତ୍ମିକ କ୍ଷେତ୍ର ବ୍ରହ୍ମଅଣ୍ଟା ମଠରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ବାହୁଡା ଯାତ୍ରା ଓ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡି ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇ ରଥକୁ ମହାକାଳ ବୃକ୍ଷ ନିକଟସ୍ଥ ମାଉସୀମା ମନ୍ଦିରଠାରୁ ବ୍ରହ୍ମଅଣ୍ଟା ମଠ ପର୍ଯ୍ୟନ୍ତ ଟାଣି ଟାଣି ଆଣିଥିଲେ। ମୁଖ୍ୟ ସେବାୟତ ଚିତ୍ତରଞ୍ଜନ ପଣ୍ଡା ଓ ସହଯୋଗୀ ବେଦଜ୍ଞ ପଣ୍ଡିତ ଶ୍ରୀଜୀଉଙ୍କ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଏହି ଉତ୍ସବରେ ଗୁଣ୍ଡି ଗ୍ରାମର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ପଣ୍ଡିତ ଚିତ୍ତରଞ୍ଜନ ପଣ୍ଡା, ସାମ୍ବାଦିକ ଭାସ୍କର ରାଉତରାୟ ଧାରା ବିବରଣୀ ପ୍ରଦାନ କରିଥିଲେ।

ଜଳ ନିକାସ ବିଭାଗର ନାହିଁ ନିଘା

# ଭାଙ୍ଗିଗଲାଣି ୧୯ ନଂ ଡ୍ରେନେଜ୍ କଟ୍ ସ୍ଲୁଇସ୍ ଗେଟ୍

ଡେରାବିଶ, ୭।୭(ସମିସ)



ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇ ଯାଇଥିବା ପାଟନାଳିର ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ କୁଆଁରପୁରଠାରେ ୧୯ନଂ ଡ୍ରେନେଜ କଟ୍‌ରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଛି। ଜଳ ନିକାସ ବିଭାଗର ନିଘା ନ ଥିବାରୁ ଏହି ସ୍ଲୁଇସ୍ ଗେଟ୍ ଭାଙ୍ଗିରୁଜି ଗଲାଣି। ଏହି ପାଟନାଳୀଟି କଟକ ଜିଲ୍ଲାରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ନରସିଂହପୁର ପଞ୍ଚାୟତ ଦେଇ ଏଣ୍ଡର, ବାଲିଆ, ପଲେଇ, ଗୋଲରାହାଟ, ଚାଟରାଚକଡ଼ା, କାଉପଡ଼ା ପଞ୍ଚାୟତ ଦେଇ ଜାତୀୟ ରାଜପଥକୁ ଅତିକ୍ରମ କରିଛି। ଏହି ଡ୍ରେନେଜ୍ କଟ୍ ଉପରେ କୁଆଁରପୁର ଗ୍ରାମ ନିକଟରେ ଏକ ସ୍ଲୁଇସ୍ ଗେଟ୍ କରାଯାଇଛି। ଏହି ସ୍ଲୁଇସ୍ ଗେଟ୍ ଦ୍ୱାରା ବର୍ଷା କମ୍ ହେଉଥିବା ସମୟରେ ପାଣିକୁ ଅଟକାଯାଇ ଚାଷଜମିରୁ ଜଳ ନିଷ୍କାସନକୁ ବନ୍ଦ କରାଯାଇଥାଏ। ଗତ କିଛିବର୍ଷ ହେବ ଡ୍ରେନେଜ୍ କଟରେ ଲାଗିଥିବା ସ୍ଲୁଇସ୍ ଗେଟ୍ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏପରିକି ଏହି ସ୍ଲୁଇସ୍‌ରେ ୬ଟି ଗେଟ୍ ଲଗାଯାଇଥିବାବେଳେ ଏଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଗତ କିଛିବର୍ଷ ଧରି ଚାଷ ସମୟରେ ବ୍ୟାପକ ବର୍ଷା ହେଉଥିବା ଓ ଏହି ପାଟନାଳୀ ଆଦୌ ସଫେଇ ନ ହେବା ଯୋଗୁ ଉପରୋକ୍ତ ପଞ୍ଚାୟତର ଚାଷଜମିରେ ଉଦ୍‌ବୃତ୍ତ ଜଳ ଜମିରହୁଛି। ତେଣୁ ଚାଷୀ ଏବେ ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରିବାର ଆବଶ୍ୟକତା ଅନୁଭବ କରୁନାହାନ୍ତି। ଯଦି କୌଣସି ବର୍ଷ ମୌସୁମୀ ବର୍ଷା କିମ୍ବା ଲଘୁଚାପଜନିତ ବର୍ଷାର ପରିମାଣ କମିଯିବ, ତେବେ ଏହି ସ୍ଲୁଇସ୍ ଗେଟ୍ ବାଟ ଦେଇ ଚାଷ ଜମିରୁ ସମସ୍ତ ଜଳ ତଳ ମୁଣ୍ଡକୁ ପ୍ରବାହିତ ହୋଇଯିବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଡ୍ରେନେଜ କଟ୍‌କୁ ସଫା କରିବା ସହିତ କୁଆଁରପୁରଠାରେ ଥିବା ସ୍ଲୁଇସ୍ ଗେଟ୍‌କୁ ମରାମତି କରିବାକୁ ଅଞ୍ଚଳର ଚାଷୀ ଦୀପକ ଘଡାଇ, ଅନିରୁଦ୍ଧ ଭୂୟାଁ, ମନୋଜ ଭୂୟାଁ, ଉମେଶ ସାହୁ, ସୁରେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ବେହେରା, ଉପେନ୍ଦ୍ର ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

# ସମ୍ବିଧାନ ବଞ୍ଚାଅ ସମାବେଶ ସଫଳ କରିବାକୁ ଆହ୍ୱାନ

ଢେଙ୍କାନାଳ,୭ ।୭ (ସମିସ)




ଜୁଲାଇ ୧୧ରେ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ ସମାବେଶକୁ ସମ୍ବୋଧିତ କରିବେ। ସଭାରେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଯୋଗଦେବେ। ଏହି ସମାବେଶର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟେକ ଜିଲ୍ଲାରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ଅବଗତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା କମିଟି ମିଡିଆ ସେଲର ପୂର୍ବତନ ଅଧ୍ୟକ୍ଷ ଡା. ତୁଷାରକାନ୍ତି ନାୟକ ଭାରତର ସମ୍ବିଧାନ ପ୍ରତି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ଏହାର ସମର୍ଥିତ ବିଜେପି ଦଳର ମୋଦି ସରକାର ତରଫରୁ କିପରି ବିପଦ ସୃଷ୍ଟି ହୋଇଛି ଏବଂ ଏହାର ସ୍ୱତନ୍ତ୍ର ଅନୁଚ୍ଛେଦ ଧର୍ମନିରପେକ୍ଷତା, ସମାଜବାଦୀ, ଗଣତନ୍ତ୍ର ଆଦି ଶବ୍ଦକୁ ହଟାଇଦେବା ନିମନ୍ତେ କିପରି ଚକ୍ରାନ୍ତ ଚାଲିଛି ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ବିଧାନ ବଞ୍ଚିଲେ ଗଣତନ୍ତ୍ର ବଞ୍ଚିବ ଏବଂ ସମ୍ବିଧାନ ନ ରହିଲେ ଦେଶରେ ଏକଛତ୍ରବାଦ ଶାସନ ଯାହା ହିଟଲର୍‌ର ଫାସିବାଦ ଏବଂ ଭାରତର ମଧ୍ୟଯୁଗୀୟ ମନୁବାଦୀ ବିଚାରଧାରାର ଶାସନ ଆରମ୍ଭ ହୋଇଯିବ ବୋଲି ପୂର୍ବତନ ମନ୍ତ୍ରୀ ପଟ୍ଟନାୟକ କହିଥିଲେ। ଏପରି ହେଲେ ଦେଶରେ ଅରାଜକତା ବ୍ୟାପିଯିବା ସହ ଗୃହଯୁଦ୍ଧ ଆରମ୍ଭ ହେବାର ଭୟ ରହିଛି। ତଥାକଥିତ ଡବଲ ଇଞ୍ଜିନ ସରକାରର ଶାସନରେ ମୁଷ୍ଟିମେୟ ଶିଳ୍ପପତି ଓ କର୍ପୋରେଟ୍ ଦେଶର ସମ୍ପତ୍ତିକୁ କବ୍‌ଜା କରିବାରେ ଲାଗିଛନ୍ତି। ସେପଟେ ଗରିବ ଅତି ଗରିବ ହୋଇ ଚାଲିଛନ୍ତି। ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ବିଶେଷକରି ଢେଙ୍କାନାଳ, ଅନୁଗୋଳରେ ଶିଳ୍ପପତିମାନେ ସରକାରୀ ସହାୟତାରେ ଆଦିବାସୀ, ଦଳିତ ଏବଂ ଗରିବଙ୍କ ଜମି ବଳପୂର୍ବକ ହଡ଼ପ କରିବାରେ ଲାଗିଛନ୍ତି। ଭାରତର ସାମ୍ବିଧାନିକ ବ୍ୟବସ୍ଥାର ସୁଯୋଗ ନେଇ ଆଜି ମୋହନ ମାଝି ବିଧାୟକ ଓ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। କିନ୍ତୁ ଆଦିବାସୀ, ଦଳିତ, ନିଷ୍ପେସିତ, ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ମହିଳାମାନଙ୍କ ପ୍ରତି ଅତ୍ୟାଚାର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ସାମ୍ବିଧାନିକ ସଂସ୍ଥା ବିଶେଷ କରି ନିର୍ବାଚନ ଆୟୋଗ, ନ୍ୟାୟପାଳିକା, ଗଣମାଧ୍ୟମକୁ କେନ୍ଦ୍ର ସରକାର କରାୟତ୍ତ କରିବାରେ ଲାଗିଛନ୍ତି। ସମ୍ବିଧାନର ସୁରକ୍ଷା ନିମନ୍ତେ କଂଗ୍ରେସ ସଙ୍କଳ୍ପବଦ୍ଧ ଏବଂ ଏଥିପାଇଁ କଂଗ୍ରେସ ତୃଣମୂଳ ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନମାନସରେ ସଚେତନତା ସୃଷ୍ଟି କରିବ ବୋଲି ନେତାମାନେ କହିଥିଲେ। ଭାରତଯୋଡ଼ୋ ପଦଯାତ୍ରାର ନାୟକ ଏବଂ ନଫରତ୍ କି ବାଜାର୍ ମେ ମୋହବତ୍ କି ଦୁକାନ୍ ଆହ୍ୱାନ ଦେଇଥିବା ରାହୁଲ ଗାନ୍ଧୀଙ୍କ ଏହି ସମାବେଶକୁ ସଫଳ କରାଇବା ନିମନ୍ତେ ପୂର୍ବତନ ମନ୍ତ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ବିପ୍ରବର ସାହୁ, ରାଜୀବ ଲୋଚନ ସିଂହଦେଓ, ବିନୟ କୁମାର ସାହୁ, ରୁଦ୍ରପ୍ରକାଶ ଶରଣ, ପ୍ରେମଶଙ୍କର ମିଶ୍ର, ସରୋଜ ଶତପଥୀ, ମହିଳା ନେତ୍ରୀ ସ୍ମିତାରାଣୀ ସାମଲ, ରୁମେନା ବେଗମ୍, ମହମ୍ମଦ ଏର୍ଶାଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରତ୍ନ ସିଂହାସନରେ ବିଜେକଲେ ମହାବାହୁ



ନାଲକୋ ନଗର,୭ ।୭ (ସମିସ): ସରିଲା ଘୋଷଯାତ୍ରା। ୧୨ ଦିନର ଲୀଳାଖେଳ ଶେଷ ପରେ ସୋମବାର ଚତୁର୍ଦ୍ଧା ବିଗ୍ରହ ରତ୍ନସିଂହାସନକୁ ବିଜେ କରିଛନ୍ତି। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ରଥ ଉପରୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ରତ୍ନବେଦିକୁ ବିଜେ କରାଯାଇଛି। ଏତେଦିନ ଧରି ମାନ କରି ରହିଥିବା ମା’ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ବ୍ରହ୍ମାଣ୍ଡ ଠାକୁର ରସଗୋଲା ଦେଇ ମାନଭଞ୍ଜନ କରିବା ଦୃଶ୍ୟ ଅତ୍ୟନ୍ତ ନିଆରା ଥିଲା। ଏଥି ପାଇଁ ଦିବ୍ୟ ଶ୍ୱେତ କ୍ଷେତ୍ର ମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହୋଇଥିଲା। ସନ୍ଧ୍ୟା ୭ଟାରେ ନାଲକୋ ମନ୍ଦିର କମିଟି ସେବାୟତଙ୍କ ଗହଣରେ ରଥ ଉପରୁ ମହାପ୍ରଭୁଙ୍କୁ ପହଣ୍ଡି କରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସନ୍ଧ୍ୟା ସାଢ଼େ ୮ଟାରେ ମନ୍ଦିର କମିଟି ସମ୍ପାଦକ ଭବାନୀ ଶଙ୍କର ସାହୁ ମନ୍ଦିରର ବାର୍ଷିକ ବିବରଣୀ ଓ ଯୁଗ୍ମ ସମ୍ପାଦକ ଜିତେନ୍ କୁମାର ପତି ବାର୍ଷିକ ଆୟବ୍ୟୟ ପାଠ କରିଥିଲେ। ୮ଟା ୪୫ରେ ଲକ୍ଷ୍ମୀନାରାୟଣ କଳି ପରେ ୯ଟା ୧୫ରେ ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିଥିଲେ। ରାତି ସାଢ଼େ ୧୦ଟାରେ ବଡ଼ସିଂହାର ବେଶ ପରେ ୫୬ ଭୋଗ ଲାଗୁ ହୋଇଥିଲା। ବରିଷ୍ଠ ପୂଜକ ତାପସ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ହୋଇଥିଲା।

## ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ କଟ୍‌ଅଫ୍ ମାର୍କ ପ୍ରକାଶିତ

ଅନୁଗୋଳ,୭ ।୭ (ସମିସ): ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ କଟ୍‌ଅଫ୍ ମାର୍କ ପ୍ରକାଶିତ ହୋଇଛି। କଳାରେ ସାଧାରଣ ବର୍ଗ ପିଲାଙ୍କ ପାଇଁ ୭୨.୧୭, ଏସଟି ବର୍ଗଙ୍କ ପାଇଁ ୫୯.୩୩, ଏସସି ବର୍ଗଙ୍କ ପାଇଁ ୬୧.୮୩, ଏସଇବିସି ବର୍ଗଙ୍କ ପାଇଁ ୬୭.୬୭, ଭିନ୍ନକ୍ଷମଙ୍କ ପାଇଁ ୩୫.୧୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ବିଜ୍ଞାନରେ ସାଧାରଣ ବର୍ଗ ପିଲାଙ୍କ ପାଇଁ ୭୭.୪, ଏସଟି ପାଇଁ ୩୮, ଏସସି ପାଇଁ ୬୦, ଏସଇବିସି ବର୍ଗ ପାଇଁ ୭୩.୮୩ ପ୍ରତିଶତ ପର୍ଯ୍ୟନ୍ତ ମାର୍କ ଯାଇଛି। ସେହିଭଳି ବାଣିଜ୍ୟରେ ସାଧାରଣ ବର୍ଗଙ୍କ ପାଇଁ ୫୦.୪, ଏସଟିଙ୍କ ପାଇଁ ୩୪, ଏସସିଙ୍କ ପାଇଁ ୪୦.୧୭ ଓ ଏସଇବିସି ପିଲାଙ୍କ ପାଇଁ ୩୫.୮୩ ପ୍ରତିଶତ ଯାଇଛି।

## ଷ୍ଟିୟରିଂଛାଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ପରଜଙ୍ଗ,୭ ।୭ (ସମିସ): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ସାରା ରାଜ୍ୟରେ ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳପାଇଁ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ୍ରାଇଭର ସଙ୍ଘ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ବ୍ଲକ ସଙ୍ଘ ସଭାପତି ସନ୍ତୋଷ କୁମାର ବର୍ମାଙ୍କ ନେତୃତ୍ୱରେ ବ୍ଲକ କର୍ମକର୍ତ୍ତା ଓ ପଞ୍ଚାୟତ ସଭ୍ୟମାନଙ୍କୁ ନେଇ ବ୍ଲକର ୭ ସ୍ଥାନରେ ଡ୍ରାଇଭରମାନଙ୍କ କ୍ୟାମ୍ପ କରିବାକୁ ନିଷ୍ପତ୍ତି ନିଆଯାଇଛି। ୫୩ନଂ ଜାତୀୟ ରାଜପଥର ଡିହଡୋଳ ଓଭରବ୍ରିଜ, ପିଟିରି, ଗେଙ୍ଗୁଟିଆ, ସରାଙ୍ଗ, ବଡ଼ଝରା, ଭାଲୁମୁଣ୍ଡା ଓ ସାଆନ୍ଦାରେ କ୍ୟାମ୍ପ କରାଯିବ ବୋଲି ପରଜଙ୍ଗ ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସମସ୍ତ ଡ୍ରାଇଭରମାନଙ୍କୁ ବ୍ଲକ ସଭାପତି ବର୍ମା ପରାମର୍ଶ ଦେଇଛନ୍ତି।

## ମଙ୍ଗଳପୁର ହାଇସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ




ଓଡ଼ାପଡ଼ା,୭ ।୭ (ସମିସ): ଓଡ଼ାପଡ଼ା ବ୍ଲକ ମାନପୁରସ୍ଥିତ ମଙ୍ଗଳପୁର ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ରୂପେ ଜିଏମ୍‌ଆର କାରଖାନାର ମୁଖ୍ୟ ପରିଚାଳକ ମନୋଜ ମିଶ୍ର, ସମ୍ମାନିତ ଅତିଥି ରୂପେ ସମାଜସେବୀ ଲକ୍ଷ୍ମୀଧର ରାଉତ, ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ, ସମିତିସଭ୍ୟା ଅନିତା ପଟ୍ଟନାୟକ, ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ ନାଏକ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ପ୍ରଧାନଶିକ୍ଷୟିତ୍ରୀ ବନୀତା ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହିଅବସରରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ପାଣି ବକ୍ତବ୍ୟରେ କହିଥିଲେ ଯେ ଦୁର୍ନୀତି ବିରୋଧରେ ଏକଜୁଟ ହୋଇ ସାମୂହିକ ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ବିଦ୍ୟାଳୟର ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ଉନ୍ନତି ଦିଗରେ କାର୍ଯ୍ୟ କରିଥିବା ପରଲୋକଗତ ସମାଜସେବୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପୁଷ୍ପରାଜ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ଲାଇନ ବିଦ୍ୟାଳୟରେ ବନମହୋତ୍ସବ



ଢେଙ୍କାନାଳ,୭ ।୭ (ସମିସ): ସ୍ଥାନୀୟ ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନମୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ଝସକେତନ ପ୍ରଧାନ, ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ମିଶି ଚାରାରୋପଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ ବୃକ୍ଷର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିସରରେ ଫଳ, ଛାଇ ପ୍ରଦାନକାରୀ ତଥା ପନିପରିବା ଚାରା ରୋପଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସ୍ନେହାପ୍ରଭା ସାହୁ ଓ ଅଭିଭାବକ, ଏମଆଇଏ ସଭ୍ୟ ସଭ୍ୟାମାନେ ସହଯୋଗ କରିଥିଲେ।

## ତ୍ରିବେଣୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସୁନାବେଶ

**ନାଟକ ‘କାଞ୍ଚି ଅଭିଯାନ’ ମଞ୍ଚସ୍ଥ**

କଣିହାଁ,୭ ।୭ (ସମିସ): କଣିହାଁ ବ୍ଲକ ସମଲସ୍ଥିତ ତ୍ରିବେଣୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ରବିବାର ସୁନାବେଶ ଅନୁଷ୍ଠିତ ହେବା ସହ ମନ୍ଦିର ନିକଟରେ ନାଟକ ‘କାଞ୍ଚି ଅଭିଯାନ’ ମଞ୍ଚସ୍ଥ ହୋଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କୁ ସୁନାବେଶରେ ଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟକ ଉପଭୋଗ କରିଥିଲେ। ତାଳପଦାର ଭାଗ୍ୟଧର ସାହୁ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ ଶିକ୍ଷକ ଋଷଭ ବେହେରା ସହଯୋଗ କରିଥିଲେ। ବାରୁଆଁସ୍ଥିତ ପଞ୍ଚପଡ଼ା ହାଇସ୍କୁଲ ଛାତ୍ରଛାତ୍ରୀ ଏଥିରେ ଅଭିନୟ କରିଥିଲେ।



## କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି

କିଶୋରନଗର,୭ ।୭ (ସମିସ): କିଶୋରନଗର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତର ୪୯ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ଖଣ୍ଡହତା ଗାଁର ଅର୍ଜୁନ ପାଣ୍ଡେ ଓ ନାକଚି ପଞ୍ଚାୟତ ମଧୁପୁରର ସତୀଶ ପ୍ରଧାନଙ୍କୁ ଚିକିତ୍ସା ବାବଦ ରେଡ୍‌କ୍ରସ ପାଣ୍ଠିରୁ ୫୦୦୦ ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ଏଥିରେ ଏସ୍‌ପି ରାହୁଲ ଜୈନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୌରୀ ଶଙ୍କର ବଳ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡିଡବ୍ଲ୍ୟୁଓ ଦିଲୀପ ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ତହସିଲଦାର ବିକ୍ରମ କେଶରୀ ନାୟକ, ବିଡିଓ ସୁବ୍ରତ କୁମାର ବେହେରା, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, ଆର୍‌ଡି ଏସଡିଓ ମଧୁସ୍ମିତା ଦଳେଇ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର, ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡ଼ିଆ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଓ ଲୋକପ୍ରତିନିଧି ଯୋଗଦେଇଥିଲେ।




## ଘରୋଇ ଋଣ ଚାପରେ ଯୁବକଙ୍କ ଆତ୍ମହତ୍ୟା !

ଛେଣ୍ଡିପଦା,୭ ।୭ (ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଝିଣ୍ଟିପାଳ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଘରୋଇ ଋଣ ଚାପରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଝିଣ୍ଟିପାଳ ଗ୍ରାମର ମଦନ ଗୋଛାୟତ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ମଦନ ୫ ବର୍ଷ ପୂର୍ବରୁ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ୩୦ ହଜାର ଟଙ୍କା ଋଣ ନେଇଥିଲେ। ଟଙ୍କା ଫେରାଇବା ପାଇଁ ବ୍ୟକ୍ତି ଜଣକ ବାରମ୍ବାର ଧମକ ଦେଉଥିଲେ। ମଦନ ମୂଳ ଟଙ୍କା ଶୁଝିଥିଲେ ମଧ୍ୟ ସୁଧ ଟଙ୍କା ଫେରାଇ ନ ପାରି ଚାପରେ ଥିଲେ। ଟଙ୍କା ଶୁଝିବା ପାଇଁ ସେ ଚେନ୍ନଇ ଯିବାକୁ ଯୋଜନା କରିଥିଲେ। ଟ୍ରେନରେ ଟିକଟ ମଧ୍ୟ କରିଥିଲେ। ହେଲେ ରାତିରେ ଘର ଭିତରେ କବାଟ ଦେଇ ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳେ ପରିବାର ଲୋକେ ଏହା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଚଳାଇଛି।

## ବ୍ରାହ୍ମଣୀ ନଦୀରେ ଫସିଥିବା ୩ ହାତୀ ଉଦ୍ଧାର

ଢେଙ୍କାନାଳ,୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ ରେଞ୍ଜ ପାଳସାହି ନିକଟରେ ବ୍ରାହ୍ମଣୀ ନଦୀରେ ଫସିଥିବା ୩ ହାତୀଙ୍କୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ୪୦ଟିକିଆ ହାତୀପଲ ନଦୀପାର ହେବା ବେଳେ ୩ଟି ହାତୀ ପାଳସାହି ନିକଟରେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିକଟସ୍ଥ ଏକ ଟାପୁରେ ଲାଗିଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ସଙ୍ଘର୍ଷ ପରେ ୩ ହାତୀଙ୍କୁ ଉଦ୍ଧାର କରିଛନ୍ତି।

**● ବୃଦ୍ଧ ବାପାଙ୍କୁ ହତାଦର**

## ବାସଷ୍ଟାଣ୍ଡ ଘରେ ଛାଡ଼ିଦେଲେ ପୁଅବୋହୂ



କଣିହାଁ,୭ ।୭ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ବାଲିପଶି ପଞ୍ଚାୟତ ବାଲିପଶି ଗ୍ରାମରେ ଘଟିଛି ମିଳିଛି ହୃଦୟବିଦାରକ ଘଟଣା। ଗ୍ରାମର ଲମ୍ବୋଦର ନାଏକ (୭୦)ଙ୍କୁ ତାଙ୍କ ପୁଅ ପ୍ରଦୀପ ନାଏକ (୩୫), ବୋହୂ ଓ ସ୍ତ୍ରୀ ବିଶାଖା ନାଏକ (୬୨) ମିଶି ଗାଁ ବସ୍‌ଷ୍ଟାଣ୍ଡ ଘରେ ଆଜକୁ ୬ ମାସ ହେବ ନିର୍ଦ୍ଦୟ ଭାବେ ଛାଡ଼ି ଦେଇଛନ୍ତି। ଲମ୍ବୋଦର ସେଠାରେ ବର୍ଷା, ଶୀତକାକରରେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆଖପାଖ ଲୋକଙ୍କୁ ନେହୁରା ହୋଇ ଭୋକିଲା ପେଟକୁ ଦାନା ମୁଠାଏ ଯୋଗାଡ଼ କରି ସେଠାରେ ପଡ଼ିରହିଛନ୍ତି। କେହି ଦେଲେ ଖାଉଛନ୍ତି, ନ ମିଳିଲେ ପେଟରେ ଓଦାକନା ପକାଇ ଶୋଇଯାଉଛନ୍ତି। ଗୋଟିଏପଟେ ପରିବାରର ନିର୍ଯାତନା ଓ ଅନ୍ୟପଟେ ଶ୍ୱାସରୋଗ ସହ ବାର୍ଦ୍ଧକ୍ୟ ଯନ୍ତ୍ରଣାରେ ଜର୍ଜରିତ ଲମ୍ବୋଦର ଦୀର୍ଘଦିନ ହେଲା ବସଷ୍ଟାଣ୍ଡରେ ପଡ଼ିରହିବା ଯୋଗୁଁ ତାଙ୍କ ଦୁଇ ଗୋଡ଼ରେ ଘାଆ ହୋଇ ସଂକ୍ରମିତ ହୋଇଗଲାଣି। ଗ୍ରାମର ଏହି ନୂତନ ବସଷ୍ଟାଣ୍ଡ ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ଏଠାକୁ ପ୍ରତେକ ଦିନ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତି। ତେବେ ଏହି ଅସହାୟ ବୃଦ୍ଧଙ୍କ ପ୍ରତି କୌଣସି ଜନପ୍ରତିନିଧି କିମ୍ବା ଅଧିକାରୀଙ୍କ ନଜର କିପରି ପଡ଼ିନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କଣିହାଁ ବିଡିଓ ତ୍ରିବିକ୍ରମ କୁମାର ଏ ସମ୍ପର୍କରେ ସୂଚନା ପାଇ ସରପଞ୍ଚ ହାଡ଼ିବନ୍ଧୁ ସେଠୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ତେବେ ଲମ୍ବୋଦରଙ୍କ ପୁଅବୋହୂଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ବିଲେଇନାଳି ହାଇସ୍କୁଲରେ ଚାରାରୋପଣ



ବଇଣ୍ଠା,୭ ।୭ (ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ବିଲେଇନାଳି ହାଇସ୍କୁଲରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଫରେଷ୍ଟର ଲିଙ୍ଗରାଜ ବେହେରା, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ଦାସ, ଅନୁପମା ନାୟକ, ଫରେଷ୍ଟ ଗାର୍ଡ ରତିରଞ୍ଜନ ଷଡ଼ଙ୍ଗୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଜେନା, ରାଜେନ୍ଦ୍ର ଶବର, ହେମନ୍ତ ବେହେରା, ବିବେକାନନ୍ଦ ମହାକୁଡ଼, ବିଶ୍ୱଜିତ ମିଶ୍ର, ସରୋଜ କୁମାର ପ୍ରଧାନ, ଜୟଦ୍ରଥ ଦୁର୍ଗା, ହେମେନ୍ତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ଚାରାରୋପଣ କରିଥିଲେ। ବିଭିନ୍ନ ପ୍ରଜାତିର ୧୦୦ ଚାରାରୋପଣ କରାଯାଇଥିଲା।

## ରେମୁଁଆ ଓ ଚାଳିଆକୁଟାବାସୀ ଜଳବନ୍ଦୀ

**ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି**




ତାଳଚେରସଦର,୭ ।୭ (ସମିସ): ଲଗାଣ ବର୍ଷା ଫଳରେ ତାଳଚେର ପୌରପରିଷଦ ୧୨ନଂ ୱାର୍ଡ ଅନ୍ତର୍ଗତ ରେମୁଁଆ ଓ ୧୧ନଂ ୱାର୍ଡ ଚାଳିଆକୁଟା ଗ୍ରାମବାସୀ କିଛିଦିନ ହେବ ଜଳବନ୍ଦୀ ଅବସ୍ଥାରେ ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦୁଇ ୱାର୍ଡ କୌଣସି ନଦୀ, ନାଳ, ଯୋର ନିକଟରେ ରହି ନ ଥିଲେ ମଧ୍ୟ କେବଳ ବର୍ଷାଜଳରେ ଅଞ୍ଚଳବାସୀ ଉବୁଟୁବୁ ହେଉଛନ୍ତି। ତାଳଚେର ପୌରପରିଷଦର ୨୧ ୱାର୍ଡରେ ଡ୍ରେନେଜ ବ୍ୟବସ୍ଥାର ସୁବନ୍ଦୋବସ୍ତ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ବର୍ଷାରତୁ ପୂର୍ବରୁ ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଗଲେ ୱାର୍ଡବାସୀ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇପାରିବେ ବୋଲି ମତପ୍ରକାଶ ପାଉଛି। ଅପରପକ୍ଷେ ଡ୍ରେନ ଓ ରାସ୍ତା ପାଇଁ ଆବଶ୍ୟକ ଜାଗା ନ ଥିବାରୁ ସାମାନ୍ୟ ବର୍ଷା କିମ୍ବା ଲଗାଣ ବର୍ଷା ହେଲେ ଏଠାରେ ଏପରି ସମସ୍ୟା ଉପୁଜୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଭୟ ୱାର୍ଡବାସୀ ଏ ସମ୍ପର୍କରେ ପୂର୍ବରୁ ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଅନୁଗୋଳ,୭ ।୭ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ପୁରୁଣାଗଡ଼ ଗ୍ରାମ ଗୌଡ଼ସାହି ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୁଣାକୋଟ ଥାନା ଶରଧାପୁର ଗ୍ରାମର କପିଳ ପ୍ରଧାନ। ଏହି ଦୁର୍ଘଟଣାରେ ସେହି ଗ୍ରାମର ସୁଜିତ୍ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି।

କପିଳ ଓ ସୁଜିତ୍ ବାଇକ୍ ଯୋଗେ ଯାଉଥିବା ବେଳେ ଗୌଡ଼ସାହି ନିକଟରେ ଭାରସ୍ୟାମ ହରାଇ ଗଛରେ ଧକ୍କା ହୋଇଥିଲେ। ଫଳରେ ଦୁହେଁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର କପିଳଙ୍କୁ ମୃତ ଘୋଷଣା କରିଥିଲେ। ସୁଜିତ୍‌ଙ୍କ ଚିକିତ୍ସା ଜାରି ରହିଛି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।


# ଜୁଲାଇ ୯ ଧର୍ମଘଟ ସଫଳ କରିବାକୁ ପ୍ରଥପ୍ରାନ୍ତ ସଭା

କଣିହାଁ,୭ ।୭ (ସମିସ)




କେନ୍ଦ୍ର ବିଜେପି ସରକାରଙ୍କ ଜନବିରୋଧୀ ନୀତି ଓ ପଦକ୍ଷେପର ପ୍ରତିବାଦରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ଜୁଲାଇ ୯ରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ସୋମବାର ସନ୍ଧ୍ୟାରେ ଏନଟିପିସି କଣିହାଁ ସମ୍ମୁଖ ବାଇପାସ ଛକରେ ଶ୍ରମିକ କର୍ମଚାରୀଙ୍କ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଏଆଇୟୁଟିୟୁସି ନେତା ଭିକାରୀ ପ୍ରଧାନ, ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ସଦାଶିବ ସିଂହ, ପ୍ରତାପ ଚନ୍ଦ୍ର ସାହୁ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ଗନ୍ଧର୍ବ ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ସୁନିଆ ନାଏକ, ସିଙ୍ଗେଶ୍ୱର ସାହୁ, ନରେଶ ପ୍ରଧାନ, ବୀରେନ୍ଦ୍ର ନାଏକ, ଆଇଏନ୍‌ଟିୟୁସି ନେତା ସତ୍ୟାନନ୍ଦ ସାହୁ, ଶିବରାମ ଦାସ, ବସନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକ ସାମିଲ ଥିଲେ। ୧୭ ଦଫା ଦାବିରେ ଦେଶବ୍ୟାପୀ ଧର୍ମଘଟ ହେବ। ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକ, ଜେଆଇଟିପିଏଲ୍ କର୍ମଚାରୀ, ଠିକାଶ୍ରମିକ, ଏନଟିପିସି ଓ କଣିହାଁର ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଟେଲିକମ୍, ଡାକଘର କର୍ମଚାରୀ, ବସ, ଗାଡ଼ିମୋଟର କର୍ମଚାରୀ, ବ୍ୟବସାୟୀ ଏହି ଧର୍ମଘଟରେ ସାମିଲ ହେବା ପାଇଁ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ଫେଡେରେସନ ଓ ଆସୋସିଏସନ ସମୂହ ମିଳିତ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା।
-ସୁନ୍ ଜୁ

ସକାଳ
THE SAKALA

## ତୁର୍କୀ ବିରୋଧୀ କୂଟନୀତି

ଛୋଟ ସଫଳତା ହେଲେ ମଧ୍ୟ ଅନୁଭବ ବଡ଼। 'ଅପରେସନ ସିନ୍ଦୂର' ପ୍ରେକ୍ଷାପଟରେ ତୁର୍କୀ ଓ ଆଜରବାଇଜାନ୍ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ବିଶେଷକରି ତୁର୍କୀର ସାମରିକ ସାହାଯ୍ୟ ପ୍ରଦାନ ଭାରତର କୂଟନୈତିକ ବିଫଳତାକୁ ଇଙ୍ଗିତ କରୁଥିଲା। ଯୁଦ୍ଧ ବିରାମ ପରେ ଭାରତ ଏହି ଦୁଇ ରାଷ୍ଟ୍ର ବିରୋଧରେ ବାଣିଜ୍ୟିକ ଓ କୂଟନୈତିକ ସ୍ତରରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏଥିମଧ୍ୟରେ ଭାରତ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପରେ ନିଜର ସ୍ଥିତି ଜାହିର କରିଛି। ଗ୍ରୀସ, ସାଇପ୍ରସ୍ ଓ ଆର୍ମେନିଆ ସହ ଭାରତର ନିବିଡ଼ ସଂପର୍କକୁ 'ମିନିକ୍ୱାଡ୍' ର ରୂପରେଖ ଦେଇଛନ୍ତି ପର୍ଯ୍ୟବେକ୍ଷକ ମହଲ। କେବଳ ରଣନୀତିକ ସହାୟତା ନୁହେଁ, ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଇବାର ପ୍ରତିଶ୍ରୁତି ମଧ୍ୟ ଦେଇଛି ଭାରତ। ତୁର୍କୀର ବଡ଼ଭାଇପଣିଆ ବିରୋଧରେ ରୋକ୍ ଲଗାଇବାରେ ଏହି ସଂପର୍କ ସହାୟକ ହେବ।

ତୁର୍କୀ ଓ ଆଜରବାଇଜନ୍ ସହ ଏକାଧିକ ବିବାଦରେ ଜଡ଼ିତ ଥିବା ଆର୍ମେନିଆ, ସାଇପ୍ରସ୍ ଓ ଗ୍ରୀସ୍ ପରସ୍ପର ମଧ୍ୟରେ ସହଯୋଗ ଓ ସାମରିକ ବୁଝାମଣା ମାଧ୍ୟମରେ ପ୍ରତିକୂଳ ପରିସ୍ଥିତିର ମିଳିତ ମୁକାବିଲା ସକାଶେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥିବା ବେଳେ ଭାରତର କୂଟନୈତିକ ସଂପର୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିଛି। 'ଅପରେସନ ସିନ୍ଦୂର'ରେ ଭାରତ ତାହାର ସାମରିକ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ତୁର୍କୀ ସହ ମୁକାବିଲା ପାଇଁ ଏହି ସଂପର୍କର ଭିତ୍ତିଭୂମି ଅଧିକ ସଫଳ ହୋଇଛି। ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବେପାରର ସୁଯୋଗ ସଂପ୍ରସାରିତ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ଇରାନ ଉପରେ ଇସ୍ରାଏଲର ଆକ୍ରମଣ ବେଳେ ତେହେରାନରେ ଅବସ୍ଥାନ କରୁଥିବା ଭାରତୀୟ ଛାତ୍ରଙ୍କୁ ନିରାପଦରେ ଫେରାଇ ଆଣିବା ଏତେ ସହଜ ନଥିଲା। ଏ କ୍ଷେତ୍ରରେ ଆର୍ମେନିଆ ସହଯୋଗରୁ ଦ୍ୱିପାକ୍ଷିକ ସଂପର୍କର ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହୋଇଛି। ଇରାନ୍‌ର ନୁରଦୁଜ୍ ଆଗାରାକ୍ ସୀମା ନିକଟରୁ ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ଉଦ୍ଧାର କରି ଆର୍ମେନିଆ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ପଠାଇ ପାରିସ୍ପରିକ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପ ଗସ୍ତରେ ଯାଇଥିଲେ। ତୁର୍କୀ ବିରୋଧୀ ରାଷ୍ଟ୍ରଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ଆଞ୍ଚଳିକ ସ୍ତରରେ ସେମାନଙ୍କୁ ସାମରିକ ଦୃଷ୍ଟିରୁ ସମୃଦ୍ଧ ଓ ସମର୍ଥ କରିବା ସକାଶେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଉତ୍ତର ସାଇପ୍ରସ୍‌ର ଯେଉଁ ଅଞ୍ଚଳ ତୁର୍କୀର ନିୟନ୍ତ୍ରଣରେ ଅଛି ତାହା ପରିଦର୍ଶନ କରି ମୋଦୀ ପରିସ୍ଥିତିର ଗମ୍ଭୀରତାକୁ ଅନୁଶୀଳନ କରିଛନ୍ତି। ସାଇପ୍ରସ୍‌ର ଆଞ୍ଚଳିକ ସଂହତି ଓ ସାର୍ବଭୌମିତା ପ୍ରତି ଭାରତର ଅତୁଟ ସମର୍ଥନକୁ ସେ ଆଲୋଚନା ପ୍ରସଙ୍ଗରେ ଦୋହରାଇଥିଲେ। ଦ୍ୱିପାକ୍ଷିକ ସାମରିକ ସହଯୋଗର ସୂଚନା ଦେଇ ପ୍ରଧାନମନ୍ତ୍ରୀ ତୁର୍କୀକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ସାଇପ୍ରସ୍ ସହ ଭାରତର ପ୍ରତିରକ୍ଷା ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ବେପାର ଆଗକୁ ବଢ଼ିବାର ସୂଚନା ମିଳିଛି। ଏମିତିରେ ଗ୍ରୀସ ସହ ଭାରତର ସଂପର୍କ ଆଜିର ନୁହେଁ ବହୁଦିନର। ୨୦୨୩ ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ସେହି ସଂପର୍କ ଅଧିକ ସୁଦୃଢ଼ ହୋଇଛି। ଏଥେନ୍ସରେ ସେ ଘୋଷଣା କରିଥିଲେ ଯେ ଭାରତ ପାଇଁ ଗ୍ରୀସ ୟୁରୋପର ପ୍ରବେଶ ଦ୍ୱାର। ପ୍ରତିରକ୍ଷା କ୍ଷେତ୍ରରେ ଗ୍ରୀସ ସହ ଭାରତର ସଂପର୍କ ଓ ସହଯୋଗ ପୂର୍ବ ଭଳି ଏବେ ବଳବତ୍ତର ରହିଛି। ପାକିସ୍ତାନ ଓ ତୁର୍କୀ ସଂପର୍କ ନେଇ ଭାରତ ଓ ଗ୍ରୀସ ଉଦ୍‌ବେଗ ପ୍ରକାଶ କରିବା ସହ ପାରସ୍ପରିକ ବୁଝାମଣା ଓ ସହଯୋଗ ସକାଶେ ସହମତି ପ୍ରକାଶ କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ସୁଦୃଢ଼ ହୋଇଛି। ଏପରକି ଭାରତୀୟ ନୌବାହିନୀର ଯୁଦ୍ଧଜାହାଜ ଭୂମଧ୍ୟ ସାଗରରେ ବିତରଣ କରୁଥିବା ବେଳେ ଗ୍ରୀସ ଉପକୂଳରେ ସାମୟିକ ଅବସ୍ଥାନ କରିଥାଏ। ଏହାକୁ ଦ୍ୱିପାକ୍ଷିକ ସଂପର୍କର ନିଦର୍ଶନ କୁହାଯାଇପାରେ।

ଆର୍ମେନିଆ, ଗ୍ରୀସ ଓ ସାଇପ୍ରସ ମଧ୍ୟରେ ୨୦୨୧ ଅଗଷ୍ଟ ୩୧ ରେ ସାମରିକ ସହଯୋଗ ସକାଶେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏମାନେ ମିଳିତ ପ୍ରତିରକ୍ଷା ରଣକୌଶଳ ପ୍ରଦର୍ଶନ କରିବା ସହ ନିଜ ନିଜ ମଧ୍ୟରେ ସାମରିକ ଜ୍ଞାନକୌଶଳ ବିନିମୟ କରିଥା'ନ୍ତି। ତୁର୍କୀ ଓ ଆଜରବାଇଜାନ ବିରୋଧରେ ଏହି ସାମରିକ ମେଣ୍ଟକୁ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ତେଣୁ ଏହାକୁ ଚତୁଃରାଷ୍ଟ୍ରୀୟ ମିନିକ୍ୱାଡ୍ ମାନ୍ୟତା ଦିଆଯାଇଛି। ଡ୍ରୋନ ଜ୍ଞାନକୌଶଳରେ ନିପୁଣତାର ସୁଯୋଗ ଦୃଷ୍ଟିରୁ ପାକିସ୍ତାନ ତୁର୍କୀଠାରୁ ସଂଗ୍ରହ କରିଥିବା ଡ୍ରୋନ ଭାରତ ବିରୋଧରେ ଉପଯୋଗ କରିଥିଲା। ତେବେ ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ଡ୍ରୋନ ଆକ୍ରମଣକୁ କେବଳ ପ୍ରତିହତ କରାଯାଇନି ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ଦିଆଯାଇଛି। ଏକ୍ଷେତ୍ରରେ ଚୀନର ସାମରିକ ଜ୍ଞାନକୌଶଳ ମଧ୍ୟ ପଛରେ ପଡ଼ିଯାଇଛି।

ଚୀନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟାଧୁନିକ ଜେଟ ଓ କ୍ଷେପଣାସ୍ତ୍ର ପାକିସ୍ତାନ ଭାରତ ବିରୋଧରେ ପ୍ରୟୋଗ କରିଥିଲେ ମଧ୍ୟ ଆକାଂକ୍ଷିତ ସଫଳତା ହାସଲ କରିପାରିନାହିଁ। ଏହା କେବଳ ଭାରତୀୟ ବିଶେଷଜ୍ଞଙ୍କ ଦାବି ନୁହେଁ ପାକିସ୍ତାନ ମନ୍ତ୍ରୀ ମୋହସିନ୍ ନକ୍‌ଭି ମଧ୍ୟ ଆଲୋଚନା ପ୍ରସଙ୍ଗରେ ସ୍ୱୀକାର କରିଛନ୍ତି। ସେ ଦୃଷ୍ଟିରୁ ଆମେରିକାର ସମର୍ଥନ ଲୋଡ଼ିଛି ପାକିସ୍ତାନ। ସାମରିକ ମୁଖ୍ୟ ମୁନୀରଙ୍କ ଆମେରିକା ଗସ୍ତ ପରେ ବାୟୁସେନାର ମୁଖ୍ୟ ଏୟାର ମାର୍ଶାଲ୍ ବାବର ଆମେରିକାରୁ କେଉଁ ଯୁଦ୍ଧ ବିମାନ ସଂଗ୍ରହ କରାଯିବ ସେ ନେଇ କଥାବାର୍ତ୍ତା ସକାଶେ ପେଣ୍ଟାଗନ ଗସ୍ତରେ ଅଛନ୍ତି। ଯୁଦ୍ଧ ବିରାମକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭୂମିକା ବିବାଦୀୟ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ଅସ୍ତ୍ରଶସ୍ତ୍ର ବେପାର ପାଇଁ ଏହା ତାଙ୍କର ସୁଚିନ୍ତିତ କୂଟନୈତିକ ଚାଲବାଜି କୁହାଯାଇପାରେ। କୂଟନୀତିରେ ଯଦି ବୈପାରିକ ସଂପର୍କ ଯୋଡ଼ି ହୋଇଯାଏ ତାହା ଯେଉଁ ବିଭ୍ରାନ୍ତି ଓ ବିଭ୍ରାଟ ସୃଷ୍ଟି କରେ ଏହି ଯୁଦ୍ଧ ବିରାମ ତାହାର ଏକ ନିଦର୍ଶନ।

## ଆନ୍ତରିକତା ରହିତ ଆମ ଶିକ୍ଷା ବ୍ୟବସ୍ଥା

ଅର୍ଜୁନ ଘଡ଼େଇ

'ସା ବିଦ୍ୟା ସା ବିମୁକ୍ତୟେ' ପରି ମହତ୍ତ୍ୱପୂର୍ଣ୍ଣ ବାଣୀ ମଣିଷର ଶିକ୍ଷା ଲାଭ ପାଇଁ ମାନସିକତା ସୃଷ୍ଟି କରିଥାଏ। ପୁରାଣ ଯୁଗର ଗୁରୁକୁଳ ଆଶ୍ରମଠାରୁ ଅଦ୍ୟାବଧି ଶିକ୍ଷାର୍ଥୀମାନଙ୍କୁ ଉଚିତ ଶିକ୍ଷାଦାନ କରି ତାଙ୍କର ସୁସ୍ଥ, ସୁନ୍ଦର ଓ ନିରାମୟ ଜୀବନ ଗଠନରେ ବିଭିନ୍ନ ସମୟର ଆବଶ୍ୟକତା ନେଇ ବିବିଧ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ସମୟାନୁସାରେ ଏହି ବ୍ୟବସ୍ଥା ମଧ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପରିବର୍ତ୍ତନ ବି ଘଟିଛି। ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଏହା ସହାୟକ ହୋଇପାରିଛି କି ନାହିଁ ତାହା ଏକ ବିତର୍କିତ ପ୍ରଶ୍ନ। ସମୟର ଆହ୍ୱାନ, ବିସ୍ତୃତ ଜ୍ଞାନର ଅନୁପ୍ରବେଶ, ବୈଷୟିକ ଜ୍ଞାନ, ବିଜ୍ଞାନର ଅଭିବୃଦ୍ଧି, ସର୍ବୋପରି ଛାତ୍ରାଛାତ୍ରୀଙ୍କ ମାନସିକ ଚିନ୍ତାଧାରାକୁ ସୀମିତ ପରିଧିରେ ନରଖି ବିଶ୍ୱଚିନ୍ତାଭିମୁଖୀ କରିବା ପାଇଁ ବିଭିନ୍ନ ସମୟରେ ଯେଉଁ ଚିନ୍ତାଧାରାରେ ସରକାର ଶିକ୍ଷାବ୍ୟବସ୍ଥାକୁ ଯେପରି ନିୟନ୍ତ୍ରଣ କରିବାକୁ ଚାହିଁଛନ୍ତି ତାକୁ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା କରିଛନ୍ତି। ସାଧାରଣ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଏହାକୁ ସାଦରେ ଗ୍ରହଣ କରିନେବାକୁ ବାଧ୍ୟ ହୋଇଛନ୍ତି।

ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ, ବିଶେଷକରି ପ୍ରାଥମିକଠାରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ, ଆମ ଉପରେ ଯେଉଁ ଶିକ୍ଷା ବ୍ୟବସ୍ଥା ଲଦି ଦିଆଯାଇଛି, ସେଥିରୁ ମନେହୁଏ ଏବେ ବି ଶିକ୍ଷାକୁ 'ସାର୍ବଜନୀନ' କରାଯାଇପାରିନାହିଁ। ସବୁ ପିଲାଙ୍କୁ ଶିକ୍ଷାୟତନକୁ ଅଣାଯାଇପାରିନି। ପ୍ରାଥମିକଠାରୁ ମାଧ୍ୟମିକ ଶିକ୍ଷାରେ 'ଡ୍ରପ୍ ଆଉଟ୍' ସଂଖ୍ୟା କମିନି। ଉଚ୍ଚଶିକ୍ଷାରେ ନାମଲେଖା ସିଟ୍ ଖାଲି ପଡୁଛି। ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ କମୁଛି। ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା, ତର୍କ, ବ୍ୟବସ୍ଥା ଚାଲୁଛି। ତଥାପି ସମସ୍ୟାର ସମାଧାନ ହେଉନାହିଁ। ଏଭଳି ପରିସ୍ଥିତିରେ ଶିକ୍ଷକର ଶିକ୍ଷାଦାନ ପ୍ରତି ଆନ୍ତରିକତାର ଅଭାବ ସହିତ ଶିକ୍ଷାର୍ଥୀଙ୍କର ବିଦ୍ୟାଳୟକୁ ଆସି ଶିକ୍ଷାଗ୍ରହଣ କରିବାର ମାନସିକତା ଓ ଆଗ୍ରହ ହ୍ରାସ ପାଉଛି। ବିଶେଷ କରି ସରକାରୀ ବିଦ୍ୟାଳୟରେ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି। ଉପଯୁକ୍ତ ଶିକ୍ଷା ମିଳୁଥିଲେ କୋଚିଙ୍ଗ୍ ସେଣ୍ଟର ମୁହାଁ ପିଲାମାନେ ହୁଅନ୍ତି କାହିଁକି?

ନିଜର ସଂଚିତ ଜ୍ଞାନକୁ କଳା, କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଆନ୍ତରିକ ଓ ସମର୍ପିତ ଭାବେ ଉପସ୍ଥାପନ କଲେ ଶିକ୍ଷାଦାନ ସଫଳ ହୁଏ। ଶିକ୍ଷାର୍ଥୀଟିଏ ଶିକ୍ଷକର ଶିକ୍ଷାଦାନକୁ ସହଜରେ, ସନ୍ଦେହମୁକ୍ତ ଭାବେ ବୁଝିପାରିଲେ ଶିକ୍ଷା ଗ୍ରହଣ ସାର୍ଥକ ହୁଏ। ଏକଥା ଅତୀତର ଶିକ୍ଷକମାନେ ଭଲ ଭାବରେ ଜାଣିଥିଲେ। ସେମାନଙ୍କର ଅତ୍ୟଧିକ ଶିକ୍ଷାଗତ ଯୋଗ୍ୟତା ନଥିଲା। ସ୍ୱଳ୍ପ ବେତନପ୍ରାପ୍ତ ସେହି ଶିକ୍ଷକମାନେ ଆର୍ଥିକ ଅଭାବ, ଅନଟନ, ସମସ୍ୟା ଭିତରେ ବି ନିଜ ଛାତ୍ରଛାତ୍ରୀମାନଙ୍କୁ କିପରି ଉଚିତ ଶିକ୍ଷା ଦିଆଯାଇପାରିବ, ସେମାନେ ଚରିତ୍ରବାନ୍, ଶୃଙ୍ଖଳିତ ହେବା ସହ ଭଲ ମଣିଷ ହୋଇ ସମାଜରେ ମୁଣ୍ଡଟେକି ଛିଡ଼ା ହେବେ, ସେଥିପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଫଳରେ ସେ ସମୟର ଛାତ୍ରସମାଜ ଏତେ ବିଶୃଙ୍ଖଳିତ ନଥିଲେ। ଆଜିର ଶିକ୍ଷକମାନେ ଅତି ଉଚ୍ଚଶିକ୍ଷିତ। କିନ୍ତୁ ସେମାନଙ୍କ ଭିତରେ ଶିକ୍ଷାଦାନ ପାଇଁ ବୋଧହୁଏ ସମର୍ପିତ ଭାବନା ନାହିଁ କିମ୍ବା ବିବିଧ ସମସ୍ୟାରେ ଜର୍ଜରିତ ହୋଇ ନିଜର କର୍ତ୍ତବ୍ୟବୋଧ ହରାଇଛନ୍ତି। ଅତୀତର ଶିକ୍ଷକମାନେ ଶିକ୍ଷା ନୀତି, ଶିକ୍ଷାବ୍ୟବସ୍ଥା, ସରକାରୀ ନିର୍ଦ୍ଦେଶନାମା ଇତ୍ୟାଦି ସଂପର୍କରେ ଅଧିକ ଆଲୋଚନା, ତର୍ଜମା ନକରି ଶ୍ରେଣୀକକ୍ଷରେ ଉତ୍ତମ ଶିକ୍ଷାଦାନ ପାଇଁ ଚିନ୍ତା କରୁଥିଲେ। ଏବେ ଏତେ ସରକାରୀ ନିର୍ଦ୍ଦେଶନାମା ଯେ ତା'ର ଅଧ୍ୟୟନ କରିବା ଓ ଉତ୍ତର ଦେବାରେ ଶିକ୍ଷକମାନଙ୍କର ଓ ବିଦ୍ୟାଳୟ ମୁଖ୍ୟଙ୍କର ଅନେକ ସମୟ ବିନିଯୋଗ ହେଉଛି। ବୋଧହୁଏ ଏଇ ସରକାରୀ କାର୍ଯ୍ୟ କରିବାର ବାଧବାଧକତାରୁ ଶିକ୍ଷକମାନେ ସଂପୂର୍ଣ୍ଣ ସମୟ ଶିକ୍ଷାଦାନ କରିବାରେ ସମର୍ଥ ହେଉ ନାହାନ୍ତି। ଏହା ଆମେ ସମସ୍ତେ ଜାଣୁଛେ, ଅନୁଭବ କରୁଛେ, କିନ୍ତୁ ଏଥିରେ କିଏ ଅଙ୍କୁଶ ଲଗେଇବାକୁ ସମର୍ଥ ହେବ ଏହାହିଁ ପ୍ରଶ୍ନବାଚୀ।

ସମସ୍ୟା କେବଳ ଶିକ୍ଷାଦାନରେ ନୁହେଁ। ଆମ ଆଗରେ ବିଭିନ୍ନ ଶ୍ରେଣୀର ବିଦ୍ୟାଳୟ ପ୍ରତିଷ୍ଠିତ ହେଇଛି ଓ ହେଉଛି ମଧ୍ୟ। ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ, ଅଣଅନୁଦାନ ପ୍ରାପ୍ତ, ସ୍ୱୀକୃତି ପ୍ରାପ୍ତ, ଅଣସ୍ୱୀକୃତି ପ୍ରାପ୍ତ, ଟ୍ରଷ୍ଟ ବା ସଂଗଠନ ପରିଚାଳିତ ଅନେକ ବିଦ୍ୟାଳୟ ଖୋଲିଛି। ଏଥିରେ ଶିକ୍ଷକ ନିଯୁକ୍ତି, ଦରଦାମରେ ତାରତମ୍ୟ, କ୍ୟାଡର, ଏକ୍ସ କ୍ୟାଡର, ବିଭିନ୍ନ ଶ୍ରେଣୀର ଶିକ୍ଷକ ନିଯୁକ୍ତି ସମସ୍ୟା ଏତେ ଅଧିକ ଯେ ସମସ୍ୟାର ସମାଧାନ ପାଇଁ ଅନେକ ଶିକ୍ଷକ ବିଦ୍ୟାଳୟ ଛାଡ଼ି ରାଜରାସ୍ତାରେ ଦିନ ଦିନ, ମାସ ମାସ ଧରି ଆନ୍ଦୋଳନ କରନ୍ତି କିମ୍ବା କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରନ୍ତି। ସେମାନଙ୍କର ବିଦ୍ୟାଳୟରେ କ୍ରମାଗତ ଅନୁପସ୍ଥିତି କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସୁବିଧା ସତ୍ତ୍ୱେ ସାଧାରଣ ଲୋକଟି ଗାଁର ସରକାରୀ ବିଦ୍ୟାଳୟରେ ନିଜ ପିଲାଟିକୁ ନାମ ଲେଖାଇବା ପରେ ଦେଖୁଛି ଅଧିକାଂଶ ସମୟରେ ତା'ପିଲା ସ୍କୁଲ ବାହାରେ ଖେଳୁଛି କିମ୍ବା ବୁଲୁଛି କିମ୍ବା ଘରେ ରହୁଛି। ତେଣୁ ଏପରି ବିଦ୍ୟାଳୟଟି ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଆଶା, ଭରସା କେମିତି ରହିବ? ସେଥିପାଇଁ ଯେତେ ଅସୁବିଧା ପଛେ ହେଉ ଘରୋଇ ବିଦ୍ୟାଳୟରେ ହିଁ ନାମ ଲେଖାଇବା ପାଇଁ ସେ ଆଗ୍ରହୀ ହେଉଛି। ଏସବୁ ପ୍ରତି କ'ଣ ନୀତି ନିୟମ ପ୍ରଣୟନ କରୁଥିବା ସରକାରୀ ଅଧିକାରୀ କିମ୍ବା ସରକାର ଅବଗତ ନାହାନ୍ତି? ଅବଗତ ଥିଲେ ବି ଶିକ୍ଷାବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଆନ୍ତରିକ ଉଦ୍ୟମ ନାହିଁ ଏହା ସୁନିଶ୍ଚିତ।

ସେ ଯେଉଁପ୍ରକାର ସ୍କୁଲ ହେଉନା କାହିଁକି, ଏପରି ଏକ ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠାରେ କି ରାଜନୈତିକ ହସ୍ତକ୍ଷେପ ହେଉନାହିଁ। ଶିକ୍ଷକ ନିଯୁକ୍ତିଠାରୁ ବଦଳି ପର୍ଯ୍ୟନ୍ତ ସବୁ ସେମାନଙ୍କ ପ୍ରଭାବରେ ଓ ନିର୍ଦ୍ଦେଶରେ ହୋଇଥାଏ। ଶିକ୍ଷାଧିକାରୀମାନେ ନିରବଦ୍ରଷ୍ଟା ଭାବେ କାର୍ଯ୍ୟ କରନ୍ତି। ଅଯଥାରେ ଶିକ୍ଷକମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେମାନଙ୍କୁ ମାନସିକ ନିର୍ଯାତନା ଦେଲେ ଶିକ୍ଷକମାନେ ସୁସ୍ଥ ମନରେ ଶିକ୍ଷା ଦେବାକୁ ସମର୍ଥ ହେବେ କିପରି? ଅବଶ୍ୟ ଏମିତି ରାଜନେତା ବି ଥିବେ ବା ଏପରି ଶିକ୍ଷାନୁଷ୍ଠାନ ବି ଥାଇପାରେ, ଯେଉଁଠି ରାଜନୈତିକ ହସ୍ତକ୍ଷେପ ହେଉ ନଥିବ। ଏପରି ବିଦ୍ୟାଳୟ ଆଜିର ସମାଜରେ ବିରଳ ନିଶ୍ଚୟ। ଗାଁର ୱାର୍ଡ ମେମ୍ବର, କାଉନସିଲରଙ୍କଠାରୁ ଆରମ୍ଭ କରି ଉଚ୍ଚସ୍ତରରେ ରାଜନେତାମାନେ ସେମାନଙ୍କ ବିଦ୍ୟାଳୟରେ ସୁସ୍ଥ ପରିବେଶ ସୃଷ୍ଟି କଲେ ତାଙ୍କ ପିଲାମାନେ ସରକାରୀ ସୁବିଧା ସୁଯୋଗ ପାଇଁ ଭଲ ପଢ଼ନ୍ତେ - ଏକଥା କ'ଣ ଆମେ ଭାବିବା ଉଚିତ ନୁହେଁ? ସରକାରୀ ସ୍କୁଲରେ ଭଲ ପାଠ ପଢ଼ା ହେଉନି ଅର୍ଥ ଶିକ୍ଷକମାନେ ପାଠ ପଢ଼ାଉ ନାହାନ୍ତି କେବଳ ଦରମା ପାଇଁ ଆସୁଛନ୍ତି, ଏପରି ଭାବନା ଆମ ଶିକ୍ଷାବ୍ୟବସ୍ଥା ସହିତ ଜଡ଼ିତ ସମସ୍ତଙ୍କୁ ଆଘାତ ଦେଉଥିବ ନିଶ୍ଚୟ। କିନ୍ତୁ ଏ ସମସ୍ୟାର ସମାଧାନ କିଏ କରିବ? ସବୁସ୍ତରରେ ଆନ୍ତରିକତାର ଅଭାବ ପରିଦୃଷ୍ଟ।

ଅନୁରୂପ ଭାବେ ଶିକ୍ଷାଧିକାରୀମାନେ ମଧ୍ୟ ଶାସନ ବ୍ୟବସ୍ଥା ଭିତରେ ଶିକ୍ଷାର ମହାନ ଆଦର୍ଶକୁ କାର୍ଯ୍ୟକାରୀ କରିବାରେ ନିଷ୍ଠାପର ମନୋଭାବ ନରଖି କେବଳ ସରକାରୀ ନିର୍ଦ୍ଦେଶନାମାଗୁଡ଼ିକୁ ଶକ୍ତିମତେ ପାଳନ କରୁଛନ୍ତି। ନିଜେ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୋଇ ଶୋଷଣ କରୁଛନ୍ତି ଅଧସ୍ତନ କର୍ମଚାରୀମାନଙ୍କୁ। କୌଣସି ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱଅଧୀନସ୍ଥ ସ୍କୁଲ ସମୂହକୁ ପରିଦର୍ଶନ କରି, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରିବାରେ ସଫଳ ହେଉଛନ୍ତି କି? ନିଜେ ଅନେକ ଦୁର୍ନୀତିରେ ଲିପ୍ତ ହୋଇ ଶିକ୍ଷା ବିଭାଗର କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ କରିବାକୁ ଆହ୍ୱାନ ଦେବା, ନିଜର ଚରିତ୍ର ସ୍ଖଳନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ଉପଦେଶ ଦେବା, ଲଜ୍ଜାପୂର୍ଣ୍ଣ କାର୍ଯ୍ୟ ନୁହେଁ କି? ନିଜେ ଗଢ଼ି ହେବା ସହ ଅନ୍ୟକୁ ଗଢ଼ିବା ପାଇଁ ପରାମର୍ଶ ଦେବା ଉଚିତ। ଶିକ୍ଷା ବିଭାଗରେ ଏହି ତତ୍ତ୍ୱର ଯଥେଷ୍ଟ ଗୁରୁତ୍ୱ ଓ ଆନ୍ତରିକତା ରହିବା ଆବଶ୍ୟକ।

ତଳସ୍ତରରୁ ଉପର ସ୍ତର ଯାଏଁ ଶିକ୍ଷାବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଯଥା ଶିକ୍ଷକସମାଜ, ସରକାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ସମର୍ପିତ ଭାବନାରେ କାର୍ଯ୍ୟ ନିର୍ବାହ କଲେ ଆମ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଆପଣେଇ ନେବାର ପଥ ସୁଗମ ହେବ। ଆମ ପିଲାମାନେ ସରକାରୀ ବିଦ୍ୟାଳୟ ଓ ଶିକ୍ଷାବ୍ୟବସ୍ଥାକୁ ଆପଣେଇ ନେବେ। ଆନ୍ତରିକ ଉଦ୍ୟମ ସଫଳତାର ଚାବିକାଠି। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରୋତ୍ସାହନ ଓ ସମ୍ମାନ ଦେବାରେ ଆମେ ଯେତେ ଅନାଗ୍ରହୀ ବେସରକାରୀ ବିଦ୍ୟାଳୟ କ୍ଷେତ୍ରରେ ଆମ ମାନସିକ ଯଥେଷ୍ଟ ଆଗରେ। ଯେଉଁଥିପାଇଁ ଆମ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖତା ଯେତିକି ବଢ଼ୁଛି ବେସରକାରୀ ବିଦ୍ୟାଳୟ ପ୍ରତି ଆନ୍ତରିକତା ସେତିକି ସୃଷ୍ଟି ହେଉଛି। ସମସ୍ତ ଅସୁବିଧାର ନିରାକରଣ ପାଇଁ ଅଭିଭାବକ, ଶିକ୍ଷକ, ସରକାର ଓ ସରକାରୀ ବ୍ୟବସ୍ଥା ସୁନିୟନ୍ତ୍ରଣ ପାଇଁ ଆନ୍ତରିକତାର ଅଭାବ ରହିଲେ ଯେତେ ଶିକ୍ଷାନୀତି ପ୍ରଣୟନ ହେଉ ଏହା ଆମକୁ ଆକର୍ଷିତ ନକରି ମନରେ ସନ୍ଦେହ, ଆଶଙ୍କା ସୃଷ୍ଟି କରିବ ଏହା ସୁନିଶ୍ଚିତ।

(ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୬୧୫

## ଭାରତୀୟ ସଂସ୍କୃତିରେ ଉଦ୍ଭିଦ

ସୁରେନ୍ଦ୍ର ମେହେର



ହଜାର ହଜାର ବର୍ଷ ଧରି ଭାରତୀୟ ସଂସ୍କୃତି ବୃକ୍ଷାଦିଙ୍କୁ ବହୁତ ସମ୍ମାନ ଦେଇଆସିଛି ଏବଂ ଆଧ୍ୟାତ୍ମିକ, ଔଷଧୀୟ ଓ ପରିବେଶ ଦୃଷ୍ଟିରୁ ଏଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି। ବେଦ, ପୁରାଣ ଓ ଉପନିଷଦ ଭଳି ପୁରାତନ ଶାସ୍ତ୍ରଗୁଡ଼ିକ ମଣିଷ ଓ ଉଦ୍ଭିଦ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଦର୍ଶାଇଥାଏ ଏବଂ ପ୍ରକୃତିକୁ ଜୀବନ, ଶକ୍ତି ଓ ଆଧ୍ୟାତ୍ମିକ ସମନ୍ୱୟର ଉତ୍ସ ବୋଲି ବର୍ଣ୍ଣନା କରିଥାଏ।

ଆମର ପୂର୍ବପୁରୁଷମାନେ ସ୍ୱାସ୍ଥ୍ୟ, ଧନ ଓ ସମୃଦ୍ଧି ପାଇଁ ବୃକ୍ଷର ଗୁରୁତ୍ୱକୁ ବୁଝିଥିଲେ ଏବଂ ଏହାକୁ ପୂଜା କରୁଥିଲେ। ଆଜି ମଧ୍ୟ ଆମର ଅନେକ ଧାର୍ମିକ ପର୍ବରେ ବୃକ୍ଷ ପୂଜା ଏକ ଅଂଶ ହୋଇ ରହିଛି। ଭାରତୀୟ ପରମ୍ପରାରେ ବୃକ୍ଷକୁ ବିଶେଷ ମାନ୍ୟତା ଦିଆଯାଇଛି, ବିଶେଷକରି ଜ୍ୟୋତିଷ ଓ ଆୟୁର୍ବେଦ ଭଳି ପଦ୍ଧତିରେ। ଆୟୁର୍ବେଦ ଔଷଧଗୁଡ଼ିକ ଗଛର ଫଳ, ଫୁଲ, ଛାଲ, ପତ୍ର ଓ ମୂଳରୁ ତିଆରି ହୁଏ ବୋଲି ସମସ୍ତେ ଜାଣନ୍ତି। କେତେକ ବୃକ୍ଷ ମାନବ ଜୀବନରେ ମନ୍ଦ ପ୍ରଭାବକୁ ଦୂର କରି ଭଲ ପ୍ରଭାବ ଆଣିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃକ୍ଷ ଓ ନବଗ୍ରହ ମଧ୍ୟରେ ଏକ ଗଭୀର ସମ୍ପର୍କ ରହିଛି। ଏହି ଗ୍ରହଗୁଡ଼ିକ ଶରୀରର ବିଭିନ୍ନ ଅଙ୍ଗକୁ ଭଲ କିମ୍ବା ଖରାପ ଭାବେ ପ୍ରଭାବିତ କରିପାରନ୍ତି ଏବଂ ଖରାପ ପ୍ରଭାବ ଦ୍ୱାରା ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ଏହି ରୋଗକୁ ଦୂର କରିବା ପାଇଁ ବିଶେଷପ୍ରକାରର ବୃକ୍ଷାଦି ରହିଛି, ଯାହାର ବ୍ୟବହାର କରାଯାଇ ରୋଗମୁକ୍ତ କରାଯାଏ। ତେଣୁ ପୂଜାର୍ଚ୍ଚନା ଓ ହୋମ ପାଇଁ ନବଗ୍ରହକୁ ଦର୍ଶାଉଥିବା ନଅ ପ୍ରକାରର ବୃକ୍ଷ ଯଥା- ବର, ପିପଳ, ପଳାଶ, ଅର୍କ, ଶମି, ଅପାମାର୍ଗ, କୁଶ, ଦୁବ ଭଳି ବୃକ୍ଷର କାଠ ବ୍ୟବହାର କରାଯାଏ। ଏହି କାଠଗୁଡ଼ିକୁ ସେମାନଙ୍କର ପବିତ୍ରତା, ଅଗ୍ନିକୁ ବଜାୟ ରଖିବାର କ୍ଷମତା ଏବଂ ଦିବ୍ୟଶକ୍ତି ସହିତ ସମ୍ପର୍କ ପାଇଁ ବ୍ୟବହାର କରାଯାଏ।

ପ୍ରତ୍ୟେକ ଉଦ୍ଭିଦର ପୌରାଣିକ ମହତ୍ତ୍ୱ ରହିଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାରରେ ଲାଭଦାୟକ। ବରଗଛର ବିଶାଳ ଛାତ ପରି ଆକାର, ଧୈର୍ଯ୍ୟ ଓ ସୁରକ୍ଷାର ପ୍ରତୀକ ଏବଂ ପ୍ରାଣୀମାନଙ୍କ ଆଶ୍ରୟ ଓ ଛାୟାର ଆବଶ୍ୟକତାକୁ ପୂରଣ କରେ। ପିପଳ ପ୍ରଚୁର ଅମ୍ଳଜାନ ଦେଉଥିବାରୁ ଜୀବନ ଓ ଶୁଦ୍ଧତାର ଉତ୍ସ ବୋଲି ଗଣାଯାଏ। ବେଲ ଭଗବାନ ଶିବଙ୍କ ସହିତ ଜଡ଼ିତ ଏବଂ ପୂଜାରେ ବ୍ୟବହୃତ ହୁଏ, ଯାହା ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରେ। ଅର୍କକୁ ଶୁଦ୍ଧିକରଣ ଏବଂ ନକାରାତ୍ମକ ଶକ୍ତିର ବିଲୋପ ସହିତ ଜଡ଼ିତ କରାଯାଇଛି। ଶମି ବୃକ୍ଷକୁ ବିଜୟ, ସୁରକ୍ଷା ଏବଂ ଅଗ୍ନିଦେବଙ୍କ ସହିତ ଜଡ଼ିତ କରାଯାଇଛି। ଏହା ନକାରାତ୍ମକ ଶକ୍ତିକୁ ଶୋଷଣ ଏବଂ ବିନାଶ କରିଥାଏ ବୋଲି ବିଶ୍ୱାସ କରାଯାଏ। ଅପାମାର୍ଗକୁ ଏକ ଶକ୍ତିଶାଳୀ ଶୁଦ୍ଧକାରୀ ବୃକ୍ଷ ଭାବରେ ବିବେଚନା କରାଯାଏ, ଯାହା ମନ୍ଦ ଆତ୍ମା, କଳା ଯାଦୁ ଓ ନକାରାତ୍ମକ ପ୍ରଭାବକୁ ଦୂର କରିବାରେ ସକ୍ଷମ। ଏହି ଗଛଗୁଡ଼ିକୁ ବହୁ ପୁରାତନ କାଳରୁ ଓଡ଼ିଶା ଏବଂ ସାରା ଭାରତରେ ବିଭିନ୍ନ ରୋଗର ପ୍ରାକୃତିକ ଚିକିତ୍ସା ତଥା ସେମାନଙ୍କର ସକ୍ରିୟ ଜୈବିକ ଉପାଦାନର ସଦୁପଯୋଗ ପାଇଁ ବ୍ୟବହାର କରାଯାଉଛି। ସେହିପରି ଅଁଳା ଔଷଧୀୟ ଗୁଣ ପାଇଁ ଜଣାଶୁଣା ଏବଂ ଏହା ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ। ଅଶୋକ, ଯାହାର ନାମର ଅର୍ଥ 'ଦୁଃଖଦୂରକାରୀ', ସକାରାତ୍ମକତା ଓ ଭାବନାତ୍ମକ ସୁସ୍ଥତା ଆଣେ ବୋଲି ବିଶ୍ୱାସ କରାଯାଏ।

ଆଧୁନିକ ବିଜ୍ଞାନ ଏହି ଉଦ୍ଭିଦଗୁଡ଼ିକର ଆଧ୍ୟାତ୍ମିକ ପ୍ରଭାବକୁ ବିଶ୍ୱାସ ନ କରିପାରେ, କିନ୍ତୁ ଏଗୁଡ଼ିକର ବହୁମୁଖୀ ଉପଯୋଗକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଏହି ବୃକ୍ଷଗୁଡ଼ିକର ରୋପଣ କେବଳ ପରିବେଶକୁ ସୁଧାରେ ନାହିଁ, ବରଂ ଭାରତର ପୁରୁଣା ପରମ୍ପରା ଓ ରୀତିକୁ ମଧ୍ୟ ସମ୍ମାନ ଦେଇଥାଏ। ଏହିପରି ବୃକ୍ଷଗୁଡ଼ିକୁ 'ସାଂସ୍କୃତିକ ବୃକ୍ଷ' କହିପାରିବା, ଯେହେତୁ ସେଗୁଡ଼ିକ ପରମ୍ପରା ଅନୁସାରେ ପରିଚିତ। ଆଜିର ଦୁନିଆରେ, ଯେଉଁଠି ପରିବେଶ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟର ଚିନ୍ତା ବଢ଼ୁଛି, 'ପଞ୍ଚବଟୀ'ର ଅବଧାରଣା ବହୁତ ଗୁରୁତ୍ୱପୂର୍ଣ୍ଣ। ସହରୀକରଣ ବଢ଼ୁଥିବା ବେଳେ ଏହିପରି ପବିତ୍ର ବୃକ୍ଷଗୁଡ଼ିକର ସଂରକ୍ଷଣ ପରମ୍ପରା ଓ ପରିବେଶଗତ ସ୍ଥାୟିତ୍ୱ ମଧ୍ୟରେ ଏକ ସେତୁ ହୋଇପାରେ। ଏହି ବୃକ୍ଷଗୁଡ଼ିକ ବାୟୁକୁ ଶୁଦ୍ଧ କରେ, ଜୈବ ବିବିଧତା ବଢ଼ାଇଥାଏ ଏବଂ ପ୍ରାକୃତିକ ଚିକିତ୍ସା ପାଇଁ କାମରେ ଲାଗିଥାଏ। ଉଦ୍ୟାନ, ପରିବେଶ କିମ୍ବା ବ୍ୟକ୍ତିଗତ ବୃକ୍ଷରୋପଣ ନାମରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଆମେ ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବା।

ତେଣୁ 'ପଞ୍ଚବଟୀ' କେବଳ ଏକ ପୌରାଣିକ ଆଦର୍ଶ ନୁହେଁ, ଏହା ସ୍ଥାୟୀ ଜୀବନ ଓ ଆଧ୍ୟାତ୍ମିକ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତୀକ। ଆଧୁନିକ ସମୟରେ ଏହି ପରମ୍ପରାକୁ ଗ୍ରହଣ କରି ଆମେ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିପାରିବା ଏବଂ ପୃଥିବୀରେ ଜୀବନ ସୁରକ୍ଷା ଦେବାରେ ଆମ ପୂର୍ବପୁରୁଷଙ୍କ ଜ୍ଞାନକୁ ବଜାୟ ରଖିପାରିବା।

ଭୁବନେଶ୍ୱର, ମୋ: ୯୪୩୭୫୮ ୯୦୨୬

## ଚୀନ୍‌ରେ ହଜିଯିବ କି ଭାରତ!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଦୀର୍ଘଦିନ ଧରି ଚୀନ ସହିତ ଭାରତର ଲାଗି ରହିଛି ସୀମାବିବାଦ। ତେବେ ଭୂ-ବିଜ୍ଞାନୀମାନେ ଏବେ କହିଲେଣି ଯେ ଏପରି ସମୟ ଆସିପାରେ ଯେତେବେଳେ ଭାରତ ଭୂଖଣ୍ଡ କିମ୍ବା ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ହୁଏତ ଚୀନ୍‌ରେ ହଜିଯିବ। ଟେକ୍ଟୋନିକ୍ ପ୍ଲେଟ୍‌ର ଚଳନ ଏହାର କରଣ ହେବ।

'ଟେକ୍ଟୋନିକ୍ ପ୍ଲେଟ୍'କୁ 'ଲିଥୋସ୍ପେରିକ୍ ପ୍ଲେଟ୍(ଭୂସ୍ତରୀୟ ଥାଳିଆ)' ବୋଲି ମଧ୍ୟ କୁହାଯାଏ। ଏହା ମାତ୍ରାଧିକ ବସ୍ତୁତ୍ୱସମ୍ପନ୍ନ କଠିନ ଶିଳାର ଅସମାନ ଆକୃତିର ପ୍ରଶସ୍ତ ଫଳକ, ଯାହାକି ମହାଦେଶୀୟ ଓ ମହାସାଗରୀୟ ଭୂସ୍ତରରେ(ଲିଥୋସ୍ଫିୟର) ଗଢ଼ା। ଏଗୁଡ଼ିକର ଆକାର କେତେଶହରୁ କେତେ ହଜାର କିମି ଚଉଡ଼ା ବିଶିଷ୍ଟ। ଭୂଗର୍ଭସ୍ଥ ତରଳ ମେଣ୍ଟଲ୍ ଉପରେ ଭାସି ବୁଲୁଥିବା ଏହି ପ୍ଲେଟମାନଙ୍କ ମଧ୍ୟରୁ ମହାଦେଶୀୟଗୁଡ଼ିକ ଅଧିକ ମୋଟା, କମ୍ ସାନ୍ଦ୍ର ହୋଇଥିବା ବେଳେ ମହାସାଗରୀୟଗୁଡ଼ିକ କମ୍ ମୋଟା. ଅଧିକ ସାନ୍ଦ୍ର। ଏମାନଙ୍କର ସଂଖ୍ୟା ଅନେକ। ତହିଁରୁ ୭ଟି ବଡ଼, ଯାହା ଆଫ୍ରିକୀୟ, ଆଣ୍ଟାରଟିକୀୟ, ୟୁରୋସୀୟ, ଇଣ୍ଡୋ-ଅଷ୍ଟ୍ରେଲୀୟ, ଉତ୍ତର ଆମେରିକୀୟ, ପ୍ରଶାନ୍ତ ମହାସାଗରୀୟ ଓ ଦକ୍ଷିଣ ଆମେରିକୀୟ ଭଳି ଭୂଖଣ୍ଡକୁ ଧାରଣ କରିଛନ୍ତି।

ଏକଦା ଏଗୁଡ଼ିକ ମିଳିତ ଭାବେ ଏକ ବିଶାଳ ଭୂଖଣ୍ଡ ସୃଷ୍ଟି କରିଥିଲେ। ଭୂବିଜ୍ଞାନୀଙ୍କ ମତରେ ତାହା ଥିଲା 'ପାଙ୍ଗାଇଆ'। ଆଜକୁ ପ୍ରାୟ ୩୦୦ରୁ ୪୦୦ କୋଟି ବର୍ଷ ପୂର୍ବେ ତାହା ବିଖଣ୍ଡିତ ହୋଇ ପରସ୍ପରଠାରୁ ଅଲଗା ହୋଇଗଲେ। ଫଳରେ ସୃଷ୍ଟି ହେଲା ଏକାଧିକ ମହାଦେଶୀୟ ଭୂଖଣ୍ଡ। ପୃଥିବୀର ଅନ୍ତର୍ଦେଶରେ ଥିବା ତରଳ ପଦାର୍ଥ 'ମାଗ୍‌ମା'ରୁ ବୁଦ୍‌ବୁଦ୍‌ମାନ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକରେ ଥିବା ଫାଟ ଦେଇ ବାହାରୁଥିବାରୁ ପ୍ଲେଟ୍‌ଗୁଡ଼ିକ ବର୍ଷକୁ କିଛି କିଛି ସେଣ୍ଟିମିଟର ଗତି କରି ପରସ୍ପରଠାରୁ ଦୂରେଇ ଯାଆନ୍ତି କିମ୍ବା ଗୋଟିଏ ଅନ୍ୟ ଗୋଟିକ ସହିତ ଧକ୍କା ଖାଇ ତା' ତଳେ ପଶିଯା'ନ୍ତି। ତା' ଉପରେ ଥିବା ମହାଦେଶୀୟ ଭୂଭାଗଗୁଡ଼ିକ ମଧ୍ୟ ସେଥିସହିତ ଗତି କରନ୍ତି। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଆଜିକୁ ପ୍ରାୟ ୫୦ ନିୟୁତ ବର୍ଷ ତଳେ ଇଣ୍ଡୋ-ଅଷ୍ଟ୍ରେଲୀୟ ପ୍ଲେଟ୍‌ଟି ବିଭାଜିତ ହୋଇ ଭାରତକୁ ଧାରଣ କରିଥିବା ଅଂଶଟି ଆସି ଚୀନ୍ ଅବସ୍ଥିତ ଥିବା ୟୁରୋସୀୟ ପ୍ଲେଟ୍ ସହିତ ଧକ୍କା ଖାଇ ମିଶିଗଲା। ଏହାର ବେଗ ଏତେ ଥିଲା ଯେ ତାହା ବର୍ଷକୁ ପ୍ରାୟ ୩୦ ସେମି ହାରରେ ଆଗକୁ ମାଡ଼ି ଚାଲିଲା। ଏହା ଧକ୍କା ଖାଇବା ସ୍ଥାନରେ ସୃଷ୍ଟି ହେଲା ସୁଉଚ୍ଚ ହିମାଳୟ ପର୍ବତ ଶ୍ରେଣୀ, ଯାହା ଏବେ ବି ବର୍ଷକୁ ୫ ମିମି ହାରରେ ବଢ଼ିବାକୁ ଲାଗିଛି।

ଏ କଥା ଜଣାପଡ଼ିଛି ଐତିହାସିକ ଘଟଣା ଉପରେ ଗବେଷଣାରତ 'ଜର୍ମାନ୍ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇସେନ୍ସ', ଭାରତର 'ନ୍ୟାଶ୍‌ନାଲ୍ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍' ଏବଂ ବର୍ଲିନସ୍ଥିତ 'ଫ୍ରେଇ ବିଶ୍ୱବିଦ୍ୟାଳୟ'ର ବୈଜ୍ଞାନିକମାନେ ୨୦୦୭ ମସିହାରୁ ଚଳାଇ ଆସିଥିବା ଅଧ୍ୟୟନରୁ। ଭାରତୀୟ ମହାଦେଶୀୟ ଭୂଖଣ୍ଡର ଚଳନକୁ ସେମାନେ ବିଶ୍ୱର ଦ୍ରୁତତମ ବୋଲି ଅଭିହିତ କରିଛନ୍ତି। ଏହାଫଳରେ ଭାରତ ନିୟମିତ ଭାବେ ହରାଇଚାଲିଛି କିଛିକିଛି ଅଞ୍ଚଳ, ତାହା ଯେତେ କମ୍ ହେଉନା କହିଁକି। ଏକ ଗଣନା ଅନୁସାରେ ବିଗତ କେତେ ନିୟୁତ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆଠାରୁ ବିଚ୍ଛିନ୍ନ ହେଲା ପରେ ଏହା ଉତ୍ତର-ଏସିଆ ଦିଗରେ ପ୍ରାୟ ୨୦୦୦ କିମି ଗତି କରିଛି। ଅନ୍ୟପକ୍ଷରେ ଏବେ ଭାରତୀୟ ପ୍ଲେଟ୍‌ଟି ବର୍ଷକୁ ୫ ସେମି ହାରରେ ୟୁରେସୀୟ ପ୍ଲେଟ୍ ଦିଗରେ ଏବଂ ଚୀନ୍ ଭୂଖଣ୍ଡର ତଳ ଆଡ଼କୁ ଗତି କରିବାରେ ଲାଗିଛି।

ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତା'ହେଲେ ଦିନେ ଆମ ଦେଶ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବ ବୋଲି ମନେ କରାଯାଇପାରେ। ତେବେ ଉପରୋକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ସାବ୍ରିନା ମେଟ୍‌ଜଗରଙ୍କ ମତରେ ଏ ପ୍ରକ୍ରିୟାର ବେଗ କ୍ରମଶଃ ହ୍ରାସ ପାଉଛି। ହୁଏତ ଏହି ଚଳନର ଗତି ଦିନେ ସମ୍ପୂର୍ଣ୍ଣ ବନ୍ଦ ମଧ୍ୟ ହୋଇଯାଇପାରେ। ତେଣୁ ଚୀନ୍‌ରେ ଭାରତ ହଜିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ। ଅନ୍ୟପକ୍ଷରେ ଏହାର ବିପରୀତ ମଧ୍ୟ ଘଟିପାରେ। ଅର୍ଥାତ୍ କୌଣସି ଏକ ପରିସ୍ଥିତିରେ ଏ ଗତି ମଧ୍ୟ ବଢ଼ିପାରେ। ତେବେ ଏହି ଅନୁମାନ ସତସାବ୍ୟସ୍ତ ହେବାକୁ ଲାଗିଯିବ ନିୟୁତ ନିୟୁତ ବର୍ଷ। ସେତେବେଳକୁ ଧରାପୃଷ୍ଠରୁ ସମ୍ଭବତଃ ଜୀବଜଗତ ହିଁ ବିଲୁପ୍ତ ହୋଇସାରିଥିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କାନ୍ଥ ଭୁଶୁଡ଼ି ଚାଷୀ ମୃତ

ବଣାଇଁ, ୭ ।୭ (ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘର କାନ୍ଥ ଭୁଶୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଦେବେନ୍ଦ୍ର ଭଇଁସା(୫୪)। ସୂଚନାନୁଯାୟୀ, ଦୀର୍ଘ ୧୫ଦିନ ହେବ ବଣାଇଁ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରସରା ଗ୍ରାମରେ ରବିବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ଦେବେନ୍ଦ୍ର ନିଜର ପୋଟଳ ବଗିଚାରେ ଥିବା ଘରେ ଶୋଇଥିବା ବେଳେ ହଠାତ୍ ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସକାଳେ ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ଟିକାୟତପାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ମା’-ଝିଅ ମୃତ



ମାଥିଲି, ୭ ।୭ (ସମିସ): ପୋଖରୀରେ ବୁଡ଼ି ମା’-ଝିଅ ମୃତ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଧଉଡ଼ାଗୁଡ଼ା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗୁରୁନାଥ ବାଗରିୟାଙ୍କ ସ୍ତ୍ରୀ ପ୍ରିୟା ବାଗରିୟା ଓ ୫ ମାସର ଶିଶୁକନ୍ୟା ପିଙ୍କି। ସୂଚନା ଅନୁଯାୟୀ, ଆଜି ସକାଳୁ ପିଙ୍କିକୁ ନେଇ ପ୍ରିୟା ଗାଁ ପୋଖରୀରେ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି କରି ମଧ୍ୟ ଦୁହିଁଙ୍କୁ ପାଇନଥିଲେ। ତେବେ ସନ୍ଧ୍ୟାରେ ଉଭୟଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁଲୋକେ ମାଥିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରିଥିଲେ। ମାଥିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସରିଲା ରତ୍ନଭଣ୍ଡାର ମରାମତି

**■ ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ କାମ ହୋଇଛି**

**■ ରୁପା ଛାଉଣୀ ହେବ ବାହାର ଭଣ୍ଡାର ଘର ଦ୍ୱାର**

ପୁରୀ, ୭।୭ (ସମିସ): ଶେଷ ହୋଇଛି ବହୁପ୍ରତୀକ୍ଷିତ ରତ୍ନଭଣ୍ଡାର ମରାମତି। ମୋଟ ୯୫ ଦିନରେ ୩୩୨ଘଣ୍ଟା ୪୭ମିନିଟ୍ କାମ କରାଯାଇଛି। ଏବେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ମହାପ୍ରଭୁଙ୍କ ଅପାର କରୁଣା, ଆଶୀର୍ବାଦ ଯୋଗୁଁ ଧାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୋମବାର ସନ୍ଧ୍ୟାରେ ଗଣମାଧ୍ୟମକୁ ରତ୍ନଭଣ୍ଡାର ମରାମତି ପୂର୍ଣ୍ଣାଙ୍ଗର ସୂଚନା ଦେଇ ଡ. ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ନୀଳାଦ୍ରିବିଜେ ପୂର୍ବରୁ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଏଏସ୍ଆଇ ଦ୍ୱାରା ଶେଷ ହୋଇଛି। ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ରତ୍ନଭଣ୍ଡାର ସୁରକ୍ଷିତ ବୋଲି କୁହାଯାଇପାରିବ।

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଯାଞ୍ଚ ଏବଂ ଟେକ୍ନିକାଲ ସର୍ଭେ କାମ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାରର ଲେଜର ସ୍କାନିଂ, ରାଡାର ପେନିଟ୍ରେଟିଂ ସର୍ଭେ ଆଦି ବୈଷୟିକ ଯାଞ୍ଚ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୮ରେ ଏଏସ୍ଆଇର ଆଡିସ୍ନାଲ ଡିଜି(ସଂରକ୍ଷଣ) ଆସି ସଂରକ୍ଷଣର ତଦାରଖ କରିଥିଲେ। ସେପ୍ଟେମ୍ବର ୨୪ରେ ଏଏସ୍ଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଥିଲା। ପରେ ଯାଞ୍ଚ ରିପୋର୍ଟ ଆଧାରରେ ଡିସେମ୍ବର ୧୭ରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୬ ମାସ ଧରି କାମ କରାଯାଇଥିଲା। ଲେଜର ସ୍କାନିଂ ଓ ଜିପିଆର୍ଏସ୍ ସର୍ଭେରୁ ମିଳିଥିବା ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏଏସ୍ଆଇ ପକ୍ଷରୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ କରାଯାଇଛି। ଏହା ମଧ୍ୟରେ ଜଏଣ୍ଟ ସିଲିଂ, ଗ୍ରାଉଟିଂ, ଷ୍ଟେନ୍ଲେସ୍ ଷ୍ଟିଲ୍ ବକ୍ସ ବିମ୍, କେମିକାଲ ୱାସିଂ କରାଯାଇଛି। ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ ମରାମତି ଓ ସଂରକ୍ଷଣ କାମ ହୋଇଛି। ମୋଟ ୮୦ଜଣ ଶ୍ରମିକ ମରାମତି କାମରେ ନିୟୋଜିତ ଥିଲେ। ନୂଆ ଗ୍ରାନାଇଟ୍ ଚଟାଣ ସାଙ୍ଗକୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱରେ କେମିକାଲ ପ୍ଲାଷ୍ଟରିଂ ହୋଇଛି। ଭିତର ଭଣ୍ଡାରରେ ୯ଟି ଏବଂ ବାହାର ଭଣ୍ଡାରରେ ୬ଟି ଏହିପରି ମୋଟ ୧୫ଟି ନୂଆ ଷ୍ଟେନଲେସ୍ ଷ୍ଟିଲ ବକ୍ସ ବିମ୍ ବିଭିନ୍ନ ସାଇଜର ଲଗାଯାଇଛି।

ସେହିପରି ଭିତର ରତ୍ନଭଣ୍ଡାରର କବାଟ ମରାମତି ହୋଇଛି। ବାହାର ଭଣ୍ଡାରର ଆଇରନ ଗେଟ୍ ବଦଳାଯାଇ ଷ୍ଟେନ୍ଲେସ୍ ଷ୍ଟିଲ ଗେଟ୍ କରାଯାଇଛି। ଏହାର ବାହାରେ ବର୍ମାଟିକ୍ କାଠର କବାଟ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ବାହାର କାଠ ଦ୍ୱାରକୁ ରୁପା ଛାଉଣୀ କରାଯିବ। ଏହାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଭଣ୍ଡାର ମେକାପ ସେବକ, ଗଜପତିଙ୍କ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ସମ୍ମୁଖରେ ଏହି ଗେଟ୍ ସିଲ୍ କରାଗଲା। ଭିତର ରତ୍ନଭଣ୍ଡାର ଗେଟ୍ ତାଲାର ଚାବି ଏବେ ମନ୍ଦିର ପ୍ରଶାସନ ପାଖରେ ଅଛି। ଭିତର ଭଣ୍ଡାର ଦ୍ୱାରକୁ ସୁନା ଛାଉଣୀ କରାଯିବା ଲାଗି ଯୋଜନା ରହିଛି।

ଏସ୍ଓପି ଅନୁଯାୟୀ, ପ୍ରଥମେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍ରୁ ଭିତର ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରାଯିବ। ଜଉମୁଦ ଦିଆଯାଇ ଏହାର ଚାବି ଟ୍ରେଜେରୀରେ ରହିବ। ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍ରୁ ଅଳଙ୍କାର ବାହାର ଭଣ୍ଡାରକୁ ସ୍ଥାନାନ୍ତର ପରେ ଏହାର ଚାବି ସିଲ୍ କରାଯାଇ ରଖାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଗଣତି ମଣତି ହେବ। ୧୯୭୮ ମସିହା ତାଲିକା ସହ ମେଳ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

## ଭିଜିଲାନ୍ସ ଜାଲରେ କୁଜଙ୍ଗ ମେଡିକାଲ ଅଫିସର୍

ଭୁବନେଶ୍ୱର, ୭ ।୭ (ସମିସ): ବୀମା ଦାବି ପାଇଁ ଆବଶ୍ୟକ ଥିବା ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର୍ ଡାକ୍ତର ଶିବପ୍ରସାଦ ସେଠୀ ଗିରଫ ହୋଇଛନ୍ତି। ସୂଚନାନୁଯାୟୀ, ଖାଦ୍ୟରେ ବିଷକ୍ରିୟା ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ଶିବ ପ୍ରସାଦ ସେଠୀ ଉକ୍ତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରିଥିଲେ। ତେବେ ମହିଳାଙ୍କ ନାମରେ ବୀମା ଥିବାରୁ ସେନେଇ ଆବେଦନ କରିବାକୁ ଶୀଘ୍ର ରିପୋର୍ଟ ଦେବାକୁ ତାଙ୍କ ସ୍ୱାମୀ ଡାକ୍ତର ସେଠୀଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ୧୦ ହଜାର ଟଙ୍କା ଲାଞ୍ଚ ନ ଦେଲେ ରିପୋର୍ଟ ମିଳିବା ବିଳମ୍ବିତ ହେବ ବୋଲି ଡାକ୍ତର ସେଠୀ ତାଙ୍କୁ ରୋକଠୋକ୍ ଶୁଣାଇ ଦେଇଥିଲେ। ତେଣୁ ବାଧ ହୋଇ ମହିଳାଙ୍କ ସ୍ୱାମୀ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଡାକ୍ତର ଶିବ ପ୍ରସାଦ କଟକର ଥିବା ଏକ କ୍ଲିନିକ୍ରେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ସେ ଅଭ୍ୟର୍ଥନା ଡେସ୍କରେ ବସିଥିବା ମହିଳା ମାଧ୍ୟମରେ ଲାଞ୍ଚ ନେଇଥିଲେ। ସାକ୍ଷୀଙ୍କ ଉପସ୍ଥିତିରେ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ପରେ କଟକ, ମୈତ୍ରୀବିହାରରେ ଡାକ୍ତର ସେଠୀଙ୍କ ଭଡ଼ାଘର, କଟକର ମହାବୀର ଆପାର୍ଟମେଣ୍ଟରେ ଫ୍ଲାଟ୍, ଜଗତସିଂପୁରର ଏରସମାରେ ପୈତୃକ ଘର, ଜଗତସିଂହପୁର ଜିଲ୍ଲା କୁଜଙ୍ଗ କାର୍ଯ୍ୟାଳୟ ଚାମ୍ବର ଏବଂ ମହାନଦୀ ବିହାର, କଟକରେ ତାଙ୍କ ଘରୋଇ କ୍ଲିନିକ୍ ଚାମ୍ବରରେ ଏକକାଳୀନ ତଲାସି କରାଯାଇଥିଲା।

## ନେଇଗଲେ ଅଧରପଣା

ପୁରୀ,୭।୭(ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲତି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନଥିଲେ, ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।


**AFFIDAVIT**

I BIKRAM AGARWAL, S/o Naresh Kumar Agarawal, resident of Kusumaguda, Main ROAD, Po / PS - Umerkote, Dt- Nabarangapur, odisha -764073, Odisha declare by this Affidavit No.3000, Dated - 07/07/2025, that now onwards I shall be known as **VIKRAMDEV AGARWAL** for all future purpose.

**AFFIDAVIT**

**I UTTAM PRASAD AGARWAL**, S/o Naresh Kumar Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha -764 073, Odisha declare by this Affidavit No.2999, Dated - 07/07/2025, that now onwards I shall be known as **UTTAM PRASAD AGARWAL** for all future purpose.

**AFFIDAVIT**

I **SEEMA AGARWAL**, W/o Vikramdev Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha - 764073, Odisha declare by this Affidavit No.3001, Dated - 07/07/2025, that now onwards I shall be known as **SEEMABAI AGRAWAL** for all future purpose.

**AFFIDAVIT**

By virtue of affidavit SL NO. 1798, dated -07/07/2025 in the court of the Executive Magistrate, Phulbani, dist- Kandhamal, I, Keshaba Digal, have changed my name from **Krupasindhu Digal** to **Keshaba Digal**, Henseforth I shell be known as **Keshaba Digal** for all purpose.

**Sd/- Keshaba Digal**

**ହଜିଯାଇଥିବା ଦସ୍ତାବେଜ**

ମୁଁ ମୋର ଅରିଜିନାଲ ପଟ୍ଟା (R O R) ଖା ନ :- 1309/3820 ମୌଜା ପଦ୍ମପୁର ପୁରୁଷୋତ୍ତମ ନଗର ଥାନା ପଦ୍ମପୁର ଜିଲ୍ଲା ବରଗଡ ପ୍ଲଟ ନ – 476/8320, ବିକ୍ରୟ କବଲା i d no - 17170015 0 ଓ doc no - 10171700187 କୁଗତ 03/07/2025 ତାରିଖ ରେ ପଦ୍ମପୁର ଠାରେ ହଜାଇ ଦେଇଛି | ଏହି ଘଟଣା କୁ ପଦ୍ମପୁର ଥାନା ଅଧିକାରୀ ତଥା ପଦ୍ମପୁର ଥାନା ରେ ଦରଖାସ୍ତ କରିଛି | ଏହାର sde no-12 ତା :- 05/07/2025] ଏହି ଡକୁମେଣ୍ଟ କୌଣସି ବ୍ୟକ୍ତି ପାଇଲେ ନିମ୍ନ ଲିଖିତ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବେ।

ନାମ- ସବିତା ଅଗ୍ରୱାଲ

ସ୍ୱାମୀ- ରାମଚନ୍ଦ୍ର ଅଗ୍ରୱାଲ

Mob no: 8260994868

**AFFIDAVIT**

I **MANMOHAN KUMAR AGRAWAL,** S/o- Madanlal Agrawal, resident of Raju Street, Po / PS- Jeypore, Dt- Koraput, odisha- 764001, Odisha declare by this Affidavit No.2856, Dated - 24/06/2025, that now onwards I shall be known as **MANMOHAN AGRAWAL** for all future purpose.

**AFFIDAVIT**

**I, AMAR GAIKWAD, S/o Bharat Gaikwad, resident of At: Flat No- A602, NBCC Imperia, New Government Colony, Mancheswar, Bhubaneswar- 751005, Dist: Khordha, Odisha declare by this affidavit CFNo: 37, Dated 05.07.2025 that now onwards I shall be known as AMAR BHARAT GAIKWAD for all future purposes.**

**ଘୋଷଣାନାମା**

ଆମେ ଅମାନତ ରସୁଲ ଖାଁ, ପିତା-ଦାଉଦ ଖାଁ, ସା: ପାଟଣାସାହି, ପୋ/ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ ସର୍ବସାଧାରଣରେ ଘୋଷଣା କରୁଅଛୁ ଯେ, ଆମ୍ଭେ ଆମ୍ଭର ସ୍ତ୍ରୀ ସମିନା ବେଗମ, ପିତା-ସ୍ୱର୍ଗତ ସେକ ଅବଦୁଲ ହାକିମ ଙ୍କୁ ମୁସଲମାନ ଆଇନ ଅନୁଯାୟୀ ତଲାକ-ଏ-ହସନ ଗତ ତା.୧୩.୪.୨୦୨୫ରିଖରେ ତିନି ତଥା ଶେଷ ତଲାକ ଦେଇଅଛୁ ଏବଂ ସେ ଉକ୍ତ ତାରିଖରୁ ଆମ୍ଭ ସ୍ତ୍ରୀ ରହିଲେ ନାହିଁ କିମ୍ବା ସେ ଆମ୍ଭର ସମସ୍ତ ଅଧିକାରରୁ ବଂଚିତ ହୋଇ ଅଛନ୍ତି । ଏବଂ ଏହା ମଧ୍ୟ ଆମ୍ଭେ ଗତ ତା. ୪.୭.୨୫ ରିଖରେ ସତ୍ୟପାଠ ନମ୍ବର ୧୧୨୦ ରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସମ୍ମୁଖରେ ଘୋଷଣା କରିଅଛୁ।

ଅମାନତ ରସୁଲ ଖାଁ

**AFFIDAVIT**

By virtue of an affidavit before The Notary Public, Titilagarh, on dated- 07/07/2025. I, **Kshirabati Behera,** formerly called as Khira Behera, D/o Ainthapatar Behera (father), Debaki Behera (mother), permanent resident of At- Silpara, Digsira, PO- Kushkela, PS- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my name from **Khira Behera** (old name) To **Kshirabati Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kshirabati Behera** (new name).

**Kshirabati Behera**

**AFFIDAVIT**

I, Paresh Chndra Mohanty, aged about 28 years, S/o- Khokan Mohanty, resident of At- Gunsartha, Po- Chandakusumi, Ps- Kamarda, Dist- Balasore, Odisha, Pin- 756035 declare by this affidavit No.1311, dtd- 07/07/2025 that now onwards I shall be known as **PARESH CHANDRA MOHANTY** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪୦ ଟଙ୍କାର ତେଲ...

ଦେଉଥିଲେ ମଧ୍ୟ ତୈଳ ମୂଲ୍ୟ ହ୍ରାସ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେବଳ ଥରେ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଥିଲା। ସେବେଠାରୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସମୟ ମଧ୍ୟରେ, କଞ୍ଚା ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୨୦ ଡଲାରରୁ ଅଧିକ ହ୍ରାସ ପାଇଛି। ମାତ୍ର ଏହାର ଫାଇଦା ଖାଉଟିଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଶେଷଜ୍ଞଙ୍କ ମତରେ ୨୦ ଡଲାର କଞ୍ଚାତେଲ ମୂଲ୍ୟ ହ୍ରାସ ଭାରତୀୟ ବଜାରରେ ପେଟ୍ରୋଲ ଡ଼ିଜେଲ ମୂଲ୍ୟକୁ ୨୫% ପର୍ଯ୍ୟନ୍ତ କମ୍ କରିପାରିବ। ମାତ୍ର ଏହାର ଏହାର ସବୁ ଲାଭ କମ୍ପାନୀ ଓ ସରକାର ପାଇଛନ୍ତି।

ସମ୍ପ୍ରତି ଅଶୋଧିତ ତେଲ ଉତ୍ପାଦକଙ୍କ ସଂଗଠନ ଓପେକ୍ ରାଷ୍ଟ୍ର ସମୂହ ଅଶୋଧିତ କଞ୍ଚା ତେଲ ଉତ୍ପାଦନ ବୃଦ୍ଧି ଘୋଷଣା ଯୋଗୁଁ ପୁଣି ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଚଳିତ ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସରେ ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପାଖାପାଖି ୧୦ ଡଲାର ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛନ୍ତି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଯୋଗାଣରେ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ପଟେ ଆମେରିକା ଯୋଗାଣ ବୃଦ୍ଧି କରିଛି। ଅନ୍ୟପଟେ ଓପେକ୍ ପ୍ଲସ୍ ସଦସ୍ୟ ରାଷ୍ଟ୍ରମାନଙ୍କ ପକ୍ଷରୁ ଯୋଗାଣ ଜାରି ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ, ହର୍ମୁଜ୍ ସଙ୍କଟ ମଧ୍ୟ ଟଳିଯାଇଛି। ଏହାସହିତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଯାହା ଫଳରେ ତୈଳ ମୂଲ୍ୟ ପ୍ରାୟ ୧୫% କମିବ ବୋଲି ଆଶା କରାଯାଉଛି। ମାତ୍ର ଭାରତର ଖାଉଟିମାନଙ୍କ ପାଇଁ ଏହି ଲାଭ ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

### ହସ୍ପିଟାଲ୍ରୁ ଡିସ୍ଚାର୍ଜ...

ଡାକ୍ତରଖାନାରୁ ଡିସଚାର୍ଜ ହୋଇଥିଲେ ହେଁ ନବୀନ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ମୁମ୍ବାଇରେ ରହିବେ। ସେଠାରେ ତାଙ୍କର ଫିଜିଓ ଥେରାପି ଚାଲିବ। ଏହାପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ।

ସର୍ଭିକାଲ ଆର୍ଥ୍ରାଇଟ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ସ୍ପେସିଆଲିଷ୍ଟ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କର ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ।

ମେଡିକାଲ୍ରୁ ଡିସ୍ଚାର୍ଜ ପରେ ନବୀନ ପଟ୍ଟନାୟକ ଏକ୍ସ ଯୋଗେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍ ଓ ଗଙ୍ଗା ହସ୍ପିଟାଲର ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ଉତ୍ତମ ଡାକ୍ତରୀ ସେବା ପ୍ରଦାନ ସାଙ୍ଗକୁ ଅସ୍ତ୍ରୋପଚାର ପୂର୍ବ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ଯତ୍ନ ନେଇଥିବାରୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ସେ ରାଜ୍ୟ ତଥା ରାଜ୍ୟ ବାହାରୁ ଯେଉଁମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରାର୍ଥନା କରିଛନ୍ତି, ସେମାନଙ୍କୁ ନବୀନ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଅଧିକାରୀ ମଧ୍ୟ ନବୀନ ପଟ୍ଟନାୟକଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ସେମାନଙ୍କ ଉପରେ ଭରସା କରି ନବୀନ ସେବା ପାଇଁ ସୁଯୋଗ ଦେଇଥିବାରୁ ହସପିଟାଲ କର୍ତ୍ତୃପକ୍ଷ କୃତଜ୍ଞତା ଜଣାଇଛନ୍ତି।

### ମୁଖିଆ ହେବେ...

ମଧ୍ୟରେ ମନମୋହନ ଏକାକୀ ନିଜର ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଇଁ ସମସ୍ତ ୩୨ ଜଣ ନାମାଙ୍କନ କରିଛନ୍ତି। ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ମନମୋହନ ୩ଥର ରାଜ୍ୟ ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ପ୍ରଥମେ ୧୯୯୯ରୁ ୨୦୦୦ ଓ ପରେ ୨୦୦୧ ରୁ ୨୦୦୪ ପର୍ଯ୍ୟନ୍ତ ସଭାପତି ରହିଥିଲେ। ପରେ ୨୦୨୩ ମସିହାରେ ସେ ତୃତୀୟ ଥର ପାଇଁ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ଚତୁର୍ଥ ଥର ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଶ୍ରୀ ସାମଲ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ରହିଥିଲେ। ୨୦୦୪ରେ ସେ ସାଂସଦ ପଦରୁ ଇସ୍ତଫା ଦେଇ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେପି – ବିଜେଡି ମେଣ୍ଟ ସରକାରରେ ଗୁରୁତପୁର୍ଣ୍ଣ ରାଜସ୍ୱ ବିଭାଗର ମନ୍ତ୍ରୀ ଥିଲେ।

### ଘରୁ ଘୋଷାଡ଼ି...

କରୁଥିବା ବେଳେ ଜଣେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ପୂର୍ବାହ୍ନରେ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଦିଲ୍ଲୀପଙ୍କ ପଡ଼ୋଶୀ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଖୁବ୍ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ ବୋଲି ଏସ୍ପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ କେଉଁ କାରଣରୁ ଦିଲ୍ଲୀପଙ୍କୁ ହତ୍ୟା କରାଯାଇଛି, ତାହା ଜଣାପଡ଼ିନାହିଁ। ସୂଚନାନୁଯାୟୀ, ଦିଲ୍ଲୀପ କାଲି ଖାଇପିଇ ଘରେ ଶୋଇଥିବା ବେଳେ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସେମାନେ ତାଙ୍କ ସହ ପାଟିତୁଣ୍ଡ କରିବା ପରେ ମାରପିଟ୍ କରିଥିଲେ। ପରେ ତାଙ୍କୁ ଘରୁ ବାହାରକୁ ଟାଣି ନେଇ ଖଣ୍ଡା ଓ ବିଭିନ୍ନ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଦିଲ୍ଲୀପଙ୍କ ମୁଣ୍ଡ, ହାତ, ପିଠି ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୁଲିସ୍ ଅଧିକାରୀ ଘଟଣା ପହଞ୍ଚିଥିଲେ। ପରିବାରଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଦିଲ୍ଲୀପଙ୍କ ବଡ଼ଭାଇ ହରିଶ୍ଚନ୍ଦ୍ର ପାତ୍ର ଘଟଣାକୁ ନେଇ ଗୋଳନ୍ଥରା ଥାନରେ ଲିଖିତ ଅଭିଯୋଗ କରିଥିଲେ।

ଅପରପକ୍ଷେ, ନିକଟ ଅତୀତରେ ଦିଲୀପଙ୍କ ଗାଡ଼ି ସହ ଜଣେ ଯୁବକଙ୍କ ଗାଡ଼ି ଧକ୍କା ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକ ଆହତ ହୋଇଥିବା ବେଳେ ତାଙ୍କର ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ କ୍ଷତିପୂରଣ ଦେବାକୁ ଯୁବକଜଣଙ୍କ ଦାବି କରିଆସୁଥିଲେ। କିନ୍ତୁ ଦିଲୀପ ତାହା ଦେବାକୁ ପ୍ରସ୍ତୁତ ହେବା ପରିବର୍ତ୍ତେ ପାଲଟା ସମ୍ପୃକ୍ତ ଯୁବକଙ୍କୁ ଗାଳିଗୁଲଜ ଓ ଧମକାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଉକ୍ତ ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି।

ପ୍ରକାଶ ଥାଉକି, ଗତ ଏକମାସ ମଧ୍ୟରେ ଗୋପାଳପୁର ଥାନାରେ ଗୋଟିଏ ଗଣଦୁଷ୍କର୍ମ ମାମଲା ସମେତ ଏକାଧିକ ଚୋରି ମାମଲା ରୁଜୁ ହୋଇଛି। ସେହିପରି ଗୋଳନ୍ଥରା ଥାନାରେ ଗୋଟିଏ ଗଣଦୁଷ୍କର୍ମ ସମେତ ମୋଟ ୩ଟି ଦୁଷ୍କର୍ମ ମାମଲା, ଗୋଟିଏ ଡକାୟତି, ବହୁ ହତ୍ୟା ଉଦ୍ୟମ ଓ ଚୋରି ମାମଲା ରୁଜୁ ହୋଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ଗୋପାଳପୁର ଓ ଗୋଳନ୍ଥରା ଥାନା ଇଲାକାରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନଜରକୁ ଆସୁଛି। ଏପରିକି, ବାରମ୍ବାର ଘଟଣା ଘଟାଇ ପୁଲିସକୁ ଅପରାଧୀମାନେ ଖୋଲା ଚାଲେଞ୍ଜ ଦେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

### ୩ ହାର୍ଡକୋର୍...

କରିଥିବା ମାଓବାଦୀ ହେଲେ, ବିଜିଏନ ସଙ୍ଗଠନ ଡିଭିଜନାଲ କମିଟି ମେମ୍ବର ମାଦେ ବେତି ଓରଫ ଚମ୍ପା, କେକେବିଏନ ସଙ୍ଗଠନର ଏରିଆ କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମେ ମାଧବୀ ଓରଫ ମଞ୍ଜୁ। ଚମ୍ପା ୨୦୦୯ ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ ହୋଇଥିଲେ। ସେମାନେ ସମସ୍ତେ ଛତିଶଗଡ଼ କ୍ୟାଡରର ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃସକ୍ରିୟ କରିବା ଦିଗରେ ସେମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି।

ସୁରକ୍ଷା ବାହିନୀର ଲଗାତାର ମାଓ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବୀତସ୍ପୃହ ହୋଇ ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି ତିନି ମାଓବାଦୀ। ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ପ୍ୟାକେଜ୍ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା ସେମାନେ କହିଛନ୍ତି। ଏମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କିଛି ଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୁଲିସ ସହ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ, ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସହିତ ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ହରିଶ ବି ସି ଏବଂ ୧୨୭ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।

### କ୍ୟାଡର୍ କର୍ମୀଙ୍କୁ...

ବରିଷ୍ଠ ଓ କ୍ୟାଡ଼ର ମାଓବାଦୀଙ୍କ ଯୌନ ଶୋଷଣ, ଶାରୀରିକ ଉତ୍ପୀଡ଼ନ ସମ୍ପର୍କରେ ସେମାନେ କାହାକୁ କହି ପାରୁ ନ ଥିଲେ। କାନ୍ଦି ପାରୁଥିଲେ ନା ନିଜ ବ୍ୟଥା କାହାକୁ ବାଣ୍ଟି ପାରୁଥିଲେ। ଶେଷରେ ଅସହ୍ୟ ହେବାରୁ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ ବୋଲି ପୁଲିସକୁ କହିଛନ୍ତି।

ମହିଳା ମାଓବାଦୀ ମାଡ଼େ ବେଟି ଓରଫ ଚମ୍ପା, ଆଡେମା ମାଧବୀ ଓରଫ ମଞ୍ଜୁ ଓ ରାଜୁ ଦୋଡ଼ି ଓରଫ ଅଜୟ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେପୁର ଜିଲ୍ଲା ଛତିଶଗଡ ଅଞ୍ଚଳର। ବରିଷ୍ଠ କ୍ୟାଡର ମାଓବାଦୀମାନେ ଆଦିବାସୀ ଯୁବକ ଯୁବତୀମାନଙ୍କୁ ଚାକିରିର ମିଥ୍ୟ ପ୍ରତିଶ୍ରୁତି ଦେଇ ସଂଗଠନରେ ସାମିଲ କରାଯାଉଥିଲେ। ସେମାନଙ୍କୁ ଗଞ୍ଜେଇ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ବିକ୍ରି କାର୍ଯ୍ୟରେ ନିୟୋଜିତ କରୁଥିଲେ। ମହିଳା ମାଓବାଦୀଙ୍କ ସହ ଏକାଧିକ ସିନିୟର କ୍ୟାଡର ଯୌନ ସମ୍ପର୍କ ରଖୁଥିଲେ। ସେମାନେ ବିରୋଧ କଲେ ଖାଇବାକୁ ଦେଉ ନ ଥିଲେ, ବନ୍ଧୁକ ପଛରେ ପିଟୁଥିଲେ। ନିର୍ଯାତନା ଅସହ୍ୟ ହେବା ପରେ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ ଲାଗି କନ୍ଧମାଳ ଏସ୍ପି ବି.ସି ହରିସ୍ଙ୍କୁ ଚିଠି ଲେଖିଥିଲେ। ପୁଲିସ ସେମାନଙ୍କୁ ସ୍ୱାଗତ କରିବା ସହ ଆତ୍ମସମର୍ପଣ ଯୋଜନାରେ ସାମିଲ କରାଯାଇ ସମସ୍ତ ଅନୁକମ୍ପା ରାଶି ମିଳିବ ବୋଲି ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି।

### ୨ ମୃତ, ୩୦ରୁ...

ଅନୁଧ୍ୟାନ କରିଛନ୍ତି। ପିଇବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହା ଖାଦ୍ୟ ବିଷାକ୍ତଜନିତ କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଥିବା ବେଳେ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ରେଡ୍କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ବର୍ଷା ପରେ ପରେ ପ୍ରଶାସନ ଆଗୁଆ ସଜାଗ ନ ହୋଇଥିବାରୁ ଗ୍ରାମାଞ୍ଚଳରେ ଏଭଳି ପରିସ୍ଥିତି ଦେଖା ଦେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),

ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍ନ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୩.୦୮.୨୦୨୫ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୩.୦୮.୨୦୨୫ରିଖ ଅପରାହ୍ନ ୦୨.୦୦ ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ**

ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ତା.୧୧.୦୮.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

| କ୍ର. ନଂ. | ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍ଦାର / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଆଖଣ୍ଡଳମଣୀ ଷ୍ଟୋର, ସ୍ୱତ୍ୱାଧିକାରୀ: ସ୍ୱ ବନମାଳି ପାଣି, ଠିକଣା-୧: ସା: ହୁସେନ ମାର୍କେଟ କମ୍ପ୍ଲେକ୍ସ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୦୪୫, ଠିକଣା-୨: ସା: ତେନ୍ତୁଳିଆ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା / ଆଇନଗତ ଉତ୍ତରାଧିକାରୀ: ୧) ଶ୍ରୀ ପ୍ରସୁଜିତ ପାଣି, ପିତା: ସ୍ୱ ବନମାଳି ପାଣି, ୨) ଶ୍ରୀମତୀ ସବିତା ପାଣି, ସ୍ୱାମୀ: ସ୍ୱ ବନମାଳି ପାଣି, ଉଭୟଙ୍କ ଠିକଣା- ସା/ପୋ: ତେନ୍ତୁଳିଡିହି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା | ସ୍ୱ ବନମାଳି ପାଣିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତେନ୍ତୁଳିଡିହି, ପୋ/ଥାନା/ତହସିଲ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, (କ) ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୯୪, ପ୍ଲଟ୍ ନଂ.: ୧୮୭୧, କ୍ଷେତ୍ର: ଏକର୦.୦୮ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହରିବଲ୍ଲଭ ପଢ଼ିହାରି, ପୂର୍ବ: ପଞ୍ଚୁ ପଢ଼ିହାରି, ପଶ୍ଚିମ: ରାସ୍ତା, (ଖ) ମୌଜା: ସିମିଳିଆ, ଖାତା ନଂ.: ୧୮୬/୧୫୨, ପ୍ଲଟ୍ ନଂ.: ୧୨୯/୬୬୫ ଏବଂ ୧୩୦/୬୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି ଏବଂ ଏକର୦.୦୪ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗଦାଧର ସାହୁ, ଦକ୍ଷିଣ: ୧୦ ଫୁଟିଆ ରାସ୍ତା, ପୂର୍ବ: ଗୁଣନିଧି କର, ପଶ୍ଚିମ: ଶ୍ରୀ ସୁଶାନ୍ତ, (ଗ) ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୧୩୪, ପ୍ଲଟ୍ ନଂ.: ୨୪୪୫/୨୯୨୦ ଏବଂ ୨୪୪୬, କ୍ଷେତ୍ର: ଏକର୦.୦୨ ଡିସିମିଲି ଏବଂ ଏକର୦.୧୦ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: କୈଶା ବାରିକ, ଦକ୍ଷିଣ: କାଦୁଅ ରାସ୍ତା, ପୂର୍ବ: ଗ୍ରାମ୍ୟ କଂକ୍ରିଟ୍ ରାସ୍ତା, ପଶ୍ଚିମ: ବ୍ୟକ୍ତିଗତ ପ୍ଲଟ୍ (ଏହି ସମ୍ପତ୍ତିଟି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୯୫,୮୦,୭୭୮/- ସହିତ ତତ୍ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୧୧.୨୦୨୨ | ଟ.୬୩,୨୫,୦୦୦/- / ଟ.୬,୩୨,୫୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସାଇକେଲ ଷ୍ଟୋର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌରାଙ୍ଗ ସ, ସା/ପୋ: ଆଜିମାବାଦ, ମେନ୍ ରୋଡ୍, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧/ ଜାମିନ୍ଦାର: ଶ୍ରୀ ଅନ୍ତର୍ଯ୍ୟାମୀ ସ, ପିତା: ଅନାଦୀ ଚରଣ ସ, ବୁଆଁଳ ବୁଆଁଳ ମନ୍ଦିର ନିକଟ, ବାଲେଶ୍ୱର ସଦର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୭ | ଗୌରାଙ୍ଗ ସ ଏବଂ ଅନ୍ତର୍ଯ୍ୟାମୀ ସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କରଞ୍ଜିଆ, ୟୁନିଟ୍-୬, ଖାତା ନଂ.: ୧୯୯/୨୬୦୧, ପ୍ଲଟ୍ ନଂ.: ୬୪୦/୩୭୮୩, କ୍ଷେତ୍ର: ଏକର୦.୦୪ ଡିସିମିଲି, କିସମ: ଘରବାରି (ଏହି ସମ୍ପତ୍ତିଟି ବ୍ୟାଙ୍କର ଭୌତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୮୧,୨୫,୬୬୮/- ସହିତ ତତ୍ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୬.୦୬.୨୦୨୪ | ଟ.୪୩,୧୭,୦୦୦/- / ଟ.୪,୩୧,୭୦୦/- / ଟ.୫୦,୦୦୦/- |

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com

ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫ ଏବଂ ସିସିଓ: ଶ୍ରୀ ବି.ଏନ୍. ମୁର୍ମୁ, ମୋ.: ୭୩୮୧୦୪୮୭୦୭

ତାରିଖ : ୦୭.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଶ୍ରୀମା ବିଦ୍ୟାଳୟରେ ବନ ମହୋତ୍ସବ

ପାରାଦୀପ, ୭।୭(ସମିସ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପାରାଦୀପଗଡ଼ ଶ୍ରୀମା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷ ଚାରାରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଋତୁଚକ୍ରରେ ପରିବର୍ତ୍ତନ କାରଣରୁ ଠିକ୍ ସମୟରେ ବର୍ଷା ଓ ଶୀତ ନ ହେବା ଓ ଗ୍ରୀଷ୍ମତାପ ବୃଦ୍ଧି ପାଇବା ଯୋଗୁ ରିତୁଚକ୍ରରେ ସ୍ଥିରତା ରହୁନାହିଁ। ଏଥିପାଇଁ ବ୍ୟାପକ ବୃକ୍ଷରୋପ ର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଥିଲେ। କୁଜଙ୍ଗ ବନ ବିଭାଗ ପକ୍ଷରୁ ଅମ୍ଳଜାନ ଉତ୍ପାଦନ ଜାତୀୟ ବୃକ୍ଷ ଯୋଗାଇ ଦିଆଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା, କୁଜଙ୍ଗ ରେଞ୍ଜ ଅଫିସର୍ କର୍ତ୍ତିକେଶ୍ୱର ଖଣ୍ଡେଇ, ଆଇନଜୀବୀ ସଞ୍ଜୟ ବେହେରା, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଇତିଶ୍ରୀ ସାହୁ, ପ୍ରଭାତ ନଳିନୀ ବେହେରା, ଆଇସ୍ମିତା ସାହୁ, ରମାକାନ୍ତ ଖଣ୍ଡୁଆଳ, ସାଗରିକା ସ୍ୱାଇଁ, ସମ୍ପଦ ମୁଦୁଲି, ମିନର୍ଭା ସ୍ୱାଇଁ, ପ୍ରଭାତୀ ସାହୁ ପ୍ରମୁଖ ଯୋଗଦେଇ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବନ ମହୋତ୍ସବ




ରାଜନଗର, ୭।୭(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଆଜି ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ୟୁଥ ରେଡକ୍ରସ ପକ୍ଷରୁ ମହାବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୱାଇଆରସି କାଉନସିଲର ତଥା ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ଅନୁସୟା ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରତାପ ସ୍ୱାଇଁ, ଡ. ଆଲୋକ ବେହେରା, ରସାୟନ ବିଜ୍ଞାନ ଅଧ୍ୟାପକ ପୁଷ୍ପରଞ୍ଜନ ରାଉତ, ଅଧ୍ୟାପକ ଚିତ୍ତରଞ୍ଜନ ସ୍ୱାଇଁ, ବରିଷ୍ଠ କିରାଣି ପ୍ରଦୀପ ମିଶ୍ର, ରାଧାକାନ୍ତ ରାଉତ, କିରଣ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ୫୦ରୁ ଊର୍ଦ୍ଧ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଔଷଧୀୟ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ

ଡେରାବିଶ, ୭।୭(ସମିସ): କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ହଳଦିଆସ୍ଥ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ ମ୍ୟାନେଜମେଣ୍ଟ ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ଔଷଧୀୟ ବୃକ୍ଷ ଚାରାରୋପଣ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଔଷଧୀୟ ବୃକ୍ଷ ସମେତ ବର ଓ ଓସ୍ତ ଭଳି ପରିବେଶ ଉପକାରୀ ବୃକ୍ଷ ଲଗାଇଥିଲେ।

## ଚଳିତ ବର୍ଷ ଖରିଫ ଫସଲ ପ୍ରଭାବିତ ହେବା ଆଶଙ୍କା

ଡେରାବିଶ, ୭।୭(ସମିସ): ଚଳିତ ବର୍ଷ ଖରିଫ ଋତୁରେ ବର୍ଷାର ଅନିୟମିତତା ପାଇଁ ଚାଷୀ ଧାନ ତଳି ପକାଇବାରେ ସମସ୍ୟା ଦେଖାଦେଇଛି। ଖାଲ ଜମି ପାଇଁ ତଳିପକାଇବା ସମୟରେଅଦିନିଆବର୍ଷାକାରଣରୁଡେରିହୋଇଯାଇଛି।ବର୍ତ୍ତମାନଅଛଡ଼ାତଳିପକାଇବା ପାଇଁ ଉଚ୍ଚଜମି କାଦୁଅ କରି ବିହନକୁ ଗଜା କରି ବିଲରେ ବୁଣି ଆସିବା ପରେ ବର୍ଷା ପାଣି ଏବେ ତଳି କିଆରିକୁ ବଡ଼ାଇ ରଖିଛି। ଏହି



ତଳି ଜମିରୁ ଚାଷୀ ଯେତେ ପାଣି ନିଷ୍କାସନ କରୁଛି ବର୍ଷା ତାକୁ ବୁଡ଼ାଇବାକୁ ଲାଗିଛି। ବର୍ତ୍ତମାନ ଏହି ତଳିରୁ ଶତପ୍ରତିଶତ ଗଜା ହେବା ନେଇ ସନ୍ଦେହ ଉପୁଜିଛି। କେତେକ ସ୍ଥାନରେ ବର୍ଷା ଜଳକୁ ତଳିକ୍ଷେତରୁ ନିଗାଡ଼ିବା ପରେ ପାରା ଧାନ ଖୁଣ୍ଟି ଖାଇ ଦେଉଥିବା ଦେଖାଦେଇଛି। ବର୍ତ୍ତମାନ ପରିସ୍ଥିତିରେ ଚାଷୀ ବହୁ ମୂଲ୍ୟ ଦେଇ ଅଧିକ ଅମଳକ୍ଷମ ବିହନ କିଣିଥିଲେ ବି ତାହା ନଷ୍ଟ ହେବାକୁ ବସିଲାଣି। ଏବେ ପୁଣି ଚାଷୀ ଟଙ୍କା ଦେଇ ବିହନ କିଣିବା ପାଇଁ ସକ୍ଷମ ହେଉନି। କରଜ କରି ଚାଷ ଆରମ୍ଭ କରି ଧାନ ଅମଳ କରି କ୍ଷତି ଭରଣା ହେବା ନେଇ ଏବେବି ଚାଷୀ ଆଶଙ୍କାରେ ରହିଛି। ସୋସାଇଟି ମାଧ୍ୟମରେ ସରକାର ଉନ୍ନତ କିସମର ଧାନ ବିହନ ଯୋଗାଇ ଦେବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

# ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସାଳୟରେ ପାଣି; ଅଫିସ କାମ ଅଚଳ

ପଟ୍ଟାମୁଣ୍ଡାଇ,୭।୭(ସମିସ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୃହପାଳିତ ପଶୁଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ସଦର ମହକୁମାରେ ଏକ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ଉକ୍ତ ପ୍ରାଣୀ ଚିକିତ୍ସାଳୟରେ ପାଣି ପଶିଯାଇଥିବାରୁ ଅଫିସ୍ କାମ ଅଚଳ ହୋଇପଡ଼ିଛି। ରାସ୍ତା ଉଚ୍ଚା ହୋଇଥିବାରୁ ଚିକିତ୍ସାଳୟ ପରିସରରେ ପାଣି ଜମିରହୁଛି। ଏହି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ବଡ଼ପଡା, ନପଙ୍ଗ, ଅଣ୍ଟରା ଓ ଅଠରବାଟିଆ ଆଦି କେତୋଟି ସବ୍‌ସେଣ୍ଟର ରହିଛି। ବିଶେଷକରି ବର୍ଷାଦିନେ ପଶୁଙ୍କ ବିଭିନ୍ନ ସଂକ୍ରାମକ ରୋଗ ଦେଖା ଦେଇଥାଏ। ଫଳରେ ପଶୁ ଚିକିତ୍ସା ପାଇଁ ସାଧାରଣ ଲୋକେ ନିଜ ନିଜର ଗାଈ, ବଳଦ, କୁକୁର, ଛେଳି, ମେଣ୍ଢା ସମେତ ପଶୁପକ୍ଷୀ ଧରି ଚିକିତ୍ସା ପାଇଁ ଆସିଥା'ନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସାଳୟ ଗୃହ ପ୍ରାୟ ୩୦/୪୦ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ସମ୍ପ୍ରତି ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ରାସ୍ତା ଉଚ୍ଚା ହେବା ଫଳରେଚିକିତ୍ସାଳୟରାସ୍ତାଠାରୁନିମ୍ନଭାଗରେ ରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ପ୍ରାଣୀ ଚିକିତ୍ସାଳୟ ପରିସରରେ ବର୍ଷା ପାଣି ଭର୍ତ୍ତି ହୋଇ ଲହଡି ଖେଳୁଛି। ଏପରିକି ବର୍ଷା ପାଣି ଚିକିତ୍ସାଳୟ ଅଫିସ ମଧ୍ୟରେ ପ୍ରବେଶ କରି ପ୍ରାଣୀମାନଙ୍କ ଚିକିତ୍ସାରେ ବାଧା ସୃଷ୍ଟି କରିବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ନଷ୍ଟ କରିଦେଇଛି। ଏହି ଚିକିତ୍ସାଳୟ ପରିସରରେ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ଫଳରେ ଡାକ୍ତର, କର୍ମଚାରୀ ଓ ସାଧାରଣ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି।

ଏବେ ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ ଚାଲିଛି। ତଥାପି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ପର୍ଯ୍ୟନ୍ତ ପୁରାତନ ଚିକିତ୍ସାଳୟରୁ ଜଳ ନିଷ୍କାସନ ବ୍ୟବସ୍ଥା କରି ପ୍ରାଣୀ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

## କେନ୍ଦ୍ରାପଡ଼ାରୁ ଯୋଗଦେବେ ୩ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ




କେନ୍ଦ୍ରାପଡ଼ା,୭।୭(ସମିସ): ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବାକୁ ଏକ ପ୍ରସ୍ତୁତି ବୈଠକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଜଳାସ୍ଥ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସମାବେଶରେ କେନ୍ଦ୍ରାପଡ଼ାରୁ ୩ ହଜାରରୁ ଅଧିକ କଂଗ୍ରେସ କର୍ମୀ ଯୋଗଦେବେ ବୋଲି କୁହାଯାଇଛି। ଜୁଲାଇ ୧୧ ସମାବେଶରେ ଲୋକସଭାର ବରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ନିଖିଳ ଭାରତ କଂଗ୍ରେସ କମିଟି ସଭାପତି ତଥା ରାଜ୍ୟସଭାର ବିପକ୍ଷ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଓ ସାଧାରଣ ସମ୍ପାଦକ କେ.ସି. ବେନୁଗୋପାଲଜୀ ପ୍ରମୁଖ ଯୋଗଦେବେ। ବୈଠକରେ ନିଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଓଡିଶା ସଂଗଠନ ପ୍ରଭାରୀ ଅଜୟ କୁମାର ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରୁ ଉକ୍ତ ସମାବେଶରେ ଅଧିକରୁ ଅଧିକ ସଂଖ୍ୟାରେ ଯୁବକ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶାରେ ଘଟୁଥିବା ନାରୀ ନିର୍ଯାତନା, ଆଇନଶୃଙ୍ଖଳାର ଅବଗତି, ବେକାରୀ, ନିଖୋଜ ଥିବା ଶିଶୁ ଓ ଯୁବତୀଙ୍କୁ ଉଦ୍ଧାର ପାଇଁ ସରକାରଙ୍କ ପଦେକ୍ଷପ ନୀତିକୁ ଘୋର ନିନ୍ଦା କରିଥିଲେ। କଂଗ୍ରେସ ରାଜ୍ୟର ବିରୋଧି ଦଳ କାର୍ଯ୍ୟ କରୁଥିଲେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଓ ବେକାରୀ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦିଆଯିବ ବୋଲି ପ୍ରକାଶ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ସସ୍ମିତା ବେହେରା, ଚିନ୍ମୟ ବେହୁରା, ଡ. ଦେବସ୍ମିତା ଶର୍ମା, ହଳଧର ସେଠୀ, ଡ. ସିପ୍ରା ମଲ୍ଲିକ, ରତିକାନ୍ତ କାନୁନଗୋ, ଅଶୋକ ପ୍ରତିହାରୀ, ବିଭାଂଶୁ ଶେଖର ଲେଙ୍କା, ମହମଦ୍ ଆକବର ଅଲ୍ଲୀ, ଫକିର ଖଟୁଆ, ଯୁବ କଂଗ୍ରେସର ସମ୍ରାଟ କେଶରୀ ଜେନା, ସତ୍ୟପ୍ରିୟ ସାମଲ, ରତିକାନ୍ତ ବେହେରା, ଉମେଶ ପାଢୀ, ଛାତ୍ର କଂଗ୍ରେସ ସଭାପତି ଦିବ୍ୟରଞ୍ଜନ ରାଉତ, ମଳୟ ଦାସ, ସର୍ବେଶ୍ୱର ସେଠୀ, ସୟଦ ଅବଦୁଲ ସତ୍ତାର, ସଞ୍ଜୟ ରାଉତ, ମଙ୍ଗୁଳି ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## କେରେଡାଗଡ଼ରେ ସରିଲା ଘୋଷଯାତ୍ରା

ରାଜନଗର, ୭।୭(ସମିସ): କେରଡାଗଡର ପ୍ରସିଦ୍ଧ ଶ୍ରୀଜଗନ୍ନାଥଜୀଉଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଶନିବାର ବାହୁଡା ତିଥିରେ ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ଠାକୁରଙ୍କ ରଥାରୁଢ କରାଯାଇଥିଲା। ରବିବାର ଅପରାହ୍ନ ୩ଟାରେ ସେବାୟତମାନେ ବାହୁଡ଼ାର ନୀତିକାନ୍ତି ଆରମ୍ଭ କରିଥିଲେ। ନୀତିକାନ୍ତି ଶେଷ ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥଜୀଉ ଜନ୍ମବେଦିରୁ ରତ୍ନବେଦୀକୁ ବାହୁଡିଛନ୍ତି। ପାଗ ମେଘୁଆ ଥିବାରୁ ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ଅଞ୍ଚଳର ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଶ୍ରୀଜୀଉଙ୍କ ସାନ୍ଧ୍ୟ ଯଦର୍ଶନ ଓ ଆଳତି ଦର୍ଶନ ଲାଗି ଆଖପାଖ ଅଞ୍ଚଳର ବହୁ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା। ରାଜନଗର ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ଆଇଆଇସି ନରେଶ ସାହୁଙ୍କ ସମେତ ପୁଲିସ୍ ଫୋର୍ସ ରଥଟଣା ସମୟରେ ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ରାଜନଗରର ଦଧିବାମନଜୀଉ, ପେଣ୍ଠର



ବନବିହାରୀଜୀଙ୍କ ବାହୁଡ଼ା ଯାତ୍ରା ସମାପନ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ରଥଟଣାରେ ସହଯୋଗ କରିଥିଲେ। ରାଜନଗର ବ୍ଲକ୍ ପ୍ରମୁଖ କେରେଡାଗଡ , ରାଜନଗର ଓ ପେଣ୍ଠରେ ଦୀର୍ଘ ବର୍ଷ ହେଲା ଦଶମୀ ତିଥି ବଦଳରେ ଏକାଦଶୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏକଦଶୀ ତିଥିରେ ଲୋକେ ବିଲକୁ ଯାଇନଥା'ନ୍ତି। ସେଥିପାଇଁ ଦଶମୀ ପରିବର୍ତ୍ତେ ଏକାଦଶୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଆସୁଛି।

## କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘର ସେବାକାର୍ଯ୍ୟ




କେନ୍ଦ୍ରାପଡ଼ା,୭।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ବଳଦେବଜୀଉଙ୍କ ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ରଥଦାଣ୍ଡରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେବାକାର୍ଯ୍ୟର ନେତୃତ୍ୱ ନେଇଥିଲେ ସଙ୍ଘ ସଭାପତି ଶରତ ବେହୁରା ଓ ଯୁବ ସଂଗଠକ ସୁଧାଂଶୁ କୁମାର ବେଉରା। ଜିଲ୍ଲା ସଂଯୋଜକ ଚନ୍ଦନ ପରିଡା, କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଢିଆରୀ, ଉପସଭାପତି ଭାଗୀରଥି ଜେନା, ଉପସଭାପତି ଡ. ଚୈତନ୍ୟ ପରିଡା, ଉପଦେଷ୍ଟା ନରୋତ୍ତମ ପରିଡା, ଗଙ୍ଗାଧର ପରିଡା, ଧନେଶ୍ୱର ରାଉତ, ରଶ୍ମିରଞ୍ଜନ ରାଉତ, ତରୁଣ ପ୍ରଧାନ, ସଂଗଠନ ସମ୍ପାଦକ ଦିଲ୍ଲୀପ ରାଉତ, ମାର୍ଶାଘାଇ ସଭାପତି ରଞ୍ଜନ ନାୟକ, ଆଳି ସଭାପତି ସୁକାନ୍ତ ରାଉତ, କେନ୍ଦ୍ରାପଡ଼ା ସଭାପତି ପୀତବାସ ବେହେରା, କୋଷାଧ୍ୟକ୍ଷ ସୁଶୀଲ ସାମଲ, ଦିଲ୍ଲୀପ ଜେନା, ମଳୟ ରାଉତ, ରାଜକିଶୋର ମହାନ୍ତି, ଉମାକାନ୍ତ ବଳ, ଗୋଲେଖ ପରିଡା, ରଞ୍ଜନ ନାୟକ, ଚିତ୍ତରଞ୍ଜନ ବଳ, ମାନସ ରାଉତରାୟ, ଚନ୍ଦ୍ରଶେଖର ଜେନା, ବୀରେନ ଦାସ, ପ୍ରଭାତ ସ୍ୱାଇଁ, ବିଶ୍ୱଜିତ ରାୟ, ପ୍ରେମାନନ୍ଦ ସ୍ୱାଇଁ, ଦେବବ୍ରତ ସ୍ୱାଇଁ, ରଘୁନାଥ ସାହୁ, ମଧୁସୂଦନ ମହାନ୍ତି, ଅମ୍ଳାନ ନାୟକ, କ୍ଷୀରୋଦ ମେକାପ, ନିରଞ୍ଜନ ପରିଡା, ପରେଶ ଦାସ, ଅବନୀ ସ୍ୱାଇଁ, ପାର୍ଥସାରଥୀ ସାହୁ, ନିର୍ମଳ ଜେନା, ଗୌରାଙ୍ଗ ପ୍ରଧାନ, ତ୍ରିଲୋଚନ ରାଉତ, ରାଜକିଶୋର ରାଉତରାୟ, ରୁଧିର ବଳ, ନିରଞ୍ଜନ ସୁନ୍ଦରରାୟ, ହୃଷିକେଶ ବେହେରା, ଜଗନ୍ନାଥ ଧଳ, ପ୍ରଭାକର ସ୍ୱାଇଁ, ଅମୂଲ୍ୟ ସାହାଣୀ, ରାଜକିଶୋର ସାହୁ, ବିଜୟକୁମାର ସ୍ୱାଇଁ, ଆଇନଜୀବୀ ତମସା ପାତ୍ର, ମଧୁସ୍ମିତା ନାୟକ, ମଞ୍ଜୁଲତା ସାମଲ, ସରୋଜିନୀ ମହାନ୍ତି, କଲ୍ୟାଣୀ ଜେନା, କଳ୍ପନା ଲେଙ୍କା, ଆଦ୍ୟାଶା ପରିଡ଼ା, ମନୀଷା ପରିଡା, ଚିତ୍ରରେଖା ଖୁଣ୍ଟିଆ ପ୍ରମୁଖ ଏହି ପବିତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜୁଣଗଡି ନିକଟରେ ଭୁଶୁଡ଼ିଲା ପଥର ପ୍ୟାକିଂ



ରାଜନଗର, ୭।୭(ସମିସ): ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ଜୁଣଗଡି ଗାଁକୁ ଦୁଇ ପଟରେ ନଦୀ ଘେରି ରହିଛି। ରାସ୍ତା ନିକଟରେ ପାଟଶାଳା ନଦୀ ଓ ବାଡି ପଟେ ବ୍ରାହ୍ମଣୀ ନଦୀ ଘେରି ରହିଛି। ଗତ ମାର୍ଚ୍ଚ ମାସରେ ଜୁଣଗଡ଼ି ଗାଁ ନିକଟରେ ବ୍ରାହ୍ମଣୀ ନଦୀରେ ପଥର ପ୍ୟାକିଂ ଓ ଡମ୍ପିଂ କାମ କରଯାଇଥିଲା। ୭୨ ଲକ୍ଷ ଟଙ୍କା ବ୍ୟୟରେ ୭୫ ମିଟର ପଥର ପ୍ୟାକିଂ ଓ ଡମ୍ପିଂ କାମ କରାଯାଇଥିଲା। ନଦୀ ଭିତରକୁ ୧୫ ମିଟର ଯାଏଁ ପଥର ପକାଯିବା ପରେ ପ୍ୟାକିଂ କରିବା ପାଇଁ ଏହି ଅର୍ଥ ଦିଆଯାଇଥିଲା। ମାତ୍ର ଅତି ନିମ୍ନମନର କାମ କରି ନଦୀ ଭିତରକୁ ୫/୭ ମିଟର ପଥର ପକାଇ ପ୍ୟାକିଂ କରି କାମ ସାରି ଦିଆଯାଇଥିଲା। କାମ ଚାଲିଥିବାବେଳେ ନିମ୍ନମାନର କାମକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଥିଲେ ବି ବିଭାଗୀୟ ଯନ୍ତ୍ରୀ ଶୁଣି ନ ଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଗତକାଲି ବ୍ରାହ୍ମଣୀ ନଦୀର ଜୁଣଗଡି ନିକଟରେ ଦର୍ପନାରାୟଣ ପ୍ରଧାନଙ୍କ ଘର ନିକଟରେ ପଥର ପ୍ୟାକିଂ ନଦୀ ମଧ୍ୟକୁ ଧସେଇ ପଡିଛି। ପଥର ଧସିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଏ ସମ୍ପର୍କରେ ତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀ ଜୟଚନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ ସ୍ଥାନରେ ପୂର୍ବରୁ ପଥର ଧସିଥିଲା। ସେଥିପାଇଁ ଠିକାଦାରଙ୍କ ପେମେଣ୍ଟ ଅଟକାଇ ରଖାଯାଇଛି। ସେଠାରେ ଆଉଥରେ କାମ ହେବ ବୋଲି କହିଛନ୍ତି।

## କାଣୀ ନଦୀବନ୍ଧରେ ଧସିଥିବା ସ୍ଥାନରେ ଅସ୍ଥାୟୀ ମରାମତି



ଗୋବିନ୍ଦପୁର, ୭।୭(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ପାଳିମି ଗ୍ରାମ ନିକଟରେ କାଣୀ ନଦୀବନ୍ଧ ପାଶ୍ୱର୍ ଧସିଥିବା ସ୍ଥାନରେ ଆଜି ଜଳସମ୍ପଦ ବିଭାଗ ପକ୍ଷରୁ ଅସ୍ଥାୟୀ ଭାବେ ମରାମତି କରାଯାଇଛି। ବାଲି ବସ୍ତା ଓ ବଳା ଦ୍ୱାରା ଅସ୍ଥାୟୀ ଭାବେ ବନ୍ୟା ପ୍ରତିରୋଧ କରାଯାଇଛି। କାଣୀ ନଦୀବନ୍ଧ ର ଅତଡ଼ା ଧସିବା ଖବର ଗତକାଲି ଖବରକାଗଜରେ ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ଆଜି ବିଭାଗ ପକ୍ଷରୁ ବନ୍ୟା ପ୍ରତିରୋଧ ଅସ୍ଥାୟୀ କାମ କରାଗଲା। ପାଳିମି ଗ୍ରାମ ନିକଟରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ସମ୍ପୃକ୍ତ ଠିକାଦାର ବନ୍ଧର ପାଶ୍ୱର୍ ତାଡ଼ି ଦେଇଥିବାରୁ ଅତଡ଼ା ଧସିଥିଲା। ଏବେ ନଦୀରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ସ୍ଥାନୀୟ ଅଧିବାସୀ ଉଦ୍‌ଭୀତ ହୋଇପଡ଼ିଛନ୍ତି। ଅସ୍ଥାୟୀ ମରାମତି ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଲୋକେ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ପାଳିତ




କେନ୍ଦ୍ରାପଡ଼ା,୭।୭(ସମିସ): ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୭ତମ ଜୟନ୍ତୀ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଗବତ ବାବୁଙ୍କ ଜୀବନୀ ଏକ ସାଲିସ ବିହିନ ସଂଗ୍ରାମ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ସଂପ୍ରତି ବିପନ୍ନ ହୋଇପଡୁଥିବା ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସମସ୍ତେ ଦଳମତ ନିର୍ବିଶେଷରେ ଆଗେଇ ଆସିବା ପାଇଁ ସେ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଭାଗବତ ବାବୁଙ୍କୁ ଜଣେ ସାମ୍ୟବାଦୀ ନେତା ରୂପେ ଅବିହିତ କରିଥିଲେ। ଜିଲ୍ଲା ଓ ରାଜ୍ୟରେ ତାଙ୍କ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସାଧାରଣ ଖଟିଖିଆ ଲୋକଙ୍କ ଜୀବନଧାରଣ ମାନରେ ଯଥେଷ୍ଟ ଉନ୍ନତି ପରିଲିଖିତ ହୋଇଥିଲା। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମବାୟ ଓ ସାମାଜସେବା କ୍ଷେତ୍ରରେ ଶ୍ରୀକାନ୍ତ ନାୟକ, ଜୀବନୀ ଲେଖା ପାଇଁ ଅରବିନ୍ଦ ସ୍ୱାଇଁ, ଆଇନ ସେବା ପାଇଁ ଉମେଶ ଚନ୍ଦ୍ର ସିଂ ଓ ସାହିତ୍ୟ କବିତା କୃତୀ ପାଇଁ ନିରାକାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଭାଗବତବାବୁଙ୍କୁ କେନ୍ଦ୍ରାପଡାର ବିନ୍ଧାଣୀ ଭାବେ ଚିତ୍ରଣ କରିଥିଲେ। ତାଙ୍କ ସମୟରେ କେନ୍ଦ୍ରାପଡା ଜିଲ୍ଲାର ସର୍ବାଧିକ ଉନ୍ନତି ସାଧିତ ହୋଇଥିଲା ବୋଲି କହିଥିଲେ।

ଉକ୍ତ ସଭାରେ ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପ୍ରାକ୍ତନ ବିଧାୟକ ଅଲେଖ ଜେନା, ଚିନ୍ମୟ ବେହୁରା, ପ୍ରଦୀପ ମହାନ୍ତି, ଅଧ୍ୟାପକ ତପନ ପତି, ଉମାକାନ୍ତ ନାୟକ, ଅଜୟ ସାମଲ, ଚୈତନ୍ୟ ପରିଡା, ପରିବେଶବିତ୍ ଉଦୟ ଚୌଧୁରୀ, ବିଧାନ ଚନ୍ଦ୍ର ସାମଲ, ଅପର୍ଣ୍ଣା ମିଶ୍ର, ମହମ୍ମଦ ଆକବର ଅଲ୍ଲି, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ରାଉତ, ପ୍ରମୋଦ ମହାପାତ୍ର ଭାଗବତବାବୁଙ୍କ ବହୁମୁଖି ପ୍ରତିଭା ସମ୍ପର୍କର୍ରେ ମତବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟି ବସନ୍ତ ସେଠୀ, ସମ୍ପାଦକ ସୁଶୀଲ ସାମଲ, ସଭ୍ୟ ଫକିର ଖଟୁଆ, ମୁକ୍ତାର ଖାଁ, ତରୁରଞ୍ଜନ ପ୍ରଧାନ, ଶରତ ବେହୁରା, ମହେନ୍ଦ୍ର ପରିଡା, ଭ୍ରମରବର ରାଉତ, ଧରଣୀଧର ସୁଆର, ବିଧୁଭୂଷଣ ମହାପାତ୍ର, ଦୟାନିଧି ଜେନା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ସକାଳେ ଡାକ୍ତଖାନରେ ରୋଗୀଙ୍କୁ ଗଗନ ବିହାରୀ ରାଉତ ଓ ରଶ୍ମିରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇଥିଲା। ଶେଷରେ ଫକୀର ଚରଣ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକ ବଦଳିକୁ ବିରୋଧ

## ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ବାଲିକୁଦା,୭।୭(ସମିସ): ଶିକ୍ଷକ ବଦଳିକୁ ନେଇ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ କୂଳସାହି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ଦାସଙ୍କ ବଦଳିକୁ ବିରୋଧ କରି ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଧାରଣାରେ ବସିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ଏପରିକି ବଦଳି ନିଷ୍ପତ୍ତି ବେଆଇନ ଓ ରାଜନୈତିକ ଷଡଯନ୍ତ୍ର ଆଧାରରେ ହୋଇଥିବା ଅଭିଯୋଗ ଆଣିବା ସହ ପୁନଃନିଯୁକ୍ତି ପ୍ରଦାନ ନ ହେବା ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀ ସ୍କୁଲକୁ ଆସିବେ ନାହିଁ କିମ୍ବା ସ୍କୁଲ ମୁଖ୍ୟ ଫାଟକରୁ ତାଲା ଖୋଲାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ ଅଭିଭାବକ।

ସୂଚନା ମୁତାବକ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୪ ହୋଇଥିବାବେଳେ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିଲେ। ଅଳ୍ପ ସଂଖ୍ୟକ ପିଲାଙ୍କ କାରଣରୁ ବ୍ଲକ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ ଗତ ୩ ତାରିଖରେ ହଠାତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ଦାସଙ୍କୁ ଡେପୁଟେସନରେ କୁସୁପୁର ପଞ୍ଚାୟତ ତେନ୍ତୁଳିବେଲାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପଠାଇଥିଲେ। ସ୍କୁଲ ଖୋଲିବା ପରେ ଆଜି ଏ ପ୍ରସଙ୍ଗ ଜାଣି ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ସମସ୍ତ ଗ୍ରାମବାସୀ ବଦଳିକୁ ଦୃଢ଼ ବିରୋଧ କରି ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ଏପରିକି ମାନସ ସାର ଜଣେ ଭଲ ଶିକ୍ଷକ ଓ ସେ ୫ ବର୍ଷ ଧରି ଆମ ପିଲାଙ୍କୁ ଉତ୍ତମ ଶିକ୍ଷା ଦେଉଥିଲେ ବୋଲି ଅଡ଼ି ବସିବା ସହ ସରକାରଙ୍କ ଯଦି ଶିକ୍ଷକ ଆବଶ୍ୟକ, ଅନ୍ୟ ୨ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ନେଇ ଆମକୁ ମାନସ ସାରଙ୍କୁ ଫେରାଅ ବୋଲି କହିଥିଲେ। ଏହା ନ ହେଲେ ଆମେ ସ୍କୁଲ ବନ୍ଦ ରଖିବା ସହ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ମାଗିବୁ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ବିଇଓ ଶ୍ରୀ ମଲ୍ଲିକ ଅବଗତ ହେବା ପରେ ଶିକ୍ଷା ନୀତି ହିସାବରେ ଚାଲିବ ଓ ଅଭିଭାବକ କିମ୍ବା ଗ୍ରାମବାସୀଙ୍କ ମନ ମୁତାବକ ନୁହେଁ ବୋଲି କହିବା ସହ ଘଟଣାର ତଦନ୍ତ ପାଇଁ ସିଆରସିସି ଜ୍ଞାନରଞ୍ଜନ ସ୍ୱାଇଁଙ୍କୁ ଗ୍ରାମବାସୀଙ୍କ ସହ ଆଲୋଚନା ପାଇଁ ପଠାଇଥିଲେ। ଗ୍ରାମବାସୀ ଜିଦ୍‌ରେ ଅଟଳ ରହିବା ସହ ୨ ଦିନ ମଧ୍ୟରେ ସେମାନଙ୍କ ପ୍ରିୟ ଶିକ୍ଷକଙ୍କୁ ଫେରାଇ ଅଣା ନ ଗଲେ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଏ ସମ୍ପର୍କରେ ସିଆରସିସି ଶ୍ରୀ ସ୍ୱାଇଁ ସେ ତାଙ୍କ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଏ ପ୍ରସଙ୍ଗରେ ବିଇଓ ଶ୍ରୀ ମଲ୍ଲିକ ନିଜର ପ୍ରତିକ୍ରିୟାରେ କହିଥିଲେ, ମୁଁ ୨ଟି ବ୍ଲକ ଏରସମା ଓ ବାଲିକୁଦାରେ ଦାୟିତ୍ୱରେ ଥିବାରୁ ଆଜି ଏରସମା ବ୍ଲକରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ରହିଛି। ଆସନ୍ତା କାଲି ବାଲିକୁଦା କାର୍ଯ୍ୟାଳୟ ଯିବା ପରେ ଏନେଇ କୌଣସି ପଦକ୍ଷପ ନେବି। ଆଜିର ଧାରଣା ସ୍ଥଳରେ କୂଳସାହି ଗ୍ରାମର ସରସ୍ୱତୀ ସାହୁ, ମଞ୍ଜୁ ଓଝା, କୁନି ମହାରଣା, ଅନୁସୂୟା ମହାନ୍ତି, ବବିତା ଲେଙ୍କା, କେଳୁ ଜେନା, ଶ୍ରୀୟାଲତା ଜେନା, ସମ୍ପାଦିକା କାବେରିକା ସେଠ, ମିତା ସାହୁ, ସୌଭାଗ୍ୟ ମହାନ୍ତି, ଅନୀଲ ସ୍ୱାଇଁ, ଲିପୁ ମହାନ୍ତି, ପ୍ରସନ୍ନ ମହାନ୍ତି, ଶିବୁନ ସ୍ୱାଇଁ, ବୁଲୁ ମହାନ୍ତି, ସୁଜିତ ସାହୁ, ଅରବିନ୍ଦ ଓଝା, ମୁନା ଓଝା, ସୁଶାନ୍ତ ଓଝା, ବଟ ସାହୁ, ଜଗନ୍ନାଥ ସେଠୀ, ରମିଳା ଜେନା, ଉମେଶ ମଳିକ, ଜଗୁନି ଓଝା, ପ୍ରତାପ ଜେନା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଲମ ରାୟଙ୍କ ସମେତ ଗ୍ରାମବାସୀ ଏହି ବଦଳିକୁ ବିରୋଧ କରି ଧାରଣା ଦେଇଥିଲେ।

● ବିରିଡ଼ିରେ ମିଳିତ ଜନଅଭିଯୋଗ ଶୁଣାଣି

## ୫ଟି ଅଭିଯୋଗର ତତ୍କାଳ ଫଇସଲା



ଜଗତସିଂହପୁର, ୭।୭(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୫ଟିର ତତ୍କାଳ ଫଇସଲା କରିଥିଲେ। ଆଜି ଶିବିରରେ ୫୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୧ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କିତ ୭ଟି, ଆବାସ ପାଇଁ ୧୪ଟି, ଜମିଜମା ସମସ୍ୟା ସମ୍ପର୍କିତ ୭ଟି, ଭତ୍ତା ପାଇବା ପାଇଁ ୫ଟି, ପୁଲିସ ସହାୟତା ପାଇଁ ୩ଟି ଓ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିରିଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଷା ପତି, ତହସିଲଦାର ସଞ୍ଜୟ କୁମାର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ।

## ବାହୁଡ଼ା ଯାତ୍ରାରେ ସେବା କାର୍ଯ୍ୟକ୍ରମ



ପାରାଦୀପ, ୭।୭(ସମିସ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ପାରାଦୀପ କଲେଜ ଏନସିସି ଓ ଏନସିସି ପୁରୁଣା ଛାତ୍ର ସଂଘ (ଆଲୁମିନ ଆସୋସିଏସନ)ର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ଭକ୍ତଙ୍କ ପାଇଁ ଦହିପଣା ସେବା ଯୋଗାଇ ଦିଆଯାଇଥିଲା। 'ଦେଶ ପ୍ରଥମ, ସମାଜ ପାଇଁ କାମ' ମନ୍ତ୍ରକୁ ଅନୁସରଣ କରି ଏଭଳି ନିରନ୍ତର ସେବା କାର୍ଯ୍ୟକ୍ରମ ୨୦୦୩ରୁ ଆରମ୍ଭ ହୋଇ ଦୀର୍ଘ ୨୩ ବର୍ଷ ଧରି ବନ୍ଦର ସହରରେ ଚାଲୁ ରହିଛି। ଏଥିରେ ସିଜିଏସର ଡେପୁଟି କମାଣ୍ଡାଣ୍ଟ ରୋହିତ ଗୋଏଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଏଚଓ ଲେଫ୍ଟନାଣ୍ଟ କମାଣ୍ଡର ଏସି ମିଶ୍ର, ଆଲୁମିନ ଆସୋସିଏସନ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର, ସମ୍ପାଦକ ସଚିବ ଏନ ସାମାଞ୍ଜଲମ୍, କୋଷାଧ୍ୟକ୍ଷ ଧର୍ମପଦ ବାଡୋଇ ଓ ସହକାରୀ ସଚିବ ନଳିନୀ ପ୍ରିୟଦର୍ଶିନୀ, ହରପ୍ରିୟା ପଟ୍ଟନାୟକ, ପ୍ରିୟଙ୍କା ମଣ୍ଡଳ, ହୃଦାନନ୍ଦ ନାଥଶର୍ମା, ଲିପୁନା ବାରିକ, ରଞ୍ଜନ ମଲ୍ଲିକ, ପିଙ୍କୁନ ସେନାପତି, ସାଇ ସତ୍ୟମ୍ ମହାପାତ୍ର, ବିଜୟ ଘଡ଼େଇ, ସଦସ୍ୟ ଶ୍ରେୟାଂଶ, ରାହୁଲ, ପି. ଚନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ୪୨ ଜଣ ଏନସିସି କ୍ୟାଡେଟ୍ ଓ ୨୦ ଜଣ ଆଲୁମନି ସଦସ୍ୟ ଅଂଶଗ୍ରହଣ କରି ହଜାର ହଜାର ଭକ୍ତଙ୍କୁ ଦହିପଣା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକକ ବ୍ୟବହାର୍ ପ୍ଲାଷ୍ଟିକ୍ ଗ୍ଲାସ୍ ବ୍ୟବହାରକୁ ଏଡ଼ାଯାଇ, ପରିବେଶ ସହଯୋଗୀ ବିକଳ୍ପ ଅବଲମ୍ବନ କରାଯାଇଥିଲା। ପଣା ବଣ୍ଟନ, ତମ୍ବୁ ତିଆରି ସହ ସମସ୍ତ ବ୍ୟବସ୍ଥା କ୍ୟାଡେଟ୍ ଓ ଆସୋସିଏସନ ସଦସ୍ୟ କରିଥିଲେ।

## ପୂର୍ବତନ ବିଜେପି ସଭାପତି ସଂଗ୍ରାମ ମହାନ୍ତିଙ୍କ ବିୟୋଗରେ ଶୋକ

ଜଗତସିଂହପୁର,୭।୭(ସମିସ): ଅବିଭକ୍ତ କଟକ ଜିଲ୍ଲାର ପୂର୍ବତନ ବିଜେପି ସଭାପତି ତଥା ଜଗତସିଂହପୁର ଜିଲ୍ଲାର ପ୍ରଥମ ସଭାପତି ବରିଷ୍ଠ ଆଇନଜୀବୀ ସଂଗାମ କେଶରୀ ମହାନ୍ତିଙ୍କ ବିୟୋଗରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ମହାନ୍ତି ଜିଲ୍ଲାରେ ବିଜେପିର ମୂଳଦୁଆ ପକାଇଥିଲେ। ଦଳର ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ସକ୍ରିୟ ରହି ଦଳକୁ ଆଗକୁ ନେବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା ବୋଲି ଶ୍ରୀ ଦାସ ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଜୀବନରେ ମଧ୍ୟ ସେ ଜଣେ ଉଚ୍ଚାଭିଳାଷୀ ମଣିଷ ଓ ଅମାୟିକ ବ୍ୟକ୍ତିତ୍ୱ ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଛନ୍ତି।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

ଜଗତସିଂହପୁର,୭।୭(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ସିଦ୍ଧଳ (ତଇଲା) ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଭାଗ୍ୟଧର ପଣ୍ଡାଙ୍କ ୬ ତାରିଖ



ଅପରାହ୍ନରେ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଭଗବାନ, ପୁତ୍ରବଧୂ ମୈତ୍ରୀମୟୀ, ଝିଅ ବୀଣାପାଣି, ସନ୍ଧ୍ୟାରାଣୀ, ଶ୍ରଦ୍ଧାଞ୍ଜଳି, ଜ୍ୱାଇଁ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଭାଗ୍ୟଧର ଶତପଥୀ, କନିଷ୍ଠ ପୁତ୍ର ସୌମ୍ୟପ୍ରୀତି, ବନ୍ଧୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଭଗବାନ ମୁଖାଗ୍ନି ଦେଇଥିଲେ। ଭାଗ୍ୟଧର ପଣ୍ଡାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ଦାବି ଶୁଣିଲେନି ରାଜ୍ୟ ସରକାର

# କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଲା ଓଡ଼ିଶା ରାଜସ୍ୱ ଅମଲା ସଂଘ

ଜଗତସିଂହପୁର,୭।୭(ସମିସ)



ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଗତମାସ ଶେଷ ସପ୍ତାହରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ନିହାର ରଞ୍ଜନ ଦାସଙ୍କ ନେତୃତ୍ୱରେ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ଜଗତସିଂହପୁର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ଯଦି ଦାବି ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି, ତେବେ ଜୁଲାଇ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଆଜି ଜଗତସିଂହପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା କଳା ବ୍ୟାଜ୍ ପରିଧାନ କରି ସରକାରଙ୍କ ଚରମ ଅବହେଳାକୁ ବିରୋଧ କରିଥିଲେ।

ସୂଚନା ମୁତାବକ, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ- ୯କୁ ବୃଦ୍ଧି କରାଯିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮, ୧୫।୩।୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ କରାଯିବା, ୨୦୨୦ରେ ଲାଗୁ କରାଯାଇଥିବା ପୁନଃଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାଙ୍କୁ ଶତପ୍ରତିଶତ ପଦୋନ୍ନତି ଦିଆଯିବା, ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଓ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି। କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳଶୂନ୍ୟ ହୋଇଛି। ଯଦି ରାଜ୍ୟ ସରକାର ଆଗାମୀ ୧୩ ତାରିଖ ସୁଦ୍ଧା ଉପରେରକ୍ତ ଦାବି ପୂରଣ ନ କରନ୍ତି, ତେବେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୪ ତାରିଖରୁ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ସାହାଯ୍ୟ କରିବାକୁ ଯାଇ ଜୀବନ ହରାଇଲେ ଯୁବକ

ନାଉଗାଁ,୭।୭(ସମିସ)



ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଜଣେ ଯୁବକ ଜୀବନ ହରାଇଥିବା ଘଟଣା ଏବେ ନାଉଗାଁ ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି କରିଛି। ମହାରାଷ୍ଟ୍ରରୁ କିଛି ଲୋକ ଏକ ଏନୋଭା ଗାଡ଼ିରେ ପୁରୀ ଆସି ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ସାରି କୋଣାର୍କ ଆସୁଥିବା ସମୟରେ ପୁରୀ-କୋଣାର୍କ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଉକ୍ତ ଗାଡ଼ିରେ ଥିବା ସମସ୍ତ ବ୍ୟକ୍ତି ଆହତ ଅବସ୍ଥାରେ ବାହାରକୁ ବାହାରି ଆସିଥିବାବେଳେ ଚାଳକ ଗାଡ଼ିରୁ ବାହାରି ପାରି ନ ଥିଲେ। ସେ ସମୟରେ ନାଉଗାଁ ବ୍ଲକ୍ ନାନିକିପଡା ଅଞ୍ଚଳର କାଳନ୍ଦୀ ପଢ଼ିହାରୀଙ୍କ ପୁଅ ରଞ୍ଜୀବ ପଢ଼ିହାରୀ ସେହିବାଟ ଦେଇ ସୁନାବେଶ ଦେଖି ସାଙ୍ଗମାନଙ୍କ ଏକ ଚାରିଚକିଆ ଗାଡ଼ିରେ ଫେରୁଥିବାବେଳେ ଦୁର୍ଘଟଣା ସ୍ଥାନରେ ଗାଡ଼ି ଚାଳକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ରହିଥିଲା। ରଞ୍ଜୀବ ଜାଣି ନ ପାରି ଖୁଣ୍ଟକୁ ଛୁଇଁବା ମାତ୍ରେ ସେହିଠାରେ ଜଳିଯାଇଥିଲେ। ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଫର୍ଣ୍ଣିଚର୍ ଦୋକାନରୁ ସାପ ଉଦ୍ଧାର



ପାରାଦୀପ, ୭।୭(ସମିସ): ପାରାଦୀପର ସିଙ୍ଗିଟାଳି ଛକରେ ଥିବା ଏକ ଫର୍ଣ୍ଣିଚର ଦୋକାନରୁ ସାପ ଉଦ୍ଧାର କରାଯାଇଛି। ଦୋକାନରେ ସାପ ପଶିଥିବା ଦେଖି ମାଲିକ ସାପ ଧରାଳି ପ୍ରଭାବ ବେହେରାଙ୍କୁ ଜଣାଇଥିଲେ। ସେ ପହଞ୍ଚି ସେଠାରୁ ଏକ ବିରାଟ ନାଗସାପକୁ ଧରି ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବନ ମହୋତ୍ସବ



ନାଉଗାଁ,୭।୭(ସମିସ): ନାଉଗାଁସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏ ଅବସରରେ ସଚେତନତା କାର୍ଯ୍ୟକ୍ରମ କରଯାଇ ଗଛ ଲଗାଇବା ଦ୍ୱାରା ନିଜର ଓ ପରିବେଶର କ'ଣ ଉପକାର ହୁଏ, ସେ ବିଷୟରେ ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁ ଓ ଯୁବ ରେଡକ୍ରସ ସଂଯୋଜକ ଚୈତନ୍ୟ ଚରଣ ପରିଡା ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରେଡ୍‌ରିବନ କ୍ଲବର ସଦସ୍ୟ ଅଧ୍ୟାପକ ପ୍ରଭାତ କୁମାର ଶତପଥୀ ପରିଚାଳନା କରିବା ସହିତ ସମସ୍ତ ସ୍ୱେଚ୍ଛାସେବୀ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଚୌଧୁରୀ ବିନେଶ କୁମାର ଦାସ, ସରୋଜ କୁମାର ଲେଙ୍କା, ବିଜୟ କୁମାର ଦାଶ, ସୁଶୀଲ କୁମାର ବିଶ୍ୱାଳ, ସୁରେନ୍ଦ୍ର ରାୟ ଓ ମାନସ ସ୍ୱାଇଁ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ଚାରାରୋପଣ କରିଥିଲେ।

## ଖଇରଙ୍ଗ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ

ଜଗତସିଂହପୁର,୭।୭(ସମିସ)



ଜଗତସିଂହପୁର ସଦର ବ୍ଲକ୍ ଅଧୀନସ୍ଥ ଖଇରଙ୍ଗ ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଚାରିଦିନ ଧରି ଯଜ୍ଞ ଆୟୋଜିତ ହୋଇଥିଲା। ୪ ତାରିଖରେ ଯଜ୍ଞର ଅଙ୍କୁରାରୋପଣ, ୫ ତାରିଖରେ କଳସ ଶୋଭାଯାତ୍ରା, ଘଟପୂଜା, ବିଗ୍ରହ ପୂଜା, ୬ ତାରିଖରେ ସୂର୍ଯ୍ୟ ପୂଜା, ମଣ୍ଡଳାଦି ପୂଜା, ବିଭିନ୍ନ ଦେବଦେବୀଙ୍କୁ ଆହୁତି ପ୍ରଦାନ କରାଯାଇଥିଲା। ୭ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ସହ ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ସିଂହାସନ ବିଜେ କରିଥିଲେ। କର୍ତ୍ତା ବିଜୟ ପତି, କର୍ତ୍ତ୍ରୀ ଉଷାରାଣୀ ପତି, ପଣ୍ଡିତ ନାରାୟଣ ଚନ୍ଦ୍ର ଦାଶ, ରବିନାରାୟଣ ଶତପଥୀ, ଗଣେଶ୍ୱର ଶତପଥୀ, ସନାତନ ମିଶ୍ର, ସୌମ୍ୟରଞ୍ଜନ ନନ୍ଦ, ପ୍ରଦୀପ୍ତ ତ୍ରିପାଠୀ ସମସ୍ତ କାର୍ଯ୍ୟ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖଇରଙ୍ଗ ଗ୍ରାମର ଭାଗବତ ଦାଶ, ନବଘନ ଦାଶ, କୈଳାସ ଚନ୍ଦ୍ର ଦାଶ, ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ଦେବରାଜ ଦାଶ, ଅଂଶୁମାନ ଦାଶ, ପ୍ରଦୀପ୍ତ କୁମାର ଦାଶ, ରାଜକିଶୋର ପତି, ତ୍ରିଲୋଚନ ପତି, ପଦ୍ମଲୋଚନ ପତି, କମଳା କାନ୍ତ ପତି, ଦେବାଶିଷ ପତି, ଶରତ ଦାଶ, ମନୋଜ କୁମାର ମହାନ୍ତି, ରାଜେଶ କୁମାର ରାୟ, ଅଞ୍ଜନ କୁମାର ରାୟ, ସରପଞ୍ଚ ଲିପକ କୁମାର ସାହୁ, ଘନଶ୍ୟାମ ବାରିକ, ମୁଖ୍ୟ ଶିଳ୍ପୀ କିଶୋର କୁମାର ବେହେରା, ଇନ୍ଦ୍ରମଣି ସାହୁ ପରିଚାଳନା କରିଥିଲେ।

## ପିପିଏଲ୍ ଡିଏଭି ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ

ପାରାଦୀପ, ୭।୭ (ସମିସ): ପିପିଏଲ ଡିଏଭି ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ ପାଳନ କରାଯାଇଛି। ଆୟୋଜିତ ବନ ମହୋତ୍ସବରେ ବୃକ୍ଷର ମହତ୍ତ୍ୱ ଓ ନିରନ୍ତର ଜୀବନଯାପନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରଥମ ଦିନରେ ବୃକ୍ଷ ଉପରେ ଆଧାରିତ କବିତା ଆବୃତ୍ତି, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ଦ୍ୱିତୀୟ ଦିନରେ ବନ ମହୋତ୍ସବର ବିଷୟବସ୍ତୁ ଉପରେ ସ୍ଲୋଗାନ ଦେଇ ପ୍ଲାକାର୍ଡ ପ୍ରଦର୍ଶନ, ତୃତୀୟ ଦିନରେ ସ୍ଥାୟୀ ପରିବେଶ ବିଷୟବସ୍ତୁ ଆଧାରିତ କୋଲାଜ୍ ପ୍ରସ୍ତୁତ କରାଯାଇଥିଲା। ଚତୁର୍ଥ ଦିନରେ ପତ୍ର ଓ ଫୁଲ ଆଧାରିତ ଚିତ୍ରାଙ୍କନ, ଏକକ ଅଭିନୟ ଓ ଜଙ୍ଗଲ ସଂରକ୍ଷଣ, ଜଳବାୟୁ ସ୍ଥିରତାର ପ୍ରଭାବ ଉପରେ ବିଶେଷଜ୍ଞ ଡଃ ଆନନ୍ଦ ଶର୍ମା ଓ ଡଃ ବି ସୁଦର୍ଶନ ପାତ୍ରଙ୍କ ଆଲୋଚନା କରାଯାଇଥିଲା। ପଞ୍ଚମ ଦିନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସପ୍ତମ ତଥା ଶେଷ ଦିବସରେ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ପାଇଁ ପ୍ରତିଜ୍ଞା ନେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଏଲ୍‌ର ଚିଫ ଜେନେରାଲ ମ୍ୟାନେଜର (ଟାଉନସିପ) ଏନଡି ପାଇ ପାନାଣ୍ଡିକର, ଯୁଗ୍ମ ଜିଏମ (ପରିବେଶ) ଅମ୍ବିକେଶ ମିଶ୍ର ଓ ପିପିଏଲର ବରିଷ୍ଠ ପଦାଧିକାରୀଙ୍କ ସହିତ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଯୋଗଦେଇ ଚାରାରୋପଣ କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜ୍ଞାନ ବିଭାଗ ଶିକ୍ଷକ ସମ୍ବିତ ସ୍ୱାଇଁ ଓ ଇଂରାଜୀ ବିଭାଗ ଶିକ୍ଷକ ଜୟଦେବ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ବୃନ୍ଦାବନ ରାଉତଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପରିଚାଳିତ ହୋଇଥିଲା।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ



ତିର୍ତ୍ତୋଲ, ୭।୭(ସମିସ): ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟର ମେରା ଯୁବା ଭାରତ ଜଗତସିଂହପୁର ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୋଷନୀର ମିଳିତ ଆନୁକୂଲ୍ୟରେ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗରାମ ପଞ୍ଚାୟତର ଗାଦିବ୍ରହ୍ମ ପୀଠରେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ବିଜେପି ସମବାୟ ପ୍ରକୋଷ୍ଠର ପ୍ରଦୀପ ନାୟକ, ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧାର ମୁଖ୍ୟ ଜ୍ୟୋତିରଞ୍ଜନ ବାରିକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା, ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତି ରଜିଆ ରସୁଲ, ପଞ୍ଚାୟତ ପ୍ରମୁଖ କୈଳାସ ଜେନା ପ୍ରମୁଖ ଯୋଗଦେଇ ଡଃ ମୁଖାର୍ଜୀଙ୍କ ଦେଶ ପାଇଁ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପୀଠ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଥିଲା। ଅଳକା ଦାସ, ପ୍ରଶାନ୍ତ ପଣ୍ଡା, ତନ୍ମୟ ତ୍ରିପାଠୀ, ବିଷ୍ଣୁପ୍ରିୟା ଦାସ, ଛବିରାଣି ରାଉତ, ସ୍ୱପ୍ନାମୟୀ ରାଉତ, ଅନୁସୟା ତାରେଣିଆ, ସାବିତ୍ରୀ ନାୟକ, ସୂର୍ଯ୍ୟବ୍ରତ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପଞ୍ଚାୟତର ମହିଳାଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ।

## ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜ ପକ୍ଷରୁ ବନ ମହୋତ୍ସବ

ରଘୁନାଥପୁର,୭।୭(ସମିସ): ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରା ରୋପଣ କରାଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ପିଲାଟିଏ ଗଛଟିଏ ଉକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ନବଜାତକ ଶିଶୁକୁ ଶୈଶବ ଅବସ୍ଥାରୁ ଯେପରି ପାଳନ କରାଯାଏ, ଅନୁରୂପ ଭାବେ ପ୍ରତ୍ୟେକ ଛାତ୍ରୀଛାତ୍ର ଅତ୍ୟନ୍ତପକ୍ଷେ ଗୋଟିଏ ଗଛ ଲଗାଇ ଏହାର ଯତ୍ନ ନେବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅଭୟ ମହାରଣା, ମୋହନ ରାଉତରାୟ, ଅସଲମ୍ ଅଲ୍ଲୀ, ରବୀନ୍ଦ୍ର ଓଝା, ଜ୍ଞାନେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା, ତ୍ରିଲୋଚନ ମହାପାତ୍ର, ଅଧ୍ୟାପିକା କୁମୁଦିନୀ ଦ୍ୱିବେଦୀ, ପ୍ରତିଭାରାଣୀ ପଣ୍ଡା, ବାସନ୍ତୀଲତା ସାହୁ ଓ ପୁଷ୍ପଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ସହ ବୃକ୍ଷରୋପଣର ଅନିବାର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ କମଳଲୋଚନ ଆଚାର୍ଯ୍ୟ ମହୋତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା, ସ୍ମାରକ ମିଶ୍ର ସଭା ସାରଣୀ ଓ ଅଜିତ ଭୂୟାଁ ଧନ୍ୟବାଦ ଦେଇଥିଲେ। ଶେଷରେ ଅଧ୍ୟାପକ ଶାଶ୍ୱତ ମହାନ୍ତି ଓ ବିଭୂତି ମହାପାତ୍ରଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଚାରାରୋପଣ କରାଯାଇଥିଲା।

ଜଗତସିଂହପୁର ଐତିହ୍ୟ ପଦଯାତ୍ରା

# ଷଷ୍ଠ ସଂସ୍କରଣରେ ପଞ୍ଚପଲ୍ଲୀର ଗ୍ରାମେଶ୍ୱର

ଜଗତସିଂହପୁର,୭।୭(ସମିସ)




ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଷଷ୍ଠ ସଂସ୍କରଣ ଅବସରରେ ଐତିହ୍ୟାନୁରାଗୀ ବନ୍ଧୁମାନେ ଏରସମା ବ୍ଲକ ଅନ୍ତର୍ଗତ ପଞ୍ଚପଲ୍ଲି ଗ୍ରାମର ଐତିହାସିକ ତଥା ଆଧ୍ୟାତ୍ମିକ ଶୈବ ପୀଠ ଗ୍ରାମେଶ୍ୱର ମହାଦେବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ଏଠାରେ ପୂଜା ପାଉଥିବା ମୁଖ୍ୟ ଦେବତା ଗ୍ରାମେଶ୍ୱର ମହାଦେବ ଦ୍ୱାପର ଯୁଗର କିମ୍ବଦନ୍ତୀ ସହିତ ଜଡ଼ିତ। ଗ୍ରାମେଶ୍ୱର ମହାଦେବଙ୍କ ଦର୍ଶନ ସହିତ ମନ୍ଦିର ପରିସରରେ ଥିବା ପ୍ରାଚୀନ କୀର୍ତ୍ତିରାଜି ସ୍ୱରୂପ ତୋରଣ ଲକ୍ଷ୍ମୀ ଓ ଭୌମକର ଶାସନ କାଳର ଏକ ମାଧବ ମୂର୍ତ୍ତି, ଯାହାକି ନୀଳମାଧବ ରୂପେ ଏକ ବୃକ୍ଷ ମୂଳେ ପୂଜା ପାଉଛନ୍ତି ତାହାଙ୍କୁ ଅବଲୋକନ କରିଥିଲେ। ପୌରାଣିକ ଆଖ୍ୟାୟିକାରୁ ଯାହା ଜଣାଯାଏ, ବେଦପତି ବ୍ରହ୍ମାଙ୍କ ପୁତ୍ର ଗର୍ଗ ଋଷି ଯିଏକି କୃଷ୍ଣ ବଳରାମଙ୍କ ଗୁରୁ ଥିଲେ, ଏକଦା ଏହି ଅଞ୍ଚଳରେ ଆଶ୍ରମ ପ୍ରତିଷ୍ଠା କରି ଶିବଲିଙ୍ଗ ପୂଜା କରୁଥିଲେ। ଯାହାକି ବର୍ତ୍ତମାନ ଗ୍ରାମେଶ୍ୱର ମହାଦେବ ନାମରେ ପଞ୍ଚପଲ୍ଲୀଠାରେ ପୂଜା ପାଉଛନ୍ତି।

ଗ୍ରାମେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ ପରେ ଐତିହ୍ୟାନୁରାଗୀ ବନ୍ଧୁମାନେ ଗଣେଶ୍ୱରପୁର ଗ୍ରାମରେ ଥିବା ପୁରାତନ ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କ ସହ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ଆବାହକ ଶ୍ରୀକାନ୍ତ ସିଂହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଐତିହ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ସଚେତନ କରାଇଥିଲେ। ଏ ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶୁଭନାରାୟଣ ନାୟକ, ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ ଓ ବର୍ତ୍ତମାନର ସରପଞ୍ଚ ସୀମା ଭୋଳ ଏହି ଐତିହାସିକ ବିଦ୍ୟାଳୟ ସମ୍ପର୍କରେ ନିଜର ମତ ରଖିଥିଲେ। ଆଲୋଚନାରେ ଭାଗ ନେଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଚଳଚ୍ଚିତ୍ର ପ୍ରଯୋଜକ ତଥା ପ୍ରକାଶକ ପ୍ରଭଂଶୁ ସାମନ୍ତରାୟ ଓ କଟକର ବିଦ୍ୟାପୁରୀ ପବ୍ଲିକେଶନର ପ୍ରକାଶକ ଜୀବାନନ୍ଦ ମିଶ୍ର ଅନେକ ଉପାଦେୟ ପୁସ୍ତକ ଉପହାର ସ୍ୱରୂପ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଐତିହ୍ୟାନୁରାଗୀ ବନ୍ଧୁ ଯୋଗ ଦେଇଥିଲେ। ଶେଷରେ ଗ୍ରାମେଶ୍ୱର ମହାଦେବ ମନ୍ଦିରରେ ପ୍ରସାଦ ସେବନ ପୂର୍ବକ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ "କଟକ ଐତିହ୍ୟ ପଦଯାତ୍ରା'ର ଆବାହକ ଦୀପକ ସାମନ୍ତରାୟ, ବିଶ୍ୱରଞ୍ଜନ ଦେହୁରୀ, ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଦେଢ଼ ବର୍ଷ ପରେ ପୁଣି ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା



ନବରଙ୍ଗପୁର, ୭।୭ (ସମିସ): ପାଖାପାଖି ଦେଢ଼ବର୍ଷ ପରେ ପୁଣି ଥରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା। ଉପାନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲ୍ଲାଗୁଡ଼ିକର ଗୁରୁତର ରୋଗୀମାନଙ୍କ ଚିକିତ୍ସା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ରାଜଧାନୀରୁ ବରିଷ୍ଠ ଓ ବିଶେଷଜ୍ଞ ଡ଼ାକ୍ତରମାନେ ଉପାନ୍ତ ଅଞ୍ଚଳକୁ

**ଉପାନ୍ତରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲେ ନବୀନ ପଟ୍ଟନାୟକ**

ଯାଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଏପରିକି ଆବଶ୍ୟକସ୍ଥଳେ ରୋଗୀମାନଙ୍କୁ କଟକ, ବ୍ରହ୍ମପୁର, ଭୁବନେଶ୍ୱର ଆଦି ସହରର ବଡ଼ ଡ଼ାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରାୟ ଦେଢ଼ବର୍ଷ ଧରି ବନ୍ଦ ହୋଇ ଯାଇଥିବା ସେବାକୁ ପୁନର୍ବାର ଆରମ୍ଭ କରାଯାଇଛି। ୪ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ଡାକ୍ତର ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୨୬୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଆଜି ସ୍ନାୟୁ ବିଭାଗର ଡା. ରାକେଶ ମହାନ୍ତି, ମୂତ୍ରାଶୟ ବିଭାଗ ଡା. ବିଶ୍ୱଜିତ ସାହୁ, କିଡ୍‌ନୀ ଜନିତ ରୋଗ ବିଭାଗର ଡା. ଲିପିକା ପାଣିଗ୍ରାହୀ, ହୃଦ୍‌ରୋଗ ବିଭାଗର ଡା. ସୁମିତ୍ କୁମାର ସାହୁ, ପେଟ ଓ ଗ୍ୟାସ୍ ଜନିତ ବିଭାଗ ଡା. ରାକେଶ ମହାନ୍ତି ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆସନ୍ତା ୮, ୯ ଓ ୧୦ ତାରିଖରେ ରୋଗୀମାନଙ୍କୁ ସୁପରସ୍ପେସିଆଲିଟି ବରିଷ୍ଠ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି। ୧୦ ତାରିଖ ଦିନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଜନିତ ପରାମର୍ଶ ଓ ଔଷଧ ପ୍ରଦାନ କରାଯିବ। ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏହି ଶିବିରକୁ ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ନିରୀକ୍ଷଣ କରିବା ସହ ରୋଗୀମାନଙ୍କ ଯେଭଳି କୌଣସି ଅସୁବିଧା ନ ହୁଏ, ତା' ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଓ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ଡିପିଏଚଓ ଡା. ନବକିଶୋର ବେହେରା, ଡା. ସୁକାନ୍ତ ଶତପଥୀ, ଡିପିଏମ୍, ଏନ୍‌ଏଚ୍‌ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ହସ୍ପିଟାଲ ମ୍ୟାନେଜର୍, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

■ ବଣ୍ଡାଘାଟିରେ ଜନନୀ ଯନ୍ତ୍ରଣା

## ୭ କିମି ଭାରରେ ବୁହାହେଲେ ଗର୍ଭବତୀ



ମାଲକାନଗିରି/ଖଇରପୁଟ, ୭।୭ (ସମିସ): ରାସ୍ତା ନଥିବାରୁ ଭାରରେ ୭ କିମି ବୁହା ହେଲେ ଗର୍ଭବତୀ। ମାଲକାନଗିରି ଜିଲ୍ଲାରୁ ପୁଣି ଏଭଳି ଏକ ଜନନୀ ଯନ୍ତ୍ରଣାର ଚିତ୍ର ପଦାକୁ ଆସିଛି। ଜିଲ୍ଲାର ଖଇରପୁଟ ବ୍ଲକ୍ ବଣ୍ଡାଘାଟିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଘାଟିର ଭଜଗୁଡ଼ା ଗ୍ରାମର ରଞ୍ଜନ ଭଜଙ୍କ ସ୍ତ୍ରୀ ସୁନାଇ ଭଜ ଗର୍ଭବତୀ ଥିଲେ। ଆଜି ତାଙ୍କ ପ୍ରସବ ବେଦନା ହେବାରୁ ପରିବାରଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି ଗାଁକୁ ଆସିପାରିନଥିଲା। ଡୁସେଇପଡା ଗାଁମୁଣ୍ଡରେ ଅଟକି ରହିଥିଲା। ତେଣୁ, ପରିବାରଲୋକେ ଆଶାଦିଦିଙ୍କ ସହ ଦୀର୍ଘ ୧୦କିଲୋମିଟ ଭାରରେ ସୁନାଇଙ୍କୁ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଇରପୁଟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ୮ ଲକ୍ଷ ଇନାମୀ ମାଓବାଦୀ ନିହତ

ମାଲକାନଗିରି, ୭।୭(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ନିହତ ହୋଇଛି। ମୃତ ମାଓବାଦୀ ହେଲା, ପିଏଲଜିଏ ବାଟାଲିୟନ ନମ୍ବର ୧ର ଡେପୁଟି କମାଣ୍ଡର୍ ସୋଡ଼ି କନ୍ନା ଓରଫ୍ ପଦନାମ। ପଦନାମ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ନ୍ୟାସନାଲ ପାର୍କ ଜଙ୍ଗଲରେ ମାଓବାଦୀ ମାନେ ଏକ ଶିବିର କରି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଜି, ସିଆରପିଏଫ ଓ ଏସ୍‌ଟିଏଫର ଯବାନ ମାନେ ସେଠାରେ ଅପରେସନ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

■ ଲାଲ ବାହିନୀର ବର୍ବରତା

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ମାଲକାନଗିରି, ୭।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ବିଜାପୁର ଜିଲ୍ଲା ଚିନାପୋଡିକାଲ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ମୃତ ପୂର୍ବତନ ସରପଞ୍ଚ ହେଉଛନ୍ତି, ବିଜୟ ଜବା। ପ୍ରାୟ ୧୦ ସଶସ୍ତ୍ର ମାଓବାଦୀ ଗାଁ ମଧ୍ୟକୁ ପଶି ବିଜୟଙ୍କୁ ଘରୁ ଉଠାଇ ଆଣି ନିସ୍ଠୁର ମାଡ଼ ମାରିବା ସହ ହତ୍ୟା କରିଥିଲେ। ପରେ ତାଙ୍କ ମରଶରୀରକୁ ଗ୍ରାମ ନିକଟରେ ଫିଙ୍ଗି ସେଠାରୁ ଚାଲି ଯାଇଥିଲେ। ପୁଲିସ୍ ସୂଚନାଦାତା ସନ୍ଦେହରେ ଏହି ହତ୍ୟା କରାଯାଇଥିବା ସୂଚନା ମିଳିଛି। ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଆଜି ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଯୁକ୍ତ ୨ ନାମଲେଖା ମେଧା ତାଲିକା
# ରେଭେନ୍ସା ପ୍ରଥମ ପସନ୍ଦ

ଭୁବନେଶ୍ୱର, ୭।୭ (ସମିସ): ଯୁକ୍ତ ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହୋଇଛି। କଳାରେ ୮୧.୩୩% କଟ୍-ଅଫ୍ ଯାଇଥିବା ବେଳେ ବିଜ୍ଞାନରେ ୯୧.୮୩% ଓ ବାଣିଜ୍ୟରେ ୮୦.୨୦% ମାର୍କ କଟ୍-ଅଫ୍ ଯାଇଛି। ସମୁଦାୟ ୪ଲକ୍ଷ ୪୬ହଜାର ୨୦୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ଏହାର ପ୍ରାୟ ୯୩% ଅର୍ଥାତ୍ ୪ଲକ୍ଷ

- ■ ପ୍ରଥମ ରାଉଣ୍ଡରେ ୯୩% ଛାତ୍ରଛାତ୍ରୀ ମନୋନୀତ
- ■ ୮ରୁ ୧୪ ମଧ୍ୟରେ ନାମଲେଖା; ୨୪ରୁ ପାଠପଢ଼ା

୧୩ହଜାର ୮୦୪ଜଣ ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ୧୪ ତାରିଖ ମଧ୍ୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଚୟନ ପିଲାଙ୍କ ମଧ୍ୟରେ ୧ଲକ୍ଷ ୯୬ହଜାର ୨୬୮ଜଣ ଛାତ୍ର ଥିବା ବେଳେ ୨ଲକ୍ଷ୧୭ହଜାର୫୨୯ ଜଣଛାତ୍ରୀ ରହିଛନ୍ତି। ସେହିପରି କଳା ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ଲକ୍ଷ ୬୪ହଜାର ୭୬୬ ଜଣ, ବିଜ୍ଞାନରେ ୧ଲକ୍ଷ ୧୭ହଜାର ୮୯ଜଣ, ବାଣିଜ୍ୟରେ ୨୦,୫୫୨ଜଣ, ଉପଶାସ୍ତ୍ରୀ(ସଂସ୍କୃତ)ରେ ୬,୮୧୧ଜଣ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ୪,୫୮୬ ଜଣ ଚୟନ ହୋଇଛନ୍ତି। ପ୍ରଥମ ଚଏସ୍ ଦେଇଥିବା ୨ଲକ୍ଷ ୮୭ହଜାର ୨୧୯ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବାଧ୍ୟ। ଅର୍ଥାତ୍ ପ୍ରଥମ ରାଉଣ୍ଡ ପରେ ପ୍ରାୟ ୭୦% ସିଟ୍ ପୂରଣ ହେବ।

କଳା ପାଠ୍ୟକ୍ରମ ପାଇଁ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ କଟ୍-ଅଫ୍ ୮୧.୩୩% ଯାଇଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୭.୩୩% ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୮୬% କଟ୍-ଅଫ୍ ଯାଇଛି। ସେହିପରି ବିଜ୍ଞାନ ପାଠ୍ୟକ୍ରମ ପାଇଁ ରେଭେନ୍ସା କଟ୍-ଅଫ୍ ସର୍ବାଧିକ ୯୧.୮୩% ଥିବା ବେଳେ ବିଜେବି କଲେଜର ୮୯.୪୦% ଓ ବାଲେଶ୍ୱରସ୍ଥିତ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୭.୫% କଟ୍-ଅଫ୍ ରହିଛି। ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସାର ୮୦.୨୦% କଟ୍-ଅଫ୍ ଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୮.୬୭% ଏବଂ ବିଜେବି କଲେଜର ୭୩.୫୦% କଟ୍-ଅଫ୍ ଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୨୪ରୁ ପାଠପଢ଼ା ଆରମ୍ଭ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି।

# ଓପିଜିସି ଜନଶୁଣାଣିରେ ପ୍ରବଳ ହଟ୍ଟଗୋଳ

ଇବ୍‌ଥର୍ମାଲ, ୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍(ଓପିଜିସି)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୨x୬୬୦) ମେଗାୱାଟ୍ ୟୁନିଟ୍ ୫ ଓ ୬ ପାଇଁ ତେଲେନପାଲି ହାଟ ପଡ଼ିଆରେ ସୋମବାର ଜନଶୁଣାଣି କରାଯାଇଛି। ପ୍ରବଳ ବିରୋଧ, ପାଟିତୁଣ୍ଡ ଓ ହଟ୍ଟଗୋଳ ମଧ୍ୟରେ ଜନଶୁଣାଣି ଶେଷ ହୋଇଥିବା ବେଳେ ମାତ୍ର ୫ଜଣ ମତ ରଖିଛନ୍ତି। ଏପରିକି, କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ୍ ଛାଉଣୀ କରାଯାଇଥିଲା।

ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ପ୍ରଦୂଷଣ ବୋର୍ଡ ଅଧିକାରୀ ହିରଣ୍ୟ ନାଏକଙ୍କ ଉପସ୍ଥିତିରେ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଶୁଣାଣିକୁ ସ୍ଥାନୀୟ ପଞ୍ଚାୟତର ଜନସାଧାରଣ ବିରୋଧ କରିଥିଲେ। ଏହାସତ୍ତ୍ୱେ ଓପିଜିସି ଇଏଚ୍‌ଏସ୍ ମୁଖ୍ୟ ସୀତାରାମ ସାହୁ ଉଦ୍ଦେଶ୍ୟ ଜ୍ଞାପନ ସହ କାର୍ଯ୍ୟନିର୍ବାହୀ ସାରଣୀର ବିବରଣୀ ପାଠ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ ଶହଶହ ଅଞ୍ଚଳବାସୀ ତଥା ଆଖପାଖ ୧୦ଟି ପଞ୍ଚାୟତର ପିଆରଆଇ ମେମ୍ବର, ଜନପ୍ରତିନିଧି, ରାଜନୈତିକ ଦଳ ପ୍ରତିନିଧି ସମସ୍ତେ ଏକ ସ୍ୱରରେ ଜନଶୁଣାଣିର ତୀବ୍ର ବିରୋଧ କରିଥିଲେ। ମହିଳାମାନେ ମଧ୍ୟ ବିରୋଧରେ ସାମିଲ ହୋଇଥିଲେ। ବିରୋଧର ସ୍ୱର ଏତେ ତୀବ୍ର ଥିଲା ଯେ କେବଳ "ଜନଶୁଣାଣି ବନ୍ଦକର, ପିଜିସି ଗୋ ବ୍ୟାକ୍" ନାରା ଶୁଭୁଥିଲା।

ଜଣଶୁଣାଣିରେ ୫ ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୨ଜଣ ସ୍ତ୍ରୀ ଲୋକ ଯାଇ ତାଙ୍କ ଅଭିଯୋଗ ପତ୍ର ଦେଇଥିଲେ, ଅନ୍ୟ ଦୁଇଜଣ ଓପିଜିସି ବିରୋଧରେ କହିଥିଲେ ଏବଂ ମାତ୍ର ଜଣଙ୍କ ପାଇଁ ଜନଶୁଣାଣି ହେଲା। ଫଳରେ ଏହା ବହୁ ଆଡ଼ମ୍ବରରେ ଲଘୁକ୍ରିୟା ବୋଲି ଚର୍ଚ୍ଚା ହୋଇଛି। କେବଳ ବିଜେପି ସଭାପତି ରଘୁନନ୍ଦନ ପଣ୍ଡା କହିଥିଲେ। ହେଲେ ସେ କହିଲା ବେଳେ ତାଙ୍କ ବିରୋଧରେ ହଜାର ହଜାର ଲୋକ ନାରାବାଜି କରିଥିଲେ। ନିଜେ ଅପରେସନ ଡାଇରେକ୍ଟର ଏଆର୍ ଦାସ ଲୋକଙ୍କ ପାଖକୁ ଯାଇ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଜନଶୁଣାଣିକୁ ବର୍ଜନ କରିବା ସହ ଆଗକୁ ଓପିଜିସିକୁ କୌଣସି ପ୍ରକାରେ ଜମି ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ କୁହାଯାଇଥିଲା। ଶେଷରେ ଓପିଜିସି ଅପରେସନ୍ ଡାଇରେକ୍ଟର୍ ଅଞ୍ଜନ ରଞ୍ଜନ ଦାସ ମଧ୍ୟ ମତ ରଖିଲା ବେଳକୁ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା। ଏ ସଂକ୍ରାନ୍ତରେ




- ■ ମାତ୍ର ୫ ଜଣ ରଖିଲେ ମତ
- ■ ପୁଲିସ ଛାଉଣୀରେ ହେଲା ଜନଶୁଣାଣି

ଉପଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି ଯେ ଜନଶୁଣାଣି ସଫଳ ହେଲା କି ବିଫଳ ହେଲା, କୁହାଯାଇ ପାରିବନାହିଁ।

ଆଜିର ଜନଶୁଣାଣିରେ ଓପିଜିସି ସିନିୟର ଭିପି ସୁକାନ୍ତ ମହାପାତ୍ର, ସିନିୟର ଜିଏମ୍ ଏଚ୍‌ଆର୍ ସୁବାଶିଷ ମୁଖାର୍ଜୀ, ବିଡିଓ ବିନୟପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ଆଡିସିନାଲ ଏସ୍‌ପି ଜେମସ୍ ସାମତ, ଡିଏସପି ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଏଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ସମେତ ୯ଜଣ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ। ଏହାସହ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଭିଜିଲାନ୍ସ ଜାଲରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଡାକ୍ତର





ରେଢ଼ାଖୋଲ/ସମ୍ବଲପୁର, ୭।୭ (ସମିସ) : ଜଣେ ହିତାଧିକାରୀଙ୍କଠାରୁ ସବ୍‌ସିଡି ଟଙ୍କା ରିଲିଜ୍ କରିବା ପାଇଁ ଲାଞ୍ଚ ନେଉଥିବା ସମୟରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଅଧିକାରୀ (ବିଭିଓ) ଡା. ଶୁଭ ପ୍ରକାଶ ସୋରେନ ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟ (ପିଏ) ମହେଶ୍ୱର ସାହୁଙ୍କୁ ସମ୍ବଲପୁର ଭିଜିଲାନ୍ସ ଗିରଫ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡା. ସୋରେନଙ୍କ ଭଡ଼ାଘର ଓ କାର୍ଯ୍ୟାଳୟରେ ମଧ୍ୟ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ବ୍ରଏଲର୍ ପୋଲଟରି ଫାର୍ମି ସ୍କିମ୍‌ର ଜଣେ ହିତାଧିକାରୀ ଗତ ଏପ୍ରିଲ ମାସରେ ବ୍ରଏଲର୍ ଫାର୍ମ ନିର୍ମାଣ କରି ସବ୍‌ସିଡି ଅର୍ଥ ୯୦୦୦୦ ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ଡା. ସୋରେନଙ୍କୁ ତାଙ୍କ ସବସିଡିର ଦ୍ୱିତୀୟ କିସ୍ତି ୫୪୦୦୦ ଟଙ୍କା ରିଲିଜ୍ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଭିଓ ଡା. ସୋରେନ୍ ତାହା ରିଲିଜ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହିତାଧିକାରୀଜଣଙ୍କ ଏ ସଂପର୍କରେ ସମ୍ବଲପୁର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଟୋଲ ଫ୍ରି ନଂ. ୧୦୬୪ରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସର ଏକ ଟିମ୍ ଜାଲ୍ ବିଛାଇ ଆଜି ବିଭିଓ ଡା. ଶୁଭ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମହେଶ୍ୱର ସାହୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ଏକା ସମୟରେ ଡା. ସୋରେନଙ୍କ ରେଢ଼ାଖୋଲସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟ ଯାଞ୍ଚ କରାଯାଇଥିଲା। ଉଭୟ ଡା. ଶୁଭ ପ୍ରକାଶ ସୋରେନ ଓ ମହେଶ୍ୱର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନା କେସ ନଂ ୧୪/୨୦୨୫ ଦଫା ୭/୧୨ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୮ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଇଟିଆରର ଗୁପ୍ତ ତଥ୍ୟ ଲିକ୍ ଘଟଣା
# ଅଭିଯୁକ୍ତକୁ ହାଇକୋର୍ଟରୁ ଜାମିନ

କଟକ,୭।୭(ସମିସ): ଦେଶର ସୁରକ୍ଷା ସଂପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚାନ୍ଦିପୁର ଆଇଟିଆର୍‌ର ପୂର୍ବତନ ଚୁକ୍ତିଭିତ୍ତିକ ଏସି ଅପରେଟର୍ ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିଛନ୍ତି।

ଜାମିନରେ ଛାଡ଼ ପାଇବା ପରେ କୌଣସି ଅପରାଧରେ ଜଡ଼ିତ ହେବେ ନାହିଁ, ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ, ଜାମିନ ପାଇବା ପରେ ସେ ରହିବା ସ୍ଥାନର ସାନି ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ଯଦି ସର୍ତ୍ତ ଉଲ୍ଲଂଘନ ହୁଏ, ତେବେ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୨୦୨୧, ସେପ୍ଟେମ୍ବର ୧୫ରୁ ସେ ଗିରଫ ହୋଇ ଜେଲରେ ଥିବା ବେଳେ ଏପର୍ଯ୍ୟନ୍ତ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସରିନାହିଁ। ଚାର୍ଜସିଟ୍‌ରେ ୨୮ଜଣଙ୍କ ନାଁ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ, ବାଲେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ବିଚାରାଧୀନ ଏ ସଂପର୍କିତ ମାମଲାରେ ଚାରି ବର୍ଷରେ ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏହା ସମ୍ବିଧାନ ପ୍ରଦତ୍ତ ତ୍ୱରିତ ଶୁଣାଣି ଅଧିକାରର ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏପରି ଯୁକ୍ତିକୁ ଗ୍ରହଣ କରି ବସନ୍ତକୁ ଜାମିନ ମଞ୍ଜୁର କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଚାର୍ଜସିଟ କରିବା ପରେ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

■ କାଶଲପୁର ବିଜ୍ଞାନ ବାରିକ ହତ୍ୟା ମାମଲା

## ବାପ-ଦୁଇପୁଅଙ୍କୁ ଆଜୀବନ

ବୌଦ୍ଧ, ୭।୭(ସମିସ): ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା ତେଲିବନ୍ଧ ପଞ୍ଚାୟତ କାଶଲପୁର ଗ୍ରାମର ବିଜ୍ଞାନ ବାରିକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ପ୍ରତାପ କୁମାର ପାତ୍ର ଦୋଷୀ ବାପ ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସେମାନେ ହେଲେ, କାଶଲପୁର ଗ୍ରାମର ସୁଦାମ ବାରିକ ଏବଂ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ। ସୂଚନାନୁଯାୟୀ, ଗତ ୨୬ସେପ୍ଟେମ୍ବର ୨୦୨୩ ସନ୍ଧ୍ୟାରେ ଗ୍ରାମର ଧୋବେଇ ବାରିକ ଓ ପୁଅ ବିଜ୍ଞାନ ବାରିକଙ୍କୁ ଗ୍ରାମର ସୁଦାମ ବାରିକ ଓ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଧୋବେଇ ଓ ବିଜ୍ଞାନ ଗୁରୁତର ଆହତ ହୋଇଥିଲେ। ଉଭୟ ବାପ-ପୁଅଙ୍କୁ ବୌଦ୍ଧ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଡାକିଥିବା ବେଳେ ଅଭିଯୁକ୍ତମାନେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମଧ୍ୟ ଧମକ ଦେଇଥିଲେ। ଉଭୟଙ୍କୁ ପ୍ରଥମେ ବୌଦ୍ଧ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବିଜ୍ଞାନ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ପ୍ରାଣ ହରାଇଥିଲେ। ଧୋବେଇ ବାରିକଙ୍କ ବୌଦ୍ଧ ଥାନାରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିଲା ଓ ଜିଲ୍ଲା ଓ ଦୌରାଜଜ୍ଙ୍କ ଅଦାଲତରେ ଚିଚାର ଚାଲିଥିଲା।

## ପ୍ରହସନ ପାଲଟିଛି ମାଧ୍ୟମିକ ଶିକ୍ଷକଙ୍କ ବଦଳି
# ଅବଧି ସରିଲା; ବଦଳି ନୋହିଲା

ଭୁବନେଶ୍ୱର,୭।୭(ସମିସ): ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେଲାଣି। ହେଲେ ସରୁନାହିଁ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା। ସମସ୍ତ ଆବେଦନର ଭେରିଫିକେସନ୍ ସରିଛି। ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ମାନେ ସେମାନଙ୍କ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିକଟରେ ଦାଖଲ କରିସାରିଛନ୍ତି। ହେଲେ ବଦଳି ତାଲିକା ପ୍ରକାଶ ପାଉନି। ବଦଳି କ୍ୟାଲେଣ୍ଡର ଅନୁଯାୟୀ ନୂତନ ଶିକ୍ଷାନୁଷ୍ଠାନରେ ଯୋଗଦେବାର ଆଜି ଶେଷ ତାରିଖ ହୋଇଥିବାବେଳେ ଚୂଡ଼ାନ୍ତ ତାଲିକା କେଉଁଠି ଅଟକିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବିଭାଗ, ନିର୍ଦ୍ଦେଶାଳୟ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବଦଳି ବିଳମ୍ବ ହେଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ଗତ ମେ ୨୨ ତାରିଖରେ ବଦଳି କ୍ୟାଲେଣ୍ଡର ପ୍ରକାଶ ପାଇଥିଲା। ଜୁନ୍ ୫ ତାରିଖ ମଧ୍ୟରେ ଆଶାୟୀ ଶିକ୍ଷକମାନେ ଆବେଦନ କରିଥିଲେ। ଜୁନ୍ ୨୪ ଓ ୨୫ ତାରିଖରେ ରାଜ୍ୟ ସ୍ତରୀୟ ବଦଳି କମିଟି ବସି ତାଲିକା ଚୂଡ଼ାନ୍ତ କରିବା ପରେ ୨୬ରୁ ୩୦ ତାରିଖ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ମିଳିଥିବା ସୂଚନା ଅନୁଯାୟୀ, ଏବେଯାଏଁ ରାଜ୍ୟ ସ୍ତରୀୟ ବଦଳି କମିଟି ବସିନାହିଁ। ସମୟ ଅବଧି ସରି ସାରିଥିବାବେଳେ କେବେ କମିଟି ବଦଳି ତାଲିକା ଚୂଡ଼ାନ୍ତ କରିବ, ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ନିଜ ନିର୍ଦ୍ଦେଶନାମାକୁ ନିଜେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପାଳନ କରୁ ନ ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ପରୋକ୍ଷରେ ଚେତାବନୀ ଦେବା ସହ ବଦଳି ପ୍ରକ୍ରିୟା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ବଦଳି ପ୍ରକ୍ରିୟା ବିଳମ୍ବ ହେଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ବଦଳି ଆଦେଶ ପ୍ରକାଶ ନ କଲେ ଆବେଦନକାରୀ ଶିକ୍ଷକମାନେ ରାସ୍ତାକୁ ଓହ୍ଲାଇବ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ୭୬ତମ ବନ ମହୋତ୍ସବ
# ଏ ବର୍ଷ ଲାଗିବ ୭.୫ କୋଟି ଚାରା

ଭୁବନେଶ୍ୱର,୭।୭(ସମିସ): ୨୦୩୬ ସୁଦ୍ଧା ଭିଜନ୍ ଓଡ଼ିଶା କାର୍ଯ୍ୟକ୍ରମରେ 'ସବୁଜ ଓଡ଼ିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଗତବର୍ଷ ଏକ୍ ପେଡ୍ ମା' କେ ନାମ ଅଭିଯାନରେ ୬.୬୯ କୋଟି ଚାରା ରୋପଣ କରାଯାଇଥିଲା ଏବଂ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତବର୍ଷ 'ଏକ୍ ପେଡ୍ ମା' କେ ନାମ-୨.୦' ଅଭିଯାନରେ ୭.୫କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିବା ବେଳେ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଏହା ବ୍ୟତୀତ ସବୁଜ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାଜ୍ୟବାସୀଙ୍କୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିଥିବା ବେଳେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ବିଶ୍ୱ ବନ ଦିବସ, ଜୁନ୍ ୫ ବିଶ୍ୱ ପରିବେଶ ଦିବସ, ଜୁଲାଇ ମାସରେ ବନ

- ■ ୨୦୩୬ ସୁଦ୍ଧା ୧୦ ଲକ୍ଷ 'ସବୁଜ ଜୀବିକା' ସୃଷ୍ଟି ହେବ
- ■ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ମହୋତ୍ସବ ସପ୍ତାହ ପାଳନ ଏବଂ ଅକ୍ଟୋବର ମାସରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ କରାଯାଇଥାଏ। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କାର ଦିଆଯାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସବୁ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରିଛନ୍ତି। ଅନେକ ପୁରସ୍କାରର ସଂଖ୍ୟା ଓ ପୁରସ୍କାର ରାଶି ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ଏହି ସମସ୍ତ ପୁରସ୍କାର ଆଜିଠାରୁ କାର୍ଯ୍ୟକାରୀ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜବୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ ବିଳାସିତାରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ପର୍କରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜବୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୪୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗାଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୬ ଲୋକଙ୍କ ପ୍ରାଣହାନି।
- ୨୦୦୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପରଲୋକ।



## ରସଗୋଲା ଦିବସ

ଆଜି ରସଗୋଲା ଦିବସ। ଓଡ଼ିଶାର ପାରମ୍ପରିକ ମିଠା ରସଗୋଲା ପାଇଁ ଆଜିର ଦିନଟି ସମର୍ପିତ। ଓଡ଼ିଆ ଘରେ ଅତିଥି ଚର୍ଚ୍ଚା ହେଉ କି ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ସବୁଠି ଲୋଡ଼ା ରସଗୋଲା। ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ଶ୍ରୀମନ୍ଦିରରେ କେଉଁ ଅନାଦି କାଳରୁ ରସଗୋଲା ପ୍ରସାଦ ରୂପରେ ଅର୍ପଣ କରାଯାଉଅଛି। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶହ ଶହ ବର୍ଷ ହେଲା ରସଗୋଲା ଲାଗି ହୋଇଆସୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଅନ୍ତିମ ପର୍ବ ହେଉଛି 'ନୀଳାଦ୍ରିବିଜେ'। ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣି ପରେ ବାହୁଡ଼ା ଦଶମୀ ଦିନ ଶ୍ରୀଜୀଉମାନେ ସିଂହଦ୍ୱାରକୁ ଫେରନ୍ତି। ତ୍ରୟୋଦଶୀ ଦିନ ଶ୍ରୀବିଗ୍ରହମାନେ ରତ୍ନ ସିଂହାସନକୁ ବିଜେ କରିଥାନ୍ତି। ଏହାକୁ 'ନୀଳାଦ୍ରି ବିଜେ' ବା 'ନୀଳାଦ୍ରିବିଜେ' କୁହାଯାଏ। ବିଶ୍ୱାସ ରହିଛି, ରଥଯାତ୍ରାରେ ସଙ୍ଗରେ ନେଇ ନ ଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି ମା' ଲକ୍ଷ୍ମୀ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଜୟବିଜୟ ଦ୍ୱାରକୁ ବନ୍ଦ କରି ଦିଅନ୍ତି ମା' ଲକ୍ଷ୍ମୀ। ଅଭିମାନିନି ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି ମହାପ୍ରଭୁ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରଚାରପ୍ରସାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରିବିଜେ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲ। ଏହାପରେ ୨୦୧୬ ଜୁଲାଇ ୧୭ ଠାରୁ ଏହି ଦିବସ ପାଳନ ହେଉଛି। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାର ବ୍ୟବସାୟୀ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ଦେବା ପାଇଁ ଓଡ଼ିଆ ଲୋକେ ଏକଜୁଟ ହୋଇଥିଲେ। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା।



## ଆସିବ 'ଗଲିବୟ'ର ସିକ୍ୱେଲ

ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଲିବୟ'ର ସିକ୍ୱେଲ ଆସିବ। ଏହାର ମୂଳ ଫିଲ୍ମରେ ଆଲିଆ ଭଟ୍ଟ, ରଣବୀର ସିଂହ, ସିଦ୍ଧାନ୍ତ ଚତୁର୍ବେଦୀ, କଲ୍କି କୋଚଲିନ୍ ନଜର ଆସିଥିଲେ। ଫିଲ୍ମଟି ଦର୍ଶକଙ୍କ ସହ ଫିଲ୍ମ ସମୀକ୍ଷକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା। ଏହା ୧୩ଟି ଫିଲ୍ମ ଫେୟାର୍ ପୁରସ୍କାର ଜିତିଥିଲା, ଯାହା ଏକ ରେକର୍ଡ ମଧ୍ୟ। ୬ ବର୍ଷ ପରେ ଜୋୟା ଏବେ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରୁଛନ୍ତି। ଜୋୟା କିନ୍ତୁ ଏହାର ନିର୍ଦ୍ଦେଶନା ଦେବେ ନାହିଁ। 'ଖୋ ଗଏ ହମ୍ କହାଁ' ଫେମ୍ ଅର୍ଜୁନ୍ ବରେନ୍ ସିଂହ ଏହାର ନିର୍ଦ୍ଦେଶନା ଦେବେ। ସିକ୍ୱେଲରେ କିନ୍ତୁ ରଣବୀର ଓ ଆଲିଆ ଦେଖାଯିବେ ନାହିଁ। ଏଥିରେ ଭିକି କୌଶଳ ଓ ଅନନ୍ୟା ପାଣ୍ଡେଙ୍କୁ ବ୍ରେକ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ 'ଗଲିବୟ'ର ସଫଳତାକୁ ଏହାର ସିକ୍ୱେଲ ଦୋହରାଇ ପାରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ପକ୍ଷୀ ସୁରକ୍ଷା ପାଇଁ ମଶା ଛାଡୁଛି ଡ୍ରୋନ୍

ବୈଜ୍ଞାନିକମାନେ ଏକ ବିଶାଳ ଡ୍ରୋନ୍‌କୁ ଉପଯୋଗ କରି ଆମେରିକାର ହାୱାଇ ଜଙ୍ଗଲରେ ମଶା ପଲଙ୍କୁ ଛାଡୁଛନ୍ତି। ତେବେ ଏଠାରେ ଦେଖାଯାଉଥିବା ହନିକ୍ରିପର୍ ପକ୍ଷୀଙ୍କ ଜୀବନ ରକ୍ଷା ପାଇଁ ଏଭଳି କିଛି କରାଯାଉଛି। ଏହି ପକ୍ଷୀ ପରିବେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କ୍ରମାଗତ ଭାବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଶା ଦ୍ୱାରା ବ୍ୟାପୁଥିବା ଏଭିୟନ ମ୍ୟାଲେରିଆ ଏହି ପକ୍ଷୀଙ୍କ ଜୀବନ ନେଉଛି। ତେଣୁ ହନିକ୍ରିପର୍ ପକ୍ଷୀ ଏଭିୟନ ମ୍ୟାଲେରିଆଠାରୁ ଜୀବିତ ରହିବା ଲାଗି ଏବେ ସଂଘର୍ଷ କରୁଛନ୍ତି। ତେବେ ଡ୍ରୋନ୍‌ରେ ଛଡ଼ା ଯାଉଥିବା ମଶାକୁ ବୈଜ୍ଞାନିକମାନେ ଗବେଷଣାଗାରରେ ତିଆରି କରିଛନ୍ତି। ଏହି ମଶା କାମୁଡ଼ୁ ନ ଥିବା ବେଳେ ଏଥିରେ ଏକ ଜୀବାଣୁ ଅଛି। ଏହି ଜୀବାଣୁ ଆକ୍ରମଣକାରୀ ମଶାଙ୍କ ବଂଶବିସ୍ତାରକୁ ରୋକିବା ଦିଗରେ କାର୍ଯ୍ୟ କରିବ। ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଏହି ବିଶେଷ ଅଣ୍ଡିରା ମଶାମାନଙ୍କୁ ନିରନ୍ତର ଛାଡ଼ିବା ଦ୍ୱାରା ଏଭିୟନ୍ ମ୍ୟାଲେରିଆ ବାହକ ମଶାଙ୍କ ସଂଖ୍ୟା ହ୍ରାସ ପାଇବ। ଏହି ପ୍ରକାରେ ରୋଗର ପ୍ରସାରକୁ ରୋକା ଯାଇପାରିବ। ସେହିପରି ଏବେ ସୁଦ୍ଧା ଏକଥା ସ୍ପଷ୍ଟ ହୋଇପାରି ନାହିଁ, ଏତେ ସଂଖ୍ୟକ ମଶା ଛଡ଼ାଯିବା ପରେ କିଛି ଲାଭ ମିଳିଛି କି ନାହିଁ। ହେଲେ ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି, ଏହି ପ୍ରକାରେ ହନିକ୍ରିପର୍ ପକ୍ଷୀଙ୍କୁ ରକ୍ଷା କରାଯାଇପାରିବ। ସେହିପରି ଏହି ମଶା ଏଠାରେ ନ ଥିଲେ। ୧୮୨୬ ମସିହାରେ ଏକ ଜାହାଜରୁ ଏହି ମଶା ଏଠାକୁ ଆସିଥିଲା। ସେବେଠାରୁ ସେମାନେ ଏହାର ଗରମ ଏବଂ ଆର୍ଦ୍ର ଜଳବାୟୁରେ ବଂଶବିସ୍ତାର କରିଚାଲିଲେ।








## ମକା ମଞ୍ଜି ଛଡା ଯନ୍ତ୍ର

ମକା ଚାଷ ଶୀତ, ବର୍ଷା ଓ ଖରାଦିନେ କରାଯାଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ବାଲିଆ, ଦୋରସା ଓ ପଟୁମାଟି ଆବଶ୍ୟକ ହୋଇଥାଏ। ତେବେ ମକାର ବହୁବିଧ ବ୍ୟବହାର ଏହାକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରୁଛି। ଯେମିତିକି ମକାରୁ ଖଇ, କର୍ଣ୍ଣଫ୍ଲେକ୍ସ ତଥା ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ହୁଏ। ଏହା ସହ ଗୋଖାଦ୍ୟ, କୁକୁଡ଼ାଖାଦ୍ୟ ଆଦି ପ୍ରସ୍ତୁତି ବେଳେ ମକା ବିଶେଷ ଭାବେ ଦରକାର ହୋଇଥାଏ। ତେବେ ମକାରୁ ଦାନା କାଢ଼ିବାକୁ ଚାଷୀଙ୍କୁ ଅଧିକ ସମୟ ଲାଗୁଥିବାବେଳେ ଏଥିପାଇଁ ଅଧିକ ପରିଶ୍ରମ ଓ ଖର୍ଚ୍ଚ ବଢ଼ିଥାଏ। ଖାସ୍‌କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହି ପ୍ରକ୍ରିୟା ବହୁତ ମହଙ୍ଗା ପଡ଼ିଯାଏ। ତେଣୁ ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଦ୍ୱାରା ପେଡାଲ ପରିଚାଳିତ ମକା ମଞ୍ଜିଛଡ଼ା ଯନ୍ତ୍ର ବିକଶିତ କରାଯାଇଛି। ଏହା କେବଳ ମକା ଚୋପାରୁ ଦାନା ବାହାର କରିବ ତାହା ନୁହେଁ; ଚାଷୀଙ୍କ ସମୟ ଏବଂ ଶ୍ରମ ହ୍ରାସ ପାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମେସିନ୍ କୌଣସି ଇନ୍ଧନ କିମ୍ବା ବିଦ୍ୟୁତ୍ ବିନା ଚାଲୁଥିବାରୁ ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ରରେ କ୍ଷମତା ୧୩୦ କିଗ୍ରା ପ୍ରତି ଘଣ୍ଟାରେ ମକା ଦାନା କାଢ଼ିପାରେ। ଏଥିରେ ଦୁଇଜଣ ଲୋକ ବସି ଆରାମରେ ଯନ୍ତ୍ରକୁ ଚଳାଇ ପାରିବେ ସେ ନେଇ ଡିଜାଇନ୍ ହୋଇଛି। ଅର୍ଥାତ୍ ଜଣେ ଗୋଡରେ ପ୍ୟାଡେଲ ମାରି ଯନ୍ତ୍ରକୁ ସଞ୍ଚାଳିତ କରିବା ସମୟରେ ଅନ୍ୟ ଜଣ ଯନ୍ତ୍ରରେ ମକା ପକାଇବା କାର୍ଯ୍ୟ କରିଥାନ୍ତି। ଏହାର ମକା ଚୋପା କାଢ଼ିବାର କ୍ଷମତା ୯୭ ପ୍ରତିଶତ ଏବଂ ଦାନା କାଢ଼ିବାର ଦକ୍ଷତା ୯୫ ପ୍ରତିଶତ ଯାଏଁ ଥିବାରୁ ଚାଷୀଭାଇ ଏଥିରୁ ଅଧିକ ଲାଭବାନ ହୋଇପାରିବେ। ତେଣୁ ମକା ଚାଷ କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଏହି ଯନ୍ତ୍ରଟି କୌଣସି ବରଦାନଠାରୁ କମ୍ ନୁହେଁ।



## ଜହ୍ନି ଗଛ ପାଇଁ ଦେଶୀ ଟନିକ୍

**ବର୍ଷାଦିନିଆ ପନିପରିବା ଚାଷରୁ ଅଧିକ ଲାଭ ମିଳେ। ଚାଷୀମାନେ ଏହି ଦିନେ ବିଭିନ୍ନ ଫସଲ ସହିତ ଜହ୍ନି ଚାଷ ମଧ୍ୟ କରିଥାନ୍ତି। ତେଣୁ ଜହ୍ନି ଗଛ ବଢୁ ନ ଥିଲେ ଏହି ଉପାୟ ଆପଣାଇ ପାରିବେ।**

ଚାଷୀମାନେ କମ୍ ସମୟରେ ଅଧିକ ଅମଳ ପାଇବା ପାଇଁ ରାସାୟନିକ ସାର, କୀଟନାଶକ ଆଦି ପ୍ରୟୋଗ କରିଥାନ୍ତି। ଏହା ବ୍ୟୟ ବହୁଳ। ଏହା ମାଟି ଓ ଫସଲ ପାଇଁ କ୍ଷତି ସୃଷ୍ଟି କରିପାରେ। ତେଣୁ ପ୍ରାକୃତିକ ଉପାୟ ଆପଣାଇ ଚାଷୀମାନେ ଜହ୍ନି ଗଛର ବୃଦ୍ଧି ପାଇଁ ନିମ ଖତ, ଦହି ଏବଂ କଦଳୀ ଚୋପାରୁ ତିଆରି ଦେଶୀ ସାର ପ୍ରୟୋଗ କରିପାରିବେ। କଦଳୀ ଚୋପାରେ ପଟାସିୟମ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ଯାହାକି ଗଛ ଓ ଫଳ ବୃଦ୍ଧି ପାଇଁ ଏହା ବହୁତ ଉପଯୋଗୀ ହୋଇଥାଏ।, ଦେଶୀ ସାର ବା କୀଟନାଶକ ପ୍ରୟୋଗ ଦ୍ୱାରା ଫୁଲ ଝଡ଼ିବା ନିୟନ୍ତ୍ରଣ ହୋଇଥାଏ। ଏହା ରୋଗ ପୋକ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ। ନିମ ଖତ ମାଟିରେ କବକ ଏବଂ ହାନିକାରିକ ଜୀବାଣୁ ରୋକିଥାଏ। ଏହାଦ୍ୱାରା ଜହ୍ନି ଉତ୍ପାଦନ ହୁଏ। ଏକ ଗ୍ଲାସ ପାଣିରେ କଦଳୀ ଚୋପାକୁ ଅଳ୍ପ ଆଞ୍ଚରେ ରଖି ଫୁଟାନ୍ତୁ। ଏହି ପାଣି ଥଣ୍ଡା କରିବା ପରେ ଏହାକୁ ଛାଣି ନିଅନ୍ତୁ। ଛଣା ପାଣିରେ ଏକ ଚାମଚ ନିମ ଖତ ଏବଂ ଏକ ଚାମଚ ଦହିକୁ ଭଲଭାବେ ମିଶାନ୍ତୁ। ଏହି ଘୋଳକୁ କିଛି ଘଣ୍ଟା ପାଇଁ ରଖି ଜହ୍ନି ଗଛ ମୂଳେ ମାଟି କୋଡ଼ାଖୋସା କରି ପ୍ରୟୋଗ କରିପାରିବେ। ଏପରି କରିବା ଦ୍ୱାରା ଜହ୍ନି ଗଛ ଝଙ୍କାଳିଆ ହୋଇଯାଏ। ଫଳ ମଧ୍ୟ ଅଧିକ ମିଳେ। ଜୀବାମୃତ, ଘନଜୀବାମୃତ, ହାଣ୍ଡିଖତ ଅନୁମୋଦିତ ପରିମାଣରେ ବ୍ୟବହାର କଲେ ଗଛର ବୃଦ୍ଧି ତ୍ୱରାନିତ ହୁଏ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ।
- ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ପାଗ ଶୁଖିଲା ନ ଥିଲେ ଘାସ ଚରିବା ପାଇଁ ବାହାରକୁ ଛାଡନ୍ତୁ ନାହିଁ।
- ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ। ହନି ଡିୟୁ, କୁର୍ଗ ହନି ଡିୟୁ ସିଓ-୧, ସିଓ-୨, ପୁଷା, ଡେଲିଶିୟଶ, ପୁଷା, ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ।
- ବର୍ଷାଋତୁରେ କୁକୁଡା ଫାର୍ମରେ ପବନର ଚଳପ୍ରଚଳ କିମ୍ବା ଉଚିତ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। କୁକୁଡା ସେଡର ଉପର ପାର୍ଶ୍ୱରେ ୧ରୁ ୨ ଫୁଟ୍ ଖୋଲା ରଖି ସେଡର ପାର୍ଶ୍ୱକାନ୍ଥଗୁଡିକ ପଲିଥିନ୍ ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କୀଟମାନଙ୍କ ଆକ୍ରମଣରୁ କୁକୁଡାଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ୱଚ୍ଛ ଓ ସୁଖିଲା ରଖନ୍ତୁ। ବର୍ଷାଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶ ନ କରିବାକୁ ଉଚିତ ବ୍ୟବସ୍ଥା କରନ୍ତୁ। ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ାମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ।

## ଯବକ୍ଷାରଜାନ ଅଭାବରୁ ଫସଲ ହାନି

**ଗଛ ବଢ଼ିବା ପାଇଁ ମୃତ୍ତିକାରୁ ବିଭିନ୍ନ ଖାଦ୍ୟସାର ଆବଶ୍ୟକ କରୁଥିବାବେଳେ ସେଥିମଧ୍ୟରୁ ଯବକ୍ଷାରଜାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ମାଟିରେ ଯବକ୍ଷାରଜାନର ଅଭାବରେ ପ୍ରଥମେ ପତ୍ର ହଳଦିଆ ପଡ଼ିଯାଏ। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ସମୟ ପୂର୍ବରୁ ଏହାର ସମାଧାନ ନ କରିଲେ ଫସଲ ଉତ୍ପାଦନରେ ହ୍ରାସ ହୋଇଥାଏ। ଏହାର ପ୍ରତିକାର କରିବା ନିହାତି ଆବଶ୍ୟକ।**



କୃଷି ବିଶେଷଜ୍ଞଙ୍କ ମୁତାବକ ଯବକ୍ଷାରଜାନ ଫସଲ ବୃଦ୍ଧି ପାଇଁ ସବୁଠୁ ଜରୁରି ପୋଷାକତତ୍ତ୍ୱ। ତେବେ ମାଟିରେ ଯବକ୍ଷାରଜାନ ଅଭାବ ହେଲେ ପ୍ରଥମେ ଗଛ ପତ୍ରରୁ ଏହାର ଲକ୍ଷଣ ଜଣାପଡ଼ିଯାଏ। ଯେପରିକି ତଳ ପତ୍ରଗୁଡ଼ିକ ପ୍ରଥମେ ଫିକା ସବୁଜ ହୋଇ ହଳଦିଆ ପଡ଼ିଯାଏ। ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ି ନ ପାରିବା, ଫସଲ ହାନି ହେବା ଆଦି ଲକ୍ଷଣ ପରିଲକ୍ଷିତ ହୋଇଥାଏ। ତେଣୁ ମାଟିରେ ଯବକ୍ଷାରଜାନ ଅଭାବ ପୂରଣ କରିବାକୁ ଜମିରେ ସବୁଜ ସାର ପ୍ରୟୋଗ କରାଯାଏ। ଜମିରେ ମୁଗ ତଥା ଡାଲିଜାତୀୟ ଫସଲ, ସୋୟାବିନ୍, ଚିନାବାଦାମ ବୁଣିବା ଦ୍ୱାରା ଏହି ଫସଲ ଅମଳ ପରେ ମାଟିରେ ପ୍ରାକୃତିକ ରୂପେ ଯବକ୍ଷାରଜାନ ମାତ୍ରା ବୃଦ୍ଧି ପାଏ। ମାଟିରେ ଯବକ୍ଷାରଜାନ ବୃଦ୍ଧି ପାଇଁ ଏହା ଏକ ପାରମ୍ପରିକ ଓ ଶସ୍ତା କୌଶଳ। ସେହିପରି ଗୋବର ଖତ, ଜିଆଖତ, ପତ୍ରରୁ ପ୍ରସ୍ତୁତ ଖତ ମୃତ୍ତିକାର ଉର୍ବରଶକ୍ତିକୁ ବୃଦ୍ଧି କରି ଧୀରେ ଧୀରେ ନାଇଟ୍ରୋଜେନ୍ ଉପଲବ୍ଧ କରାଇଥାଏ। ବିଶେଷ କଥା ହେଉଛି, ୟୁରିଆ, ଆମୋନିୟମ ସଲ୍‌ଫେଟ୍ ପରି ଉର୍ବରକ ନିର୍ଦ୍ଦିଷ୍ଟ ମାତ୍ରାରେ ଉପଯୋଗ କରିପାରିବେ। ସେହିପରି ମୃତ୍ତିକାରେ ଜୀବାଣୁ ସାର ତଥା ରାଇଜୋବିୟମ, ଆଜୋସ୍ପିରିଲମ୍ ଏବଂ ଆଜୋଟୋବ୍ୟାକ୍ଟେର ପରି ଜୈବ ଉର୍ବରକ ଯବକ୍ଷାରଜାନ ବୃଦ୍ଧି କରିବାକୁ ସାହାଯ୍ୟ କରିଥାଏ। ବିଶେଷ କଥା ହେଉଛି, ଜମିରେ ଗୋଟିଏ ପ୍ରକାର ଫସଲ ବାରମ୍ବାର ଚାଷ କରିବା ଦ୍ୱାରା ମାଟିରେ ଯବକ୍ଷାରଜାନ ହ୍ରାସ ପାଇଥାଏ। ତେଣୁ ଯବକ୍ଷାରଜାନ ସନ୍ତୁଳନ ରଖିବାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଡାଲିଜାତୀୟ ଫସଲ ଚାଷ କରିପାରିବେ।

### ଏଜ୍‌ବାଷ୍ଟନ ଦଖଲ କଲୁ ସତ; ଖେଳରେ ମଜା ଆସିଲାନି: ଗିଲ୍

# ପିଚ୍ ଉପରେ ନିର୍ଭର କରୁଛି ଟେଷ୍ଟ ମ୍ୟାଚ୍‌ର ଗୁରୁତ୍ୱ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି)



ଫ୍ଲାଟ ପିଚ୍ ଓ ଡ୍ୟୁକ୍ ବଲ୍‌ରେ ବୋଲରଙ୍କୁ ସହାୟତା ବିନା ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଇଛି। ଏଜ୍‌ବାଷ୍ଟନରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ର ବୃହତ୍ ବିଜୟ ପରେ ଏହା କହିଛନ୍ତି ଅଧିନାୟକ ଶୁବମନ ଗିଲ୍। ଦୀର୍ଘ ୫୮ ବର୍ଷ ପରେ ଏଜ୍‌ବାଷ୍ଟନରେ ଭାରତ ଟେଷ୍ଟ ମ୍ୟାଚ୍ ଜିତିଛି ସତ, କିନ୍ତୁ ଏହି ବିଜୟରେ ମଜା ନାହିଁ। ଏଠାରେ ଖେଳାଯାଇଥିବା ଟେଷ୍ଟରେ ଭାରତୀୟ ବୋଲରମାନେ ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଏହା ମଧ୍ୟରୁ ୧୫ଟି ୱିକେଟ କେବଳ ନୂଆ ବଲ୍‌ରେ ମିଳିଛି। ଏଭଳି ପରିବେଶରେ ଟେଷ୍ଟ ମ୍ୟାଚ୍ ଖେଳିବା ବାଜ୍‌ବଲ ଯୁଗର ମନ୍ତ୍ରକୁ ବିରୋଧ କରୁଛି। ଏଠାରେ ପ୍ରଥମ ତଥା ବିଦେଶ ମାଟିରେ ସର୍ବବୃହତ୍ ବ୍ୟବଧାନ ବିଜୟ ଭାରତକୁ ୧-୧ରେ ସିରିଜ୍ ବରାବର କରିବାରେ ସହାୟ ହୋଇଛି।

ଏହି ଟେଷ୍ଟରେ ଉଭୟ ଦଳ ମିଳିତଭାବେ ୧୬୯୨ ରନ୍ କରିଛନ୍ତି। ଏହା ଫଳରେ ବ୍ୟାଟ୍ସମ୍ୟାନ ଏଠାରେ ମନଇଚ୍ଛା ଖେଳିଛନ୍ତି। ଚଳିତ ସିରିଜ୍‌ରେ ଖେଳାଯାଇଥିବା ପ୍ରଥମ ଦୁଇଟି ଟେଷ୍ଟରେ ଏଯାଏ ୩,୩୬୫ ରନ୍ ସଂଗୃହୀତ ହୋଇଛି। ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଏହା ସର୍ବାଧିକ ରନ୍। କିନ୍ତୁ ଖେଳର ମାନ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବାରେ ଏହି ପିଚ୍ ସହାୟତା କରିପାରି ନାହିଁ। ଏଭଳି ପିଚ୍‌ରେ ବୋଲରଙ୍କ ଲାଗି ସଫଳତା ପାଇବା କଷ୍ଟକର। ଏହା ସହ ଅଳ୍ପ ସମୟ ପରେ ଡ୍ୟୁକ୍ ବଲ ଢିଲା (ସଫ୍ଟ) ହୋଇଯିବା ମଧ୍ୟ ବୋଲରଙ୍କୁ ଅସୁବିଧାରେ ପକାଉଛି। ଏଭଳି ପିଚ୍ ଓ ବଲ୍‌ରେ ୱିକେଟ ମିଳିବା କଷ୍ଟକର ବୋଲି ଜଣାପଡ଼ିବା ପରେ ରନ୍ ସହଜରେ ସଂଗୃହୀତ ହୋଇଥିଲା। ଗୋଟିଏ ନୂଆ ବଲ ୨୦ ଓଭର ବୋଲିଂ ହେବା ପରେ ସଫ୍ଟ ହୋଇଯାଉଛି ଓ ବ୍ୟାଟରଙ୍କୁ ରନ୍ ସଂଗ୍ରହରେ ସହାୟତା କରୁଛି। ଏ ସମ୍ପର୍କରେ ଗିଲ୍ କହନ୍ତି, ଏହି ୨୦ ଓଭର ବୋଲିଂ କରିବା ପରେ ଅବଶିଷ୍ଟ ସମୟ ରକ୍ଷଣାତ୍ମକ ଭାବେ ଖେଳିବାକୁ ପଡୁଛି। ଏହି ସମୟରେ ରନ ଅଟକାଇବା କଷ୍ଟକର ହୋଇ ପଡୁଛି। ବୋଲରଙ୍କୁ କିଛି ସହାୟତା ନ ମିଳିଲେ ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଉଛି ବୋଲି ଗିଲ୍ କହନ୍ତି।

### ■ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ

ବିଦେଶ ମାଟିରେ ସୁଇଂ ପିଚ୍‌ରେ ଖେଳିବା ଆମଲାଗି କଷ୍ଟକର ହୋଇଥାଏ। ଏଭଳି ସ୍ଥାନରେ ଆମେ ଭଲ ପ୍ରଦର୍ଶନ ଦେଇ ପାରୁ ନ ଥିବାରୁ ଏକାଧିକଥର ସମାଲୋଚିତ ହୋଇଛୁ। କିନ୍ତୁ ଏବେ ଟେଷ୍ଟ ଖେଳାଯାଉଥିବା ବଲର ସ୍ଥିତି ଓ ଫ୍ଲାଟ ପରିବେଶ ସମ୍ପର୍କରେ ଜାଣିବା ପରେ ମୁଁ ଜଣେ ଅଧିନାୟକ ଭାବେ ସଫଳ ହେବାକୁ ଚେଷ୍ଟା କରିଥିଲି। ଫଳରେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୪୭, ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୨୬୯ ଓ ୧୬୧ ରନ୍ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଶେଷ ଭାଗ ବ୍ୟାଟରଙ୍କ ହାଲ୍କା ମନୋଭାବ ଯୋଗୁଁ ଆମେ ବିପର୍ଯ୍ୟୟର ଶିକାର ହୋଇଥିଲୁ। ଏହାକୁ ସୁଧାରିବାରେ ଜାଡେଜା ଭାଇ ୱାଶିଂଟନ ସୁନ୍ଦର ସହାୟତା କରିବା ଫଳରେ ଆମେ ଟେଷ୍ଟ ଜିତିବାରେ ସମର୍ଥ ହୋଇଛୁ।

### ■ ଇଂଲଣ୍ଡ ପିଚ୍ ଆଉ ଫ୍ଲାଟ୍ ହେବ ନାହିଁ

ଏଜ୍‌ବାଷ୍ଟନ ଟେଷ୍ଟ ପରାଜୟ ପରେ ଇଂଲଣ୍ଡରେ ଆଉ ଫ୍ଲାଟ ପିଚ୍‌ରେ ଖେଳିବାକୁ ପଡ଼ିବ ନାହିଁ ବୋଲି ଭାରତୀୟ ଅଧିନାୟକ ଶୁବମନ ଗିଲ କହିଛନ୍ତି। ଆମର ଏତେ ସମୟ ଧରି ଟେଷ୍ଟ ଖେଳିବାର ଅଭ୍ୟାସ ନାହିଁ। ଭାରତରେ ପିଚ୍ ସ୍ପିନ୍‌କୁ ସୁହାଇଥାଏ ଓ ଟେଷ୍ଟ ୩ରୁ ୪ ଦିନ ମଧ୍ୟରେ ଶେଷ ହୋଇଯାଇଥାଏ। ଆମେ ଯେତେବେଳେ ବିଦେଶରେ ଖେଳୁ ସେଠିକାର ସୁଇଂ, ଫାଷ୍ଟ ଓ ବାଉନ୍ସି ପିଚ୍‌ରେ ମ୍ୟାଚ୍ ଅଢ଼େଇରୁ ୪ ଦିନରେ ଶେଷ ହୋଇଥାଏ। ପ୍ରଥମଥର ଏଠାରେ କ୍ରମାଗତ ଟେଷ୍ଟ ୫ ଦିନରେ ଶେଷ ହୋଇଛି। ଅବଶ୍ୟ ଆମ ପ୍ରତିଦ୍ୱନ୍ଦ୍ୱୀ ୯୦ ଓଭର ଭିତରେ ଆଉଟ ହୋଇଯାଇଥିବାରୁ ଆମକୁ ପଡ଼ିଆରେ ଗୋଟିଏ ଦିନ ବିତାଇବାକୁ ପଡ଼ିଛି। କିନ୍ତୁ ଖୁସିର କଥା ଏହି ଦୁଇଟି ଯାକ ଟେଷ୍ଟରେ ଭାରତ ବ୍ୟାଟିଂରେ ଅଧିକ ସମୟ ଦେଇଛି ଓ କ୍ଳାନ୍ତ ହେବାରୁ ବର୍ତ୍ତିଯାଇଛି।

### ■ ବୋଲରଙ୍କୁ ପ୍ରଶଂସା

ଯଶପ୍ରୀତ୍ (ବୁମ୍‌ରା) ଭାଇଙ୍କ ଅନୁପସ୍ଥିତିରେ ଆମେ ପ୍ରତିଦ୍ୱନ୍ଦ୍ୱୀ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବା ନେଇ ଅନେକ ସନ୍ଦେହ ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଦଳର ଦୁଇ ଫ୍ରଣ୍ଟଲାଇନ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶଦୀପଙ୍କ ମିଳିତ ଭାବେ ୧୭ଟି ୱିକେଟ ନେଇଛନ୍ତି। ଏହା ଆମଲାଗି ସବୁଠାରୁ ବଡ଼ ଉପଲବ୍ଧି ବୋଲି ଗିଲ କହନ୍ତି। ଏପରି ସଫଳତାକୁ ପ୍ରଶଂସା କରିବା ଲାଗି ମୋ ନିକଟରେ ଭାଷା ନାହିଁ ବୋଲି ଗିଲ୍ କହନ୍ତି। ଏହି ବୋଲର ଓ ଖେଳାଳିମାନେ ଆମ ଦେଶରେ ସର୍ବଶ୍ରେଷ୍ଠ। ଏମାନେ ଯେଉଁଠି ଖେଳନ୍ତୁ ନା କାହିଁକି ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବେ। ଫ୍ଲାଟ୍ ପିଚ୍ ଓ ସଫ୍ଟ ବଲରେ କୁଲଦୀପ ଯାଦବଙ୍କ ପରି ବୋଲର ଦଳ ଲାଗି ଅଧିକ ଲାଭବାନ ସାବ୍ୟସ୍ତ ହୋଇଥାନ୍ତେ। ତାଙ୍କୁ ନ ଖେଳାଇବା ସମ୍ପର୍କରେ ଗିଲଙ୍କ ମତ ହେଲା, କୁଲଦୀପ୍ ଭାଇଙ୍କ ବୋଲିଂର ତୁଳନା ନାହିଁ। କିନ୍ତୁ ଶେଷ ଭାଗ ବ୍ୟାଟିଂକୁ ଶକ୍ତିଶାଳୀ କରିବା ଲାଗି ୱାସି (ୱାଶିଂଟନ ସୁନ୍ଦର)ଙ୍କୁ ଖେଳାଇଥିଲୁ। ଏହା ଆମ ଲାଗି ଲାଭବାନ ସାବ୍ୟସ୍ତ ହୋଇଛି। ଏଣୁ ଆମ ନିଷ୍ପତ୍ତି ଠିକ୍ ଥିଲା ବୋଲି ସେ କହିଛନ୍ତି।

## ଆର୍ଚର, ଆଟକିନସନଙ୍କ ମୁକାବିଲା ଲାଗି ଭାରତ ପ୍ରସ୍ତୁତ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି): ଭାରତଠାରୁ ଦ୍ୱିତୀୟ ଟେଷ୍ଟ ହାରିବାର ଅଳ୍ପ ସମୟ ମଧ୍ୟରେ ତୃତୀୟ ଟେଷ୍ଟ ଲାଗି ଦଳ ଘୋଷଣା କରିଛି ଇଂଲଣ୍ଡ। ଏହି ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ। ଦଳରେ କୌଣସି ଖେଳାଳିଙ୍କୁ ବାଦ୍ ଦିଆଯାଇ ନ ଥିଲାବେଳେ ଫାଷ୍ଟ ବୋଲର ଗସ୍ ଆଟକିସନଙ୍କୁ ସାମିଲ କରିଛି। ଫଳରେ ଇଂଲଣ୍ଡ ଦଳର ବୋଲିଂ ଶକ୍ତି ବୃଦ୍ଧି ପାଇଛି। ପୂର୍ବରୁ ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଥିଲା। ଏହା ଫଳରେ ଲର୍ଡ୍ସର ସୁଇଂ ଓ ବାଉନ୍ସି ୱିକେଟରେ ଉଭୟ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ଇଂଲଣ୍ଡରେ ସ୍ପିନରଙ୍କର ଆବଶ୍ୟକତା ନାହିଁ। ଏଣୁ ଲର୍ଡସରେ ଇଂଲଣ୍ଡ କେବଳ ଫାଷ୍ଟ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଓ ପଞ୍ଚମ ଟେଷ୍ଟ ଓଭାଲରେ ଜୁଲାଇ ୩୧ରୁ ଖେଳାଯିବ।

**ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, ଗସ ଆଟକିନସନ, ସୋଏବ ବସିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

## ରାଞ୍ଚିରେ ଜନ୍ମଦିନ ପାଳିଲେ ଧୋନି



ରାଞ୍ଚି, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସୋମବାର (ଜୁଲାଇ ୭) ତାଙ୍କର ୪୪ତମ ଜନ୍ମଦିନ ପାଳିଛନ୍ତି। ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ଷ୍ଟାଡିୟମରେ ୭ଜଣ ଲୋକଙ୍କ ଗହଣରେ ଧୋନି କେକ୍ କାଟି ସାଧାରଣ ଭାବେ ଜନ୍ମଦିନକୁ ପାଳିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ଥିଲା ଧୋନିଙ୍କ ଚିରାଚରିତ ଭାଗ୍ୟଶାଳୀ ନମ୍ବର '୭'କୁ ଏହି ସମୟରେ ଦେଖିବାକୁ ମିଳିଥିଲା। ଧୋନି ୭ଜଣ ଲୋକଙ୍କୁ କେକ୍ କାଟିବା ସମୟରେ ପାଖରେ ରଖିଥିଲେ। ସେହି ୭ଜଣ ମଧ୍ୟ କୌଣସି ମାନ୍ୟଗଣ ବ୍ୟକ୍ତି ନ ଥିଲେ। ବରଂ ରାଞ୍ଚି ଷ୍ଟାଡିୟମର ୭ଜଣ ସାଧାରଣ କର୍ମଚାରୀ ଥିଲେ।

## ୱେଷ୍ଟଇଣ୍ଡିଜର କ୍ରମାଗତ ୨ୟ ପରାଜୟ

ସେଣ୍ଟ ଜର୍ଜ୍ସ, ୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୩୩ ରନରେ ଜିତିନେଇଛି। ୨୭୭ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସରେ ୧୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ରୋଷ୍ଟନ ଚେଜ୍ ୩୪, ବ୍ରାଣ୍ଡନ କିଙ୍ଗ୍ ୧୪, ସାଇ ହୋପ୍ ୧୭, ସାମରା ଜୋସେଫ୍ ୨୪ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## ୱିମ୍ବଲଡନ କ୍ୱାର୍ଟରରେ ଜୋକୋଭିଚ୍

ଲଣ୍ଡନ, ୭।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ପୁରୁଷ ବିଭାଗରେ ସର୍ବିୟା ତାରକା ନୋଭାକ ଜୋକୋଭିଚ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬ର ଏକ ମୁକାବିଲାରେ ଜୋକୋଭିଚ୍ ୧-୬, ୬-୪, ୬-୪, ୬-୪ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଜୋକୋଭିଚ୍ ୧୬ଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟରରେ ପହଞ୍ଚିଛନ୍ତି। ଯଦି ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌ିକ ଓ ଆମେରିକାର ଆମଣ୍ଡା ଆନିସିମୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ-୧୬ର ଏକ ମ୍ୟାଚରେ ବେଲିଣ୍ଡା ୭-୬ (୭/୪), ୬-୪ ସେଟ୍‌ରେ ରୁଷିଆ ଏକଟେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୩ତମ ସିଡ୍ ଆମେରିକାର ଆନିସିମୋଭା ୬-୨, ୭-୫, ୬-୪ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

## ସଂଯୋଗ ଗୁପ୍ତା ଆଇସିସିର ନୂଆ ସିଇଓ



ଦୁବାଇ,୭।୭ (ଏଜେନ୍ସି): ଜିଓଷ୍ଟାର ସିଇଓ ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)ର ନୂଆ ସିଇଓ (କାର୍ଯ୍ୟନିର୍ବାହୀ ଅଧିକାରୀ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖେଳ ପରିଚାଳନାରେ ଗୁପ୍ତାଙ୍କର ଢ଼େର ଅଭିଜ୍ଞତା ରହିଛି ଓ ତାଙ୍କ ଉପସ୍ଥିତି ଆଇସିସି ଓ କ୍ରିକେଟକୁ ଲାଭବାନ କରାଇବ ବୋଲି ଏହାର ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ଜେଫ୍ ଆଲାରଡାଇସ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଆଲାରଡାଇସ ଗତବର୍ଷ ତାଙ୍କ ପଦବୀରୁ ଓହରିଯାଇଥିଲେ।

## ସ୍ୱିଟିଙ୍କ ହ୍ୟାଟ୍ରିକ୍: ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୭।୭ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ମହିଳା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଓଡ଼ିଶା ସ୍ୱିଟି କୁଜୁରଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ୩-୧ରେ ଅନ୍ୟତମ ଶକ୍ତିଶାଳୀ ପଞ୍ଜାବ ଦଳକୁ ପରାସ୍ତ କରିଥିଲା। ସ୍ୱିଟି ମ୍ୟାଚର ୧୫ତମ, ୩୦ତମ ଓ ୫୯ତମ ମିନିଟ୍‌ରେ ଏହି ୩ଟି ଗୋଲ୍ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏଥିସହ ୩ ପଏଣ୍ଟ ପାଇ ଓଡ଼ିଶା ଖାତା ଖୋଲିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ମହାରାଷ୍ଟ୍ର ଦଳକୁ ଭେଟିବ।

## ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ସୁସ୍ମିତାଙ୍କୁ ୫ମ ପଦକ

ଭୁବନେଶ୍ୱର, ୭।୭ (ସମିସ): ଓଡ଼ିଶା ପୁଲିସରେ କାର୍ଯ୍ୟରତ ସୁସ୍ମିତା ଟିଗା ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ୫ମ ପଦକ ବିଜୟୀ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ହାଫ୍ ମାରାଥନ (୨୧.୧ କିମି)ରେ ସୁସ୍ମିତା ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଚଳିତ ବିଶ୍ୱ ପୁଲିସ କ୍ରୀଡ଼ାରେ ସୁସ୍ମିତା ଏଥିପୂର୍ବରୁ ୧୫୦୦ ମିଟର ରେସ୍ ଓ ୩୦୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ, ୮୦୦ ମିଟରରେ ରୌପ୍ୟ ଏବଂ ୪ ଗୁଣା ୪୦୦ ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



## ଓଡ଼ିଶାରେ ପ୍ରଥମଥର ହେବ ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୭।୭ (ସମିସ): ଓଡ଼ିଶାରେ ପ୍ରଥମଥର ହେବାକୁ ଯାଉଛି ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ। ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟର ହାଇ ପରଫର୍ମାନ୍ସ ସେଣ୍ଟର ଓ ପୋଖରୀପୁଟ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ଜୁଲାଇ ୮ରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ। ଦେଶର ୧୫୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ୪ ଦିନ କ୍ୱାଲିଫାଇଂ ଇଭେଣ୍ଟ ହେବ ଓ ଏହା ପରେ ମୁଖ୍ୟ ଇଭେଣ୍ଟରେ ଖେଳାଯିବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଆହ୍ୱାନ ଦେଇଛନ୍ତି। ସଂଯୋଜକ ସୁଦୀପ ବିଶୋଇ, କମଲ ଦାସ, ଶୈଳେନ୍ଦ୍ର ଚୌଧୁରୀ, କମଲ ପଟ୍ଟନାୟକ, ପ୍ରଦୀପ ମହାନ୍ତି ରହିଛନ୍ତି। ଚିଫ୍ ରେଫରୀ ସିଆର୍ ରାଜୀବ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ବୋଲି ମିଡିଆ ମ୍ୟାନେଜର ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

### ● ଜାତୀୟ ଶିଶୁ ଓ ମିନି ଅସିଚାଳନା

## ବିଭୂତି ପଟେଲଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୭।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ରେ ଅନୁଷ୍ଠିତ ଜାତୀୟ ଶିଶୁ (୧୦ ବର୍ଷରୁ କମ୍) ଓ ମିନି (୧୨ ବର୍ଷରୁ କମ୍) ଜାତୀୟ ଅସିଚାଳନାରେ ଓଡ଼ିଶାର ବିଭୂତି ଶଙ୍କର ପଟେଲଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ବିଭୂତି ୧୨ ବର୍ଷରୁକମ୍ ବିଭାଗର ଇପି କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ବିଭୁତି ବଲାଙ୍ଗୀର କ୍ରୀଡ଼ାଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ମୁଲ୍‌ଡର୍‌ଙ୍କ ରେକର୍ଡ ତ୍ରିଶତକ



ବୁଲାୱାୟୋ, ୭।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍ କୀର୍ତ୍ତିମାନଭରା ତ୍ରିଶତକୀୟ ପାଳି ଖେଳିଛନ୍ତି। ମୁଲ୍‌ଡର୍‌ଙ୍କ ଅପରାଜିତ ୩୬୭ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୧୪ ଓଭରରେ ୫ ୱିକେଟରେ ୬୨୬ ରନ କରି ପାଳି ଘୋଷଣା କରିଛି। ମୁଲ୍‌ଡର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାର ପ୍ରଥମ ପାଳିରେ ତ୍ରିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗଙ୍କ ନାମରେ ରହିଥିଲା। ଗ୍ରାହମ ୧୯୬୯ରେ ଟେଷ୍ଟ ନେତୃତ୍ୱ ପଦାର୍ପଣର ପ୍ରଥମ ପାଳିରେ ଭାରତ ବିପକ୍ଷରେ ୨୩୯ ରନ କରିଥିଲେ।

ସେହିଭଳି ୨୯୭ ବଲ୍‌ରେ ତ୍ରିଶତକ ହାସଲ କରିଥିବା ମୁଲ୍‌ଡର୍ ମୋଟ୍ ୩୩୪ ବଲ୍ ଖେଳି ୩୬୭ ରନ କରି ଅପରାଜିତ ରହିଥିଲେ। ଏହି ପାଳିରେ ସେ ୪୯ ଚୌକା ଓ ୪ ଛକା ମାରିଥିଲେ। ଏଥିସହ ଟେଷ୍ଟରେ ସେ ଦ୍ୱିତୀୟ ଦ୍ରୁତତମ ତ୍ରିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଭାରତର ବୀରେନ୍ଦ୍ର ସେହ୍ୱାଗ ୨୦୦୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୭୮ ବଲ୍‌ରେ ତ୍ରିଶତକ ହାସଲ କରି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତ୍ରିଶତକ ହାସଲ କରିବାରେ ମୁଲ୍‌ଡର ଦକ୍ଷିଣ ଆଫ୍ରିକାର ୨ୟ ଓ ବିଶ୍ୱର ୨୯ତମ କ୍ରିକେଟର୍ ହୋଇଛନ୍ତି। ହାସିମ ଅମଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲ୍ ଗ୍ରାଉଣ୍ଡରେ ୩୧୧ ରନର ପାଳି ଖେଳିଥିଲେ। ମୁଲ୍‌ଡର ଆଉ ୩୪ ରନ କରିଥିଲେ ବ୍ରାଏନ ଲାରା (ଅପରାଜିତ ୪୦୦ ରନ)ଙ୍କ ନାମରେ ରହିଥିବା ଟେଷ୍ଟର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରକୁ ଟପିଯାଇଥାନ୍ତେ। ଦକ୍ଷିଣ ଆଫ୍ରିକାର ୬୨୬/୫ ସ୍କୋର ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ୧୭୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି।

## ରାଜ୍ୟ କ୍ରିକେଟ ଶୀର୍ଷକୁ ନେବା ପାଇଁ ଓସିଏର ଉଦ୍ୟମ

କଟକ,୭।୭ (ସମିସ)

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ। ରାଜ୍ୟ କ୍ରିକେଟକୁ ଶୀର୍ଷକୁ ନେବା ପାଇଁ ଓସିଏର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ଆଲୋଚନା ଜୋର ଧରିଛି।

ରାଜ୍ୟରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆୟୋଜନ କରାଯାଉଥିଲେ ସୁଦ୍ଧା ଏହାର ବ୍ୟାପକ ପ୍ରଚାର, ପ୍ରସାର ଅଭାବ ଯୋଗୁଁ ପ୍ରତିଭାବାନ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ଅଣଦେଖା ହୋଇ ରହିଯାଉଥିଲା। ଏଥିରେ ପରିବର୍ତ୍ତନ ଅଣାଯିବା ସହ ମ୍ୟାଚ୍ ଗୁଡିକର ସିଧାପ୍ରସାରଣ ଏଣିକି ଅର୍ନ୍ତଜାତୀୟ ସ୍ତରର ପ୍ଲାଟଫର୍ମରେ ପ୍ରଦର୍ଶନ କରାଯିବ। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଓପିଟିଏଲ ଆୟୋଜନର ମଙ୍ଗ ଧରିବ। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ହୋଇ ସାରିଛି। ଖୁବଶୀଘ୍ର ଓସିଏ ଚୂଡାନ୍ତ ଫ୍ରାଞ୍ଚାଇଜ ତାଲିକା ପ୍ରକାଶ କରିବ। ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବା ପାଇଁ କାର୍ଯ୍ୟଧାରା ଅଗ୍ରଗତି କରିଛି।

### ଓପିଟିଏଲ୍‌କୁ ନେଇ ନୂଆ ଆଶା

ନିକଟ ଅତୀତରେ ରାଜ୍ୟ ବରିଷ୍ଠ ଦଳର ଖେଳାଳି ଏକମାସିଆ ଶ୍ରୀଲଙ୍କା ଗସ୍ତରେ ଯାଇ ୪ଟି ତ୍ରିଦିବସୀୟ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଫେରିଛି। ଉକ୍ତ ଏକ୍ସପୋଜର ଟୁର୍‌ରେ କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନଜରରେ ରଖି ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ତେବେ ଓପିଟିଏଲରେ ପ୍ରତ୍ୟେକ ଦଳରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ସ୍ଥିର କରିଛି ଓସିଏ। ଯେଉଁଥିରେ ବରିଷ୍ଠ ବର୍ଗରୁ ୧୨ଜଣ ଏବଂ ୪ଜଣ କନିଷ୍ଠ ବର୍ଗର ଖେଳାଳି ରହିବେ। ଡ୍ରାଫ୍ଟ ତାଲିକା ଘୋଷଣା ପୂର୍ବରୁ ପ୍ରାଥମିକ ପର୍ଯ୍ୟାୟରେ କନିଷ୍ଠ ବର୍ଗର ୫୦ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରାଯାଉଛି। ସେହିପରି ଅଧିନାୟକତ୍ୱ ନିମନ୍ତେ କିଛି ବରିଷ୍ଠ ଖେଳାଳିଙ୍କ ନାମ ଏବେ ଆଲୋଚନାରେ ଥିବା ବେଳେ ଖୁବଶୀଘ୍ର ଏହା ଘୋଷଣା ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟ କ୍ରିକେଟର ଧାରା ବଦଳିବା ଭଳି ଟୁର୍ଣ୍ଣାମେଣ୍ଟ ହେବ ଓପିଟିଏଲ। ଓଡ଼ିଆ ଖେଳାଳିମାନଙ୍କ ନିମନ୍ତେ ଏହା ଏକ ବଡ ମଞ୍ଚ ସାବ୍ୟସ୍ତ ହେବ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କ ଉପରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ପଡିବ। ଖେଳାଳିମାନେ ସମ୍ପୂର୍ଣ୍ଣ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳିବାର ଅଭିଜ୍ଞତା ପାଇବେ ବୋଲି ସଞ୍ଜୟ ମତ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS